ଚାଣକ୍ୟର ଶପଥ

ଡକ୍ଟର ଅମୂଲ୍ୟ କୃଷ୍ଣ ମିଶ୍ର

Digitized by srujanika@gmail.com

ଚାଣକ୍ୟର ଶପଥ

(ଜାତୀୟ ଚେତନା ମୂଳକ ଗଳ୍ପ ସଙ୍କଳନ)

ଡକ୍ଟର ଅମୂଲ୍ୟ କୃଷ୍ଣ ମିଶ୍ର

ଲାର୍ନ ବୁକ୍ସ

Digitized by srujanika@gmail.com

ଚାଣକ୍ୟର ଶପଥ

ଡକ୍ଟର ଅମୂଲ୍ୟ କୃଷ୍ଣ ମିଶ୍ର

ପ୍ରକାଶକ

ଲାର୍କ ବୁକ୍ସ
ସୁବର୍ଣ୍ଣରେଖା ଚାମ୍ବର୍ସ
ଭୌମ ନଗର
ଭୁବନେଶ୍ୱର ୭୫୧ ୦୦୧

ପ୍ରଥମ ପ୍ରକାଶ

୧୯୯୫

ସତ୍ତ୍ୱାଧିକାରୀ

ଶ୍ରୀମତୀ ଶୈଳବାଳା ମିଶ୍ର
ଧରାସ୍ୱର୍ଗ
୧୯୦, ଖାରବେଳ ନଗର
ଭୁବନେଶ୍ୱର

ପ୍ରଚ୍ଛଦ

ଛନ୍ଦାଚରଣ ଆଚାର୍ଯ୍ୟ

ମୁଦ୍ରଣ

ଶୋଭନ
୧୦୬, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର ୭୫୧ ୦୧୩

ମୂଲ୍ୟ

ତିରିଶ ଟଙ୍କା

CHĀNAKYARA SAPATHA

Dr. Amulya Krushna Mishra

Publisher

LARK BOOKS
Subarnarekha Chambers
Bhauma Nagar
Bhubaneswar 751 001

First Edition

1995

Copyright

Smt. Sailabala Mishra
Dharaswarga
190, Kharvel Nagar
Bhubaneswar

Cover

Chhandacharan Acharya

Printed at

SHOVAN
106, Acharya Vihar
Bhubaneswar 751 013

Price

Rs. 30.00

ISBN : 81-7375-017-3

Digitized by srujanika@gmail.com

ଉତ୍ସର୍ଗ

ଯେଉଁ ସାହସୀ ବୀର

ଓ ବୀରାଙ୍ଗନାମାନେ

ମଣ୍ଡଳ କମିଶନ ରିପୋର୍ଟ

କାର୍ଯ୍ୟକାରୀ କରିବା ବିରୁଦ୍ଧରେ

ନିଜର ଜୀବନ ଉତ୍ସର୍ଗ କରିଛନ୍ତି

ସେମାନଙ୍କ

ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ

ଏହି ଗଳ୍ପ ସଂକଳନ

ଚାଣକ୍ୟର ଶପଥ

ଟେକିଦେଲି ।

ସେମାନଙ୍କ ଆତ୍ମାର ଶାନ୍ତି ହେଉ

ଅମୂଲ୍ୟ କୁଣ୍ଡ

Digitized by srujanika@gmail.com

ପଦେ କଥା

ଗୋଟିଏ ଉତ୍କୃଷ୍ଟ ଜାତିର ଦୁର୍ବଳ ପକ୍ଷୀର ଡ଼େଣାକୁ ବାନ୍ଧିରଖି ଆଉ ଗୋଟିଏ ନିକୃଷ୍ଟ ଜାତିର ସବଳ ପକ୍ଷୀକୁ ଉଡ଼ିବାରେ ସାହାଯ୍ୟ କରିବା କେଉଁ ଧରଣର ସାମାଜିକ ନ୍ୟାୟ ତାହା ଆପଣମାନେ କେବେ ଭାବିଛନ୍ତି ? ଜଣେ ଗରିବ ଅଥଚ ଉଚ୍ଚକୂଳରେ ଜାତ ସନ୍ତାନ ସାଧାରଣ ସାମାଜିକ ନ୍ୟାୟରୁ ବଞ୍ଚିତ ହେଉଥିବା ସ୍ଥଳେ ଧନବାନ୍ ଅଥଚ ତଫସିଲଭୁକ୍ତ ଆଉ ଜଣକୁ ଯୋଗ୍ୟତାଠାରୁ ବେଶୀ ସୁବିଧା ସୁଯୋଗ ଦେବା କି ଧରଣର ସଂରକ୍ଷଣ ନୀତି, ତାହା ସମସ୍ତଙ୍କର ବିଚାର କରିବା ବେଳ ଆସିଲାଣି । ଆମ ଦେଶରେ ସଂରକ୍ଷଣ ନୀତି ପାଳନ କରିଆରେ ତେଲିଆ ମୁଣ୍ଡରେ ତେଲ ଦେବାର ଯେଉଁ ତ୍ରୁଟିପୂର୍ଣ୍ଣ ନୀତି ଅବଲମ୍ବନ କରାଯାଉଛି, ତାହା କେତେଗୋଟି ଗୋଷ୍ଠୀ ଆଉ ପରିବାର ମଧ୍ୟରେ ସଂରକ୍ଷଣ ନୀତିର ସୁବିଧା ଓ ସୁଯୋଗକୁ ସୀମିତ ରଖିଛି, ତାହା ସମସ୍ତେ ଜାଣି ବି ନୀରବ ରହୁଛନ୍ତି ।

ଯେ ଦୁର୍ବଳ ସେ ଜାତିଧର୍ମବର୍ଣ୍ଣ ଗୋଷ୍ଠୀ ନିର୍ବିଶେଷରେ ସମାଜଠାରୁ ତଥା ସରକାରଠାରୁ ଅଧିକା ସୁବିଧା ସୁଯୋଗ ପାଇବା ଉଚିତ । ଏହା କେହି ମନା କରିବେ ନାହିଁ । କିନ୍ତୁ ଯାବତ୍ ଚନ୍ଦ୍ରାର୍କେ ସୁବିଧା ସୁଯୋଗକୁ ନିଜର କରିବାର ମସୁଧାକୁ ସବୁମନ୍ତେ ବିରୋଧ କରିବା ଉଚିତ ।

ଭୋଟବେଙ୍କ ସୃଷ୍ଟିକରିବା ଅଭିପ୍ରାୟରେ ବିଭିନ୍ନ ରାଜନୈତିକ ଦଳ ଶକୁନି ଭଳିଆ କପଟପାଶାର ଯେଉଁ ଖେଳ ଖେଳୁଛନ୍ତି, ତାହା ବେଳ ଗଡ଼ିଯିବା ପୂର୍ବରୁ ବନ୍ଦ କରିବାକୁ ହେବ । ନଚେତ୍ ମହାଭାରତ ସମର ଯେ ଅବଶ୍ୟମ୍ଭାବୀ, ତାହା ଅପ୍ରିୟ ସତ୍ୟ ହେଲେ ବି ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ।

Digitized by srujanika@gmail.com

ସଂରକ୍ଷଣ ନୀତିର ଅପପ୍ରୟୋଗ ହେତୁ ଆମ ସମାଜରେ ଯାହା ଘଟିଛି, ଯାହା ଘଟୁଛି ଏବଂ ଯାହା ଘଟିବାର ସମ୍ଭାବନା ଅଛି, ତାହାର ଏକ ଝଲକ ସମସ୍ତଙ୍କ ଆଗରେ ଉପସ୍ଥାପନା କରିବା ଏ ଗଳ୍ପ ସଂକଳନର ଉଦ୍ଦେଶ୍ୟ । ଗୋଟିଏ ଦେଶରେ ସମସ୍ତଙ୍କ ପାଇଁ ଗୋଟିଏ ଆଇନ କାନୁନ ଉଦ୍ଦିଷ୍ଟ ନ ହେଲେ ଦେଶରେ ଯେ ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ସୃଷ୍ଟି ହୋଇ ପାରିବ ନାହିଁ, ତାହା ସ୍ୱାଧୀନୋତ୍ତର ଭାରତବର୍ଷରେ ବହୁବାର ପରିକ୍ଷିତ ଓ ପ୍ରମାଣିତ ହୋଇ ସାରିଛି ।

ଦୁର୍ଗ ପତନର ବେଳ ଆସିଗଲାଣି । ତେଣୁ ଚାଣକ୍ୟ ଭଳିଆ ଶପଥ ନେଇ ଦେଶକୁ ବଞ୍ଚାଇବାକୁ ହେବ ।

ଏହି ଗଳ୍ପ ସଂକଳନ କରିବାରେ ମୋର ସହଧର୍ମିଣୀଙ୍କ ପ୍ରେରଣା ଭୁଲିବାର ନୁହେଁ । ଏଇ ଗଳ୍ପ ଗୁଡ଼ିକର ବିଷୟବସ୍ତୁ ଶୁଣି ଲାର୍କ ବୁକ୍‌ସର ସ୍ୱତ୍ୱାଧିକାରୀ ଶ୍ରୀ ମହେନ୍ଦ୍ର ମିଶ୍ର ସ୍ୱତଃପ୍ରବୃତ୍ତ ହୋଇ ଏହି ଗଳ୍ପ ପ୍ରକାଶନ କରିବାରେ ଆଗ୍ରହ ଦେଖେଇଥିବାରୁ ତାଙ୍କୁ ମୋର ଅଶେଷ ଧନ୍ୟବାଦ ।

ସୁଧୀ ପାଠକପାଠିକା ଏ ଗଳ୍ପଗୁଡ଼ିକୁ ପଢ଼ି ଦେଶର ସଠିକ୍ ପରିସ୍ଥିତି ବିଷୟରେ ସଚେତନ ହୋଇପାରିଲେ ମୋର ଶ୍ରମ ସାର୍ଥକ ହେବ ।

ଅମୂଲ୍ୟ କୃଷ୍ଣ ମିଶ୍ର

Digitized by srujanika@gmail.com

ସୂଚୀ

ଧର୍ମାବତାର	୧
ଚାଣକ୍ୟର ଶପଥ	୧୧
ଜୟଚନ୍ଦ୍ର	୨୦
ଶ୍ରୀ ଚାରିଶବିଶ୍	୨୬
ବଡ଼ ହାକିମ	୩୭
ଅପରାଧୀ କିଏ ?	୪୮
ଏକାକାର	୫୩
ବାଦୁଡ଼ି	୬୦
ଦୁର୍ଗ ପତନ	୬୪

Digitized by srujanika@gmail.com

ଧର୍ମାବତାର

ବିଶ୍ୱବନ୍ଧୁ ସିଂହଙ୍କ ହିଟଲରୀ ନିଶ ସାଙ୍ଗକୁ ଚନ୍ଦାମୁଣ୍ଡ ଆଉ ଚପ୍‌କନ୍ ସାଙ୍ଗକୁ ଯୋଧପୁରୀ କୋଟ୍ ବେଶ ଛମୁଥିଲା। ତାଙ୍କୁ ପୁଣି ନେତା ନ କହିବାର ଯୁ କାହାର ଅଛି? ଯମୁନାଦେବୀ ଦେଶର ନେତ୍ରୀ ଥିବା ସମୟରେ ତାଙ୍କୁ ଖୋସାମଦ କରିବାରେ ସେ ଧୁରନ୍ଧର ଥିଲେ। ଦରକାର ପଡ଼ିଲେ ଯମୁନାଦେବୀଙ୍କ ଚଟିବି ଉଠେଇ ପକଉଥିଲେ। ଅବଶ୍ୟ ଏସବୁ କରିବା ସମୟରେ ତାଙ୍କ ବୁନିଆଦିକୁ ବାଧୁଥିଲା। ଯାହାହେଲେ ବି ରାଜପୁତ ଘରାନାର ଲୋକ? ଯେତେ ଛୋଟ ରାଜ୍ୟ ହେଲେ ବି ଗୋଟିଏ ଦେଶୀୟ ରାଜ୍ୟର ରାଜ ପରିବାରର ଲୋକ ସେ – ହୁଅନ୍ତୁ ଅବା କନଉଜର ଜୟଚନ୍ଦ୍ରଙ୍କ ବଂଶଧର? ରାଜବଂଶର ଲୋକ ତ!

ଯମୁନା ଦେବୀଙ୍କ ଭଲମନ୍ଦ ସବୁ ନୀତିକୁ ସମର୍ଥନ କରି ସେ ଧୀରେ ଧୀରେ ତାଙ୍କ ଦୃଷ୍ଟି ଆକର୍ଷଣ କଲେ। ଦିନେ ହଠାତ୍ ଯମୁନା ଦେବୀଙ୍କ କୃପାରୁ ମନ୍ତ୍ରୀମଣ୍ଡଳରେ ଗୋଟିଏ ଉପାଧ୍ୟାର ସ୍ଥାନ ମିଳିବାରୁ ନିଜକୁ ଧନ୍ୟ ମନେ କଲେ ବିଶ୍ୱବନ୍ଧୁ ବାବୁ। ତାଂଙ୍କ ଘଆସରେ ସେ ଦିନ ଏକ ବିରାଟ ଭୋଜିର ଆୟୋଜନ କରାଯାଇଥିଲା।

ଦେଶର ରାଜନୀତିକୁ ସୁହାଇଲା ଭଳିଆ ଅନେକ ଗୁଣର ଅଧିକାରୀ ଥିଲେ ବିଶ୍ୱବନ୍ଧୁ ବାବୁ। ମନ୍ତ୍ରୀ ହେଲା ଦିନରୁ ତାଙ୍କୁ ଲୋକେ ଡାକିଲେ 'ବିବି ସିଂହ ସାହେବ' – ଯାହା କ୍ରମେ କ୍ରମେ କେବଳ 'ବିବି ସାହେବ' ରୂପରେ ପରିଣତ ହେଲା। ସାଧାରଣ ଲୋକେ ବିବି ବୋଲି ଡାକିଲେ।

ବିବି ସାହେବ ଘରେ ରାଜକୀୟ ଆଢ଼ାରେ ଚଳୁଥିଲେ। ବାହାରେ କିନ୍ତୁ ସାମ୍ୟବାଦ ଆଉ ସମାଜବାଦ ଉପ୍ରରେ ଲମ୍ୱା ଲମ୍ୱା ଲେକ୍‌ଚର ଦେଇ ପାରୁଥିଲେ। ଦୀନ ଦୁଃଖୀଙ୍କ ପାଇଁ ହୃଦୟରେ ତାଙ୍କର ଦରଦ ଥାଉ ନ ଥାଉ ସେମାନଙ୍କ ପାଇଁ ଆଖିରେ ତାଙ୍କର ଥିଲା ପ୍ରଚୁର ଲୁହ। ଆଉ ଏ ଲୁହର ଫାଇଦା ସେ ଉଠେଇବାରେ ଧୁରନ୍ଧର ଥିଲେ। ଏମିତି ହୋଇ ତାଙ୍କର ଲୋକପ୍ରିୟତା ବି ବଢ଼ିଲା। ଆମ ସମାଜରେ ପ୍ରକୃତରେ କିଏ କ'ଣ ତାହା ପରଖିବାକୁ ଲୋକଙ୍କ ବେଳ କାହିଁ? ଯେ ଦେଖେଇ ହେଇ ପାରିଲା ତା'ର ହିଁ ଆଧିପତ୍ୟ ବ୍ୟାପିବାରେ ଲାଗିଲା। ସେଥିପାଇଁ ଆମର ସବୁ କ୍ଷେତ୍ରରେ ଦକ୍ଷ କର୍ମୀ ଅପେକ୍ଷା ଚତୁର ଅଭିନେତା ବେଶି ପାରଦର୍ଶିତା ଲାଭ କଲେ।

ଯମୁନା ଦେବୀଙ୍କ ଭଳିଆ ଚାଣୁଆ ଆଉ ଚତୁର ନେତା ମଧ୍ୟ ବିବି ସାହେବଙ୍କ ଅଭିନୟରେ ପ୍ରଭାବିତ ହେଲେ। ବିବିଙ୍କ ଅଭିନୟ-ଯାଦୁ ବେଶ୍ ଖାଟିଲା ନେତ୍ରୀଙ୍କ ଉପରେ। ବଡ଼ ବଡ଼ ପୁରୁଖା ଆଉ ବିଶ୍ୱାସୀ କର୍ମୀଙ୍କୁ ଛାଡ଼ି ଯମୁନା ଦେବୀ ଅନେକ ଜରୁରୀ ଓ ଗୋପନୀୟ କାମରେ ବିବିଙ୍କ ଉପଦେଶ ଗ୍ରହଣ କଲେ। ବିବି କେବଳ ଚାଲାକ ନ ଥିଲେ, ଧୂର୍ତ୍ତ ଥିଲେ ମଧ୍ୟ। ସର୍ବୋଚ୍ଚ ନେତାଙ୍କୁ ସାହାଯ୍ୟ କରିବା ବାହାନାରେ ତାଙ୍କ

Digitized by srujanika@gmail.com

ଅଜାଣତରେ ଅନେକ ଗୋପନୀୟ ତଥ୍ୟ ସଂଗ୍ରହ କଲେ। ନିଜ ଦଳର ଅନେକ ଗୁପ୍ତ ଭେଦ ବି ଜାଣି ପାରିଲେ।

ଦିନେ ହଠାତ୍ ଆତତାୟୀର ଗୁଳିରେ ଯମୁନାଦେବୀ ଢଳି ପଡ଼ିଲେ। ଦେଶସାରା ଚହଳ ପଡ଼ିଗଲା। ସେଦିନ ବିବିଙ୍କ ଆଖିରୁ ଲୁହର ଧାରା ବନ୍ଦ ହେଲାନି। ଯମୁନାଦେବୀଙ୍କ ପୁଅ ରାଜାରାମ ବାବୁଙ୍କ ଠୁଁ ବି ବେଶିମାତ୍ରାରେ ଲୁହ ଗଡ଼ିଲା ବିବିଙ୍କର। ଭାରତୀୟ ପରମ୍ପରା ଅନୁସାରେ ଯମୁନା ଦେବୀଙ୍କ ପରେ ନେତୃତ୍ୱର ଭାର ପଡ଼ିଲା ରାଜାରାମ ବାବୁଙ୍କ କାନ୍ଧରେ। ବିଚାରା ନିରୀହ ଲୋକ – ଭଦ୍ରଲୋକଟିଏ। ବିବିଙ୍କ କୁମ୍ଭୀର କାନ୍ଦଣାକୁ ବୁଝି ନ ପାରି ତାଙ୍କୁ ଅତି ଉଚ୍ଚ ପାହ୍ୟାର ମନ୍ତ୍ରୀ କଲେ। ମୁଖ୍ୟ ବିଭାଗମାନ ହାତରେ ରଖି ବିବି ଶାସନ କଳକୁ ନିଜ କବ୍ଜାରେ ରଖିଲେ। ପୁଅମାନଙ୍କୁ ବିଦେଶକୁ ପଠେଇ ସେମାନଙ୍କୁ ବିଦେଶୀ ଭାରତୀୟ (ନନ୍ ରେସିଡେଣ୍ଟ ଇଣ୍ଡିଏନ୍ ବା ଏନ୍. ଆର୍. ଆଇ.) ଭାବରେ ରଖି ସେମାନଙ୍କ ହାତରେ ନିୟୁତ ନିୟୁତ ଡଲାର ଠୁଳ କରାଇଲେ କିନ୍ତୁ ଦେଶ ଭିତରେ ସମାଜବାଦର ଡ୍ରାମା ଚାଲିଥିଲା ଅତି ଚତୁରତାର ସହିତ।

ବିବି ନିଜର ଅଭିନୟରେ କେବଳ ରାଜାରାମ ବାବୁଙ୍କୁ କାବୁରେ ରଖି ନ ଥିଲେ, ପରନ୍ତୁ ସମଗ୍ର ଦେଶବାସୀଙ୍କୁ ବି କିମିଆ କରି ଦେଇଥିଲେ। ତାପରେ ବିବିଙ୍କ କାର୍ଯ୍ୟକଳାପରେ ଦେଖାଗଲା ନେତାଙ୍କ ପ୍ରତି ବେଖାତିର ଭାବ – ତାଙ୍କ ବ୍ୟବହାରରୁ ଜଣାଗଲା ସତେ ଯେମିତି ସେ ହିଁ ଦେଶର ସର୍ବୋଚ୍ଚ ନେତା। ରାଜାରାମ ବାବୁ ବିବିଙ୍କ ଏହି ବିଶ୍ୱାସଘାତକ ଗୁଣ ଜାଣିଲା ବେଳକୁ ନେଡ଼ି ଗୁଡ଼ କହୁଣୀକୁ ବୋହି ଯାଇଥିଲା। ରାଗିକି ବିବିଙ୍କୁ କୈଫିୟତ ତଲବ କଲାବେଳକୁ ବିବି ବିଦ୍ରୋହ କଲେ। ସରକାରରୁ ଇସ୍ତଫା ଦେଇ ମିଶିଗଲେ ବିରୋଧୀ ଦଳମାନଙ୍କ ସାଙ୍ଗରେ। ରାଜାରାମ ବାବୁଙ୍କ ସରକାରର ଭୁଲ ଭଟକା ପ୍ରଚାର କରି ବିରୋଧୀ ଦଳ ନେତାମାନଙ୍କ ଠାରୁ ବାହାବା ପାଇଲେ। ନିଜର ସଚ୍ଚୋଟପଣିଆ ପ୍ରମାଣିତ କରିବା ପାଇଁ ସେ ବହୁବାର ପ୍ରଚାର କଲେ ଯେ ସେ ସରକାରର ମୁଖ୍ୟ ହେବା ପାଇଁ ଚାହାନ୍ତି ନାହିଁ କିନ୍ତୁ ରାଜାରାମ ବାବୁଙ୍କର ଦୁର୍ନୀତିଗ୍ରସ୍ତ ସରକାରର ପତନ ଚାହାନ୍ତି।

ଚତୁରତାର ସହିତ ନିଜର ଦୁର୍ନୀତିର ଅଠା ରାଜାରାମ ବାବୁଙ୍କ ମୁଣ୍ଡରେ ବୋଳି ଦେଇ ବିବିଙ୍କ ଅଭିଯାନ ଚାଲିଲା 'ରାଜାରାମ ହଟାଓ'। ଏତେ ଦକ୍ଷ ଆଉ ଏତେ ବଡ଼ ମନ୍ତ୍ରୀ ମାରଣାରେ ଇସ୍ତଫା ଦେଇଛନ୍ତି ? ଲୋକେ ନିଜ ନିଜ ଭିତରେ ଆଲୋଚନା କଲେ। ନିଶ୍ଚୟ କିଛି ଭିତିରି ଜିନିଷ ଅଛି। ତେଣୁ ବିରୋଧୀ ଦଳ ସହିତ ଏକ ଦେଶସେବକ ମୋର୍ଚ୍ଚା ଗଠନ କଲେ। ଦେଶର ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣରୁ ଢଳି ହୋଇ ପଡ଼ିଲା ବିବିଙ୍କ ପ୍ରତି ସହାନୁଭୂତି। ଯେଉଁ ବଂଶଗତ ଶାସନର ତିନିପୁରୁଷର ପଦଲେହନ କରି ସେ ରାଜନୈତିକ କ୍ଷମତା ହାସଲ କରିଥିଲେ, ତାର ବିରୁଦ୍ଧରେ ସେ ତୀବ୍ର ସ୍ୱର ଉତ୍ତୋଳନ କଲେ। ଯମୁନା ଦେବୀ ଆଉ ରାଜାରାମବାବୁ ତଥା ସେମାନଙ୍କ ଚଉଦ ପୁରୁଷକୁ ପବ୍ଲିକ ଲେକ୍‌ଚରରେ ଶୋଧି ଦେଇ ଗଲେ ବିବି ସାହେବା। ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ତାଙ୍କର ଲେକ୍‌ଚରରେ ସେ ସମସ୍ତଙ୍କୁ ମୋହି ଦେଲେ।

Digitized by srujanika@gmail.com

"ମୁଁ ସର୍ବୋଚ୍ଚ ଶାସକ ହେବିନାହିଁ ବୋଲି ପ୍ରତିଜ୍ଞା କରୁଛି କିନ୍ତୁ ଆପଣମାନେ ରାଜାରାମ ବାବୁଙ୍କ ବଂଶଗତ ଶାସନକୁ ହଟାନ୍ତୁ।" ଏ ଥିଲା ବିବିଙ୍କ ସବୁ ଭାଷଣର ଏକ ନିଶ୍ଚିତ ଅଂଶ।

ଗୋଟିଏ ଦୁନୀତିଗ୍ରସ୍ତ ସମାଜରେ ଦୁର୍ନୀତି ବିରୁଦ୍ଧରେ ବିବିଙ୍କ ଭାଷଣ ଏପରି ଭାବରେ କାଟୁ କରିବ ବୋଲି ସେ ବି ଭାବି ନ ଥିଲେ। ରାଜାରାମ ବାବୁଙ୍କ ବିରୁଦ୍ଧରେ ଜନ ଜାଗରଣ ଏପରି ତୀବ୍ର ହେଲା ଯେ, ରାଜାରାମ ବାବୁ ବହୁ ସଂଖ୍ୟାଗରିଷ୍ଠତାରେ ସରକାର ଗଢ଼ିଥିଲେ ମଧ ପାଞ୍ଚବର୍ଷିଆ ସମୟ ସୀମା ପୂର୍ବରୁ ସାଧାରଣ ନିର୍ବାଚନ ଘୋଷଣା କରିବାକୁ ବାଧ ହେଲେ।

ଦିନେ ଯେଉଁ ମାନଙ୍କର ପଦ ଲେହନ କରି ବିବି ନେତୃତ୍ୱର ନିଶୁଣିରେ ଚଢ଼ିବାକୁ ସମର୍ଥ ହୋଇଥିଲେ, ଆଜି ସେମାନଙ୍କ ମସ୍ତକରେ ପଦାଘାତ କଲେ; ଦିନେ ଯେଉଁମାନଙ୍କ ଯଶଗାନ କରି ନିଜକୁ ଗୌରବାନ୍ୱିତ କରୁଥିଲେ, ସେମାନଙ୍କ ବିରୁଦ୍ଧରେ କୁତ୍ସାରଟନା କରିବା ବିବିଙ୍କର ପ୍ରଧାନ କର୍ତ୍ତବ୍ୟ ହେଲା। ରାଜାରାମ ତଥା ବଂଶଗତ ଶାସନ ବିରୁଦ୍ଧରେ ପ୍ରାୟ ସବୁ ବିରୋଧୀ ଦଳ ସ୍ୱର ଉତ୍ତୋଳନ କଲେ ଏବଂ ଶେଷରେ ଦେଶର ଭୋଟଦାତାଗଣ ବଂଶଗତ ଶାସନ ବିରୁଦ୍ଧରେ ମତ ପ୍ରଦାନ କଲେ।

ସେ ଦିନ ବିବିଙ୍କ କେମ୍ପ ଉତ୍ସବମୁଖର ହୋଇ ଉଠିଥିଲା। ଦେଶସେବକ ମୋର୍ଚ୍ଚା ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ ସିନା କରି ପାରିଲାନାହିଁ; କିନ୍ତୁ ରାଜାରାମ ବାବୁଙ୍କୁ ବିରୋଧ କରୁଥିବା ଦଳମାନେ ମିଶି ସଂଖ୍ୟାଗରିଷ୍ଠତା ହାସଲ କଲେ। ବିବି ଅତି ଚମତ୍କାର ଭାବରେ ଅଭିନୟ ଚାତୁରୀ ପ୍ରୟୋଗ କରି ଅର୍ଥାତ୍ ଷ୍ଟେଜ୍ ମେନେଜ୍ କରି ନୂତନ ମୋର୍ଚ୍ଚାର ନେତା ଭାବରେ ଉଭା ହେଲେ ଏବଂ ନିଜର ପ୍ରତିଜ୍ଞାକୁ ଭୁଲିଯାଇ ଦେଶର ମୁଖ୍ୟପଦ ପାଇଁ ପ୍ରାର୍ଥୀ ହେଲେ। ଦେଶର ମୁଖ୍ୟ ହେବାକୁ କିଏ ବା ନ ଚାହିଁବ? ରାଜନୈତିକ ପ୍ରତିଜ୍ଞା ଧୂଆଁବାଣ ଛଡ଼ା ଆଉ କ'ଣ? ବିବିଙ୍କ ଡ୍ରାମା ବି ସେହି ଦିଗରେ ଉଦ୍ଦିଷ୍ଟ ଥିଲା। ଡ୍ରାମାର ଭିଲିଏନ୍ ଆଜି ହିରୋ ସାଜିଲା।

ବିବି ଦେଶର ମୁଖ୍ୟ ହେଲାଦିନରୁ ତାଙ୍କ ମନ ଭିତରେ ଯୋଜନା ଚାଲିଲା ନିଜର ଗାଦିକୁ ଦୃଢ଼ କରିବା ପାଇଁ। ନିଜକୁ ଧର୍ମନିରପେକ୍ଷ ବୋଲି ଲୋକଙ୍କ ସାମନାରେ ଉପସ୍ଥାପନା କରିବାର ଡ୍ରାମାରେ ସଫଳ ଲାଭ କରିଥିବା ବିବି ଗାଦିରେ ବସି ସାରିବା ପରେ ସଂଖ୍ୟାଲଘୁ ମାନଙ୍କ ଭୋଟକୁ ନିଜ ପକେଟରେ ରଖିବାକୁ ଉପାୟ ପାଞ୍ଚିଲେ। ସେତେବେଳେକୁ ତାଙ୍କ ସାଙ୍ଗକୁ ଜୁଟିଲେ ଦୁଇଜଣ କଚ୍ଚରପଞ୍ଚା ଚେଲା – ବିକାସ ବାବୁ ଆଉ ଶରତ ବାବୁ। ସେମାନେ ବିବିଙ୍କୁ ଉସ୍କେଇଲେ ସବର୍ଣ୍ଣ ଓ ଅସବର୍ଣ୍ଣ ଭିତରେ ଭେଦଭାବକୁ ଦୃଢ଼ୀଭୂତ କରିବା ସଙ୍ଗେ ସଙ୍ଗେ ସବର୍ଣ୍ଣ ମାନଙ୍କ ଭିତରେ ଆଗୁଆ ଓ ପଛୁଆ ବିଭାଗ ସୃଷ୍ଟି କରି ସେମାନଙ୍କ ଭିତରେ ବିଭେଦ ଆଣିବା ପାଇଁ। ବ୍ରିଟିଶ୍ ସରକାର ଡିଭାଇଡ ଏଣ୍ଡ ରୁଲ୍ ନୀତି ବ୍ୟବହାର କରି ଶାସନ ଚଳାଇଥିଲେ, ବିବିଙ୍କ ଦୁଇ ବନ୍ଧୁ ସବ୍‌ଡିଭାଇଡ୍

Digitized by srujanika@gmail.com

ଏଣ୍ଡ ରୁଲ୍ ନୀତି ଅନୁସରଣ କରିବା ପାଇଁ ନେତାଙ୍କୁ ମନ୍ତ୍ରଣା ଦେଲେ। ଚତୁର ବିବିଙ୍କ ମନକୁ ଏ ପରାମର୍ଶ ବେଶ୍ ପାଇଲା।

ଗାଦିରେ ବସୁ ବସୁ ପ୍ରଥମେ କିଛିଦିନ ସାମାଜିକ ପ୍ରତିଷ୍ଠା ହାସଲ କରିବା ପାଇଁ ଜନସେବକ ମୋର୍ଚ୍ଚାର ନେତାମାନେ ଲାଗି ରହିଲେ। ରାଜାରାମ ବାବୁଙ୍କ ସ୍ୱରାଜ ପାର୍ଟିରେ ଥିଲାବେଳେ ବିବି ନିଜର ସାମାଜିକ ପ୍ରତିଷ୍ଠା ସ୍ଥାପନ କରି ସାରିଥିଲେ। ଦେଶର ବଡ଼ ବଡ଼ ସହରରେ ଅନେକ ସମ୍ପତ୍ତି ବେନାମୀ ଭାବରେ ଠୁଳ କରିବା ସଙ୍ଗେ ସଙ୍ଗେ ପୁଅମାନଙ୍କୁ ବିଦେଶରେ ବ୍ୟବସାୟ କରାଇ ଅଜସ୍ର ସମ୍ପତ୍ତିର ସେ ଅଧିକାରୀ ହୋଇ ପାରିଥିଲେ। ଏସବୁ ସତ୍ତ୍ୱେ ଚତୁର ବିବି ନିଜକୁ ସମାଜବାଦୀ ରୂପେ ପରିଚିତ କରାଇ ସାମ୍ୟବାଦୀ ଦଳ ସହିତ ତାଙ୍କ ବନ୍ଧନକୁ ଟାଣ କରି ପାରିଥିଲେ।

ବିଳାସ ବାବୁ ତଥାକଥିତ ହରିଜନ ନେତା ସିନା ଥିଲେ, କିନ୍ତୁ ନିଜର ବୁଦ୍ଧି ବଳରେ ବିରୋଧୀ ଦଳରେ ଥାଇ ମଧ୍ୟ ଅନେକ କିଛି ଧନ ଉପାର୍ଜ୍ଜନ କରି ପାରିଥିଲେ। ଦେଶର ରାଜଧାନୀରେ କ୍ଷମତାସୀନ ହୋଇ ସାରିବା ପରେ ସେ ପ୍ରଥମେ ପରିବର୍ତ୍ତନ କଲେ ନିଜ ସ୍ତ୍ରୀକୁ। ମଫସଲ ଅଞ୍ଚଳର ଜଣେ ମହିଳା ପୁଣି ବିଳାସ ବାବୁଙ୍କ ସ୍ତ୍ରୀ ହେବ! ଏ କଥା ତାଙ୍କୁ ପସନ୍ଦ ଆସିଲା ନାହିଁ। ରାଜଧାନୀର ଜଣେ ଉଚ୍ଚବଂଶଜାତ ସୁନ୍ଦରୀ ସ୍ତ୍ରୀକୁ ବିବାହ କରି ବିଳାସ ବାବୁ ବିଳାସୀ ଭାବରେ ଜୀବନଯାପନ କରିବାକୁ ଲାଗିଲେ। ମଫସଲୀ ସ୍ତ୍ରୀକୁ ସେ ପରିତ୍ୟାଗ କରି ନ ଥିଲେ। ରାଜଧାନୀରେ ନିଜ ଘରେ ତାଙ୍କୁ ଚାକରାଣୀ ଭାବରେ ଝଟାଉ ଥିଲେ।

ଶରତ ବାବୁଙ୍କ କଥା ଛାଡ଼। ସେ ଥିଲେ ତଥାକଥିତ ପଛୁଆ ଜାତିର ନେତା। ପୁରୁଷ ପୁରୁଷ ଧରି ଶରତ ବାବୁ କ୍ଷୀରରେ ନାଳ ନର୍ଦ୍ଦମାର ପାଣି ମିଶାଇ କ୍ଷୀର ଦରରେ ବିକ୍ରୀ କରି ବେଶ୍ ଉପାର୍ଜ୍ଜନ କରିଥିଲେ ବି କେବେ କ୍ଷମତାର କାଉଁରିକାଠି ବାଜି ନ ଥିଲା ତାଙ୍କ ଦେହରେ। ଶୁଖିଲା ଭୂଇଁ ପ୍ରଥମ ବର୍ଷାର ପାଣିକୁ ଯେମିତି ସବୁ ମାତ୍ରାରେ ଶୋଷି ନିଏ, ଶରତ ବାବୁଙ୍କ ଭୋକିଲା ମନ ପ୍ରଥମ କ୍ଷମତାର ସ୍ପର୍ଶରେ ସବୁ କିଛି ପ୍ରତି ,ଲୋଭେଇ ପଡ଼ିଲା। ଜମିବାଡ଼ି, ଘରଦ୍ୱାର, ରୂପସୀ ପ୍ରେୟସୀ ସବୁ କିଛି ହାସଲ କରିବା ପାଇଁ ତତ୍ପର ହୋଇ ପଡ଼ିଲେ ସେ।

ଚାରିଦଶକର ଶାସନରେ ସ୍ୱରାଜ ପାର୍ଟି ଦେଶର ପଛୁଆ ଜାତିର ଲୋକଙ୍କ ପାଇଁ କିଛି କରି ନାହିଁ ବୋଲି ପ୍ରଚାର କରି ବିବି ସାହେବଙ୍କ ସରକାର ସେମାନଙ୍କ ଉନ୍ନତିର ପଥ ସୁଗମ କରିବା ପାଇଁ ତଥାକଥିତ ଆଗୁଆ ଜାତି ଉପରେ ଟିକସ ବସାଇଲେ। ଏ ଟିକସ ଆଉରଙ୍ଗଜେବ୍‌ଙ୍କ ଜିଜିୟା କରଠାରୁ ଭିନ୍ନ ନ ଥିଲା। ଧନୀ ଦରିଦ୍ର ସମସ୍ତ ହିନ୍ଦୁ ଯେମିତି ଜିଜିୟା କରର ଅନ୍ତର୍ଭୁକ୍ତ ଥିଲେ, ଧନୀଦରିଦ୍ର ସମସ୍ତ ଆଗୁଆ ଜାତିର ଲୋକଙ୍କ ଉପରେ ନୂତନ ଉନ୍ନତି କର ବସିଲା।

ବିଚାରା ରଘୁବୀର ବିବି ସାହେବଙ୍କ ଗାଁ ପାଖର ପିଲା। କ୍ଷତ୍ରୀୟ ଜାତିର ବୋଲି ସପରିବାର ସେମାନେ ବିବି ସାହେବଙ୍କୁ ହିଁ ସମର୍ଥନ କରି ଆସୁଥିଲେ। ତଥାକଥିତ ଆଗୁଆ

Digitized by srujanika@gmail.com

ଜାତିରେ ସିନା ଜନ୍ମ ହୋଇଥିଲା; କିନ୍ତୁ ରଘୁବୀରର ଆର୍ଥିକ ଅବସ୍ଥା ବଡ଼ ଦୁର୍ବଳ ଥିଲା। ତାର ବାପା-ଜେଜେବାପା ଅମଳରୁ ସେମାନେ ଗରିବ ଥିଲେ। ତେଣୁ ତା' ବାପା ବୁଦ୍ଧିମାନ ହୋଇ ମଧ୍ୟ ବେଶୀ ପାଠ ପଢ଼ି ପାରି ନ ଥିଲେ। କିନ୍ତୁ ସ୍କୁଲ ପାଠ ପରେ ନିଜ ଉଚ୍ଚ ଶିକ୍ଷାର ମନ ରଘୁବୀରକୁ ଅସ୍ତବ୍ୟସ୍ତ କରି ପକାଇଥିଲା। ସେ ଟିଉସନ୍‌କରି, ନିଜର ବଳକା ସମୟରେ ଯା ଦୋକାନରେ ତା ଦୋକାନରେ କାମ କରି ପଇସା ରୋଜଗାର କଲା ଆଉ ନିଜର ଉଚ୍ଚ ଶିକ୍ଷାର ସ୍ୱପ୍ନକୁ ସାକାର କଲା। ମେଧାବୀ ଛାତ୍ର ରଘୁବୀର ସବୁ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସମସ୍ତଙ୍କୁ ଚମତ୍କୃତ କଲା। ସବୁ ପ୍ରତିଯୋଗିତାରେ ମଧ୍ୟ ସେ ଶୀର୍ଷ ସ୍ଥାନ ଅଧିକାର କଲା।

ରଘୁବୀର ଆଶା କରିଥିଲା ତାକୁ ଯୋଗ୍ୟତା ଭିତ୍ତିରେ ବଡ଼ ଚାକିରି ମିଳିବ। ଅନେକ ଦିନ ପରେ ସେମାନଙ୍କ ଆର୍ଥିକ ଅବସ୍ଥା ସୁଧୁରିଯିବ ବୋଲି ତାର ବାପାମା ସ୍ୱପ୍ନ ଦେଖିବାକୁ ଆରମ୍ଭ କଲେ। କିନ୍ତୁ ସେହି ସ୍ୱପ୍ନରେ କୁଠାରାଘାତ କଲା ଦେଶର ନୂତନ ଆଇନ। ପିତୃପୁରୁଷଙ୍କ ଦୋଷ ପାଇଁ ଉତ୍ତରାଧିକାରୀ ମାନଙ୍କର ଦଣ୍ଡ ଭୋଗିବାର ବ୍ୟବସ୍ଥା ଥିଲା ଏହି ଆଇନରେ। କ୍ଷତ୍ରୀୟ ବଂଶରେ ଜନ୍ମ ହୋଇଥିବାରୁ ତାର ପୂର୍ବ ପୁରୁଷମାନେ ନିଶ୍ଚିତ ଭାବରେ ପଛୁଆ ଜାତିର ଲୋକମାନଙ୍କ ଉପରେ ଅତ୍ୟାଚାର କରିଥିବା ଦୋଷରେ ବିଚାରା ରଘୁବୀରକୁ ଚାକିରି ମିଳିଲା ନାହିଁ। ତା ଜାଗାରେ ସେ ଚାକିରି ମିଳିଲା ବିଳାସବ୍ୟସନରେ ବଢ଼ିଥିବା ବିଳାସବାବୁଙ୍କ ପୁତୁରା ପାଠଚୋର ଓ ଧୂର୍ତ୍ତ ରଘୁବୀରର ସହପାଠୀ ରମେଶ ରାମକୁ। ହାୟରେ ଦେଶର ଅନ୍ଧାକାନୁନ, ରଘୁବୀର ମନେ ମନେ ବିଚାର କଲା।

ଛୋଟ ବେଳର ଛେଳିଛୁଆ ଆଉ ବାଘ କଥା ତାର ମନେ ପଡ଼ିଲା। ତଳମୁଣ୍ଡରେ ପାଣି ପିଉଥିବା ନିରୀହ ଛେଳିଛୁଆ ଉପରମୁଣ୍ଡ ନଈର ପାଣି ସିନା ଗୋଳିଆ କଲାନାହିଁ, ତାର ପୂର୍ବପୁରୁଷ ମାନେ ଗୋଳିଆ କରିଥାଇ ପାରନ୍ତି ଅପରାଧରେ ସେ ଯେମିତି ବାଘର ଶିକାର ହେଲା, ସେମିତି ପୂର୍ବପୁରୁଷମାନେ ପଛୁଆ ଜାତି ଉପରେ ଅତ୍ୟାଚାର କରି ଥାଇ ପାରନ୍ତି ଅପରାଧରେ ଯୋଗ୍ୟତା ଥାଇ ମଧ୍ୟ ବିଚାରା ରଘୁବୀରକୁ ଚାକିରି ମିଳିଲା ନାହିଁ।

ଦେଶର ଆଇନ ବିରୁଦ୍ଧରେ ସଂଗ୍ରାମ କରିବାକୁ ଇଚ୍ଛା ହେଲା ରଘୁବୀରର। କିନ୍ତୁ ଆଗୁଆ ଜାତି ବିରୁଦ୍ଧରେ ବିଳାସବାବୁଙ୍କ ବିକ୍ଷୋଦ୍‌ଗାର ତାର ନିରୀହ ମନରେ ଭୟର ଉଦ୍ରେକ କରାଇଲା। ରାଜଧାନୀର ବିରାଟ ମଇଦାନରେ କିଛିଦିନ ତଳେ ବିଳାସବାବୁ କହିଥିଲେ, ''ସଂଖ୍ୟାଲଘୁ, ଅନୁସୂଚିତ ଜାତି ଓ ଉପଜାତି ଏବଂ ପଛୁଆ ଜାତି ମିଶି ଆମେ ହେଲୁଁ ଦେଶର ଶତକଡ଼ା ତେୟାଅଶୀ ଭାଗ। ତେଣୁ ପୁରୁଷ ପୁରୁଷ ଧରି ଶାସନ କରି ଆସିଥିବା ଏହି ଦୁଷ୍ଟ ଆଗୁଆ ଜାତିର ଶତକଡ଼ା ସତର ଭାଗ ଲୋକଙ୍କୁ ଉପଯୁକ୍ତ ଶିକ୍ଷା ଦେବା ହେଲା ଆମର ପ୍ରଥମ କର୍ତ୍ତବ୍ୟ। ସେମାନେ ଯଦି ବିଦ୍ରୋହ କରନ୍ତି, ତାହାହେଲେ ବିଚ୍ ବଜାରରେ ସେମାନଙ୍କ ଚମଡ଼ା ଉତାରି ଦିଆଯିବ।'' ଅବଶ୍ୟ ପୁରୁଷ ପୁରୁଷ ଧରି

Digitized by srujanika@gmail.com

ଚମଡ଼ା ଉତାରିବାରେ ବିକାସବାବୁଙ୍କ ପରିବାର ତାଙ୍କ ଅଞ୍ଚଳରେ ପରିଚିତ ଥିଲେ। ଏହି ତରାଣି ବିଚାରା ରଘୁବୀରର କାନରେ ଗୁଞ୍ଜରିତ ହେଲା – ସେ ପୂରାପୂରି ଡରିଗଲା।

ଅନନ୍ୟୋପାୟ ହୋଇ ଥରେ ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ବିବି ସାହେବଙ୍କୁ ଭେଟିବା ପାଇଁ ମନ ତାର ବ୍ୟାକୁଳ ହେଲା। ବନ୍ଧୁବାନ୍ଧବଙ୍କୁ ନେଇ ନିଜ ଇଚ୍ଛା ଅନୁସାରେ ବିବିଙ୍କୁ ସେ ସିନା ଭୋଟ ଦେଇଥିଲା; କିନ୍ତୁ ତାଙ୍କୁ ସାକ୍ଷାତ କରିବା ପାଇଁ ତା ପାଇଁ କାଠିକର ପାଠ ହୋଇଗଲା। ଅନେକ ଚେଷ୍ଟା ପରେ ବିବିଙ୍କ ସାକ୍ଷାତ ପାଇ ରଘୁବୀର ଆଶାନ୍ୱିତ ହୋଇଗଲା। ନିଜର ଦୁଃଖର କାହାଣୀ ବିବି ସାହେବଙ୍କୁ କହି ସେ ଟିକିଏ ଆଶ୍ୱସ୍ତ ହେଲା।

ବିବି ଏକ ତୀର୍ଯ୍ୟକ୍ ଦୃଷ୍ଟିରେ ରଘୁବୀରକୁ ଅନେଇ କହିଲେ, ''ଏ ଦେଶର ନୂତନ ଶାସନରେ ପୁରୁଷ ପୁରୁଷ ଧରି ଯେଉଁ ଜାତି ଅବହେଳିତ ହୋଇ ଆସିଛି, ତାର କଲ୍ୟାଣ ସାଧନକୁ ଅଗ୍ରାଧିକାର ଦିଆଯିବ।''

''ସେତ ଉତ୍ତମ କଥା।'' ବିନୀତ ଭାବରେ କହିଲା ରଘୁବୀର, ''ଅନ୍ତତଃ ତିନିପୁରୁଷ ଧରି ଆମେ ଦରିଦ୍ର ଭାବରେ ଚଳି ଆସୁଛୁ। ଆଉ ତା ଉପରକୁ ମୁଁ ପ୍ରତିଯୋଗିତାରେ ଶୀର୍ଷସ୍ଥାନ ଅଧିକାର କରିଛି। ମୋତେ ସେ ଚାକିରି ଅନ୍ତତଃ ମିଳିବା କଥା।''

''ତିନିପୁରୁଷ!'' ଗୋଟିଏ କୁଟିଳ ହସ ହସି କହିଲେ ବିବି, ''ଆଉ ତା ପୂର୍ବର ତେତିଶ ପୁରୁଷର ଅତ୍ୟାଚାରର ଫଳ ଭୋଗିବ କିଏ? ତୁମର ଭାଗ୍ୟ ଭଲ ଯେ କେବଳ ଚାକିରି ପାଇବାରୁ ତୁମକୁ ବଞ୍ଚିତ କରାଯାଇଛି, ନଚେତ୍ ତୁମର ପୂର୍ବପୁରୁଷର ଦୋଷ ପାଇଁ ତୁମକୁ ଜେଲ୍‌ରେ ସଢ଼ିବାକୁ ପଡ଼ିଥାନ୍ତା।''

''କିନ୍ତୁ ଏହା କଣ ନ୍ୟାୟୋଚିତ?'' ଅତି ଧୀର ଅଥଚ ଦୃଢ଼ କଣ୍ଠରେ ପ୍ରଶ୍ନ କଲା ରଘୁବୀର।

''ଦେଶର ଯେଉଁଟା ପ୍ରଚଳିତ ନୀତି ତାହା ହିଁ ନ୍ୟାୟ।'' ବିବି ସାହେବ କହିଲେ, '' ତମେ ପାରୁଛ ତ ଶାସନ ବିରୁଦ୍ଧରେ କୋର୍ଟ କଚେରୀକୁ ଯାଇପାର। ସେଇଠି ଦେଖିବ ଦେଶର ଆଇନ୍‌କୁ ଆମେ କଡ଼ାକଡ଼ି ଭାବରେ ପାଳନ କରୁଛୁ ନା ନାହିଁ!''

''ଏ ଅନ୍ୟାୟ କିନ୍ତୁ ବେଶି ଦିନ ବରଦାସ୍ତ କରାଯାଇ ପାରିବ ନାହିଁ।'' ସ୍ୱତଃପ୍ରବୃତ୍ତ ହୋଇ ବାହାରି ପଡ଼ିଲା ରଘୁବୀର ମୁହଁରୁ।

''ଅଲବତ୍ ବରଦାସ୍ତ କରିବାକୁ ହେବ।'' ଜୋର୍ ଦେଇ କହିଲେ ବିବି ସାହେବ, ''ଛୋଟ ମୁହଁରେ ବଡ଼ କଥା ସୁନ୍ଦର ଦିଶେନାହିଁ ଯୁବକ, ତୁମେ ଯାଇପାର।''

ନିରାଶ ଅଥଚ ଉତ୍ତେଜିତ ହୋଇ ଫେରିଲା ରଘୁବୀର। ସେ ବୁଝିପାରିଲା ନାହିଁ ଉଚ୍ଚ ଜାତିରେ ଜନ୍ମ ହୋଇ ଚରିବ ହେଲେ ବି ସେ କେମିତି ଆଗୁଆ ହେଲା ଏବଂ ସେ ଯଦି ପ୍ରକୃତରେ ଆଗୁଆ, ତାହା ହେଲେ ତା ମୁହଁ କଥା ବିବି ସାହେବଙ୍କୁ ଛୋଟ ମୁହଁର କଥା ବୋଲି କେମିତି ମନେ ହେଲା।

ଏମିତି କେତେ ଯେ ରଘୁବୀର ଦେଶର ଏହି ନୂଆ ଆଇନ ବଳରେ ନିଜର

Digitized by srujanika@gmail.com

ନ୍ୟାୟୋଚିତ ପ୍ରାପ୍ୟରୁ ବଞ୍ଚିତ ହେଲେ, ତାହା ଗଣନା କରି ହେବ ନାହିଁ। ଦେଶର ରାଜନୈତିକ ନୂତନ ଗଣିତରେ ଏହି ଶତକଡ଼ା ତେୟାଅଶୀ ଭାଗର ପ୍ରଭାବ କେତେ, ତାହା ଭବିଷ୍ୟତ ହିଁ ସୂଚେଇ ଦେବ, ରଘୁବୀର ମନେ ମନେ ଭାବିଲା। ଗରିବ ଓ ଅନଗ୍ରସରକୁ ସୁବିଧାସୁଯୋଗ ଦେବା କଥା ରଘୁବୀର ବୁଝିପାରିଲା। କିନ୍ତୁ ଯେଉଁ ଦେଶରେ ଯୋଗ୍ୟତାର ମୂଲ୍ୟ ନାହିଁ, ଉଚ୍ଚ ଜାତିରେ ଜନ୍ମ ହୋଇ ଦରିଦ୍ର ହେଲେ ବି ସରକାରଙ୍କ ମାପକାଠିରେ ଯେଉଁଠି ଜଣେ ଅଗ୍ରସର ଆଉ ତଥାକଥିତ ନୀଚ ଜାତିରେ ଜନ୍ମ ହୋଇ ଧନୀ ହେଲେ ବି ଯେଉଁ ଦେଶରେ ସରକାରଙ୍କ ଚକ୍ଷୁରେ ଜଣେ ଅନଗ୍ରସର – ସେଇଠି ଜନ୍ମ ହେବା ଏକ ଅଭିଶାପ ବୋଲି ରଘୁବୀରର ମନେହେଲା।

କେବଳ ଏହି ସାମାଜିକ ନ୍ୟାୟ କରି ଦେଶରେ ବିବିଙ୍କ ଶାସନ କଳ ଅଟକି ଗଲା ନାହିଁ। ନିଜର ଭୋଟବେଙ୍କକୁ ସମୃଦ୍ଧ କରିବା ପାଇଁ ସଂଖ୍ୟାଲଘୁମାନଙ୍କୁ ଫୁସୁଲାଇବା ପାଇଁ ବିବି ନୂତନ ନୂତନ ଯୋଜନା ପ୍ରସ୍ତୁତ କଲେ। ଦେଶର ଅର୍ଥନୈତିକ ପ୍ରଗତି, ଶିକ୍ଷା ଓ ଶିଳ୍ପର ଉନ୍ନତି ତଥା ସାମୂହିକ ଅଗ୍ରଗତି ପାଇଁ ଦେଶର ସରକାର ଗୁରୁତ୍ୱ ଦେଲାନି। କେବଳ ଭୋଟ ବେଙ୍କ ପ୍ରସ୍ତୁତ କରି ଗାଦିରେ ବସି ରହିବା ପାଇଁ ଯୋଜନା ପ୍ରସ୍ତୁତ କରାଗଲା।

ସେତେବେଳେ ସରକାର ପଡ଼ିଲା ରାମପୁରରୁ ରହିମପୁରକୁ ରାସ୍ତା ଚଉଡ଼ା କରିବା ପାଇଁ। ଦେଶର ଗୋଟିଏ ଅନୁନ୍ନତ ଅଞ୍ଚଳରେ ସିନା ଏ ରାସ୍ତା ରହିଛି; କିନ୍ତୁ ଯାନବାହନ ଯିବା ଆସିବାରେ ଏହା ହେଉଛି ଦେଶର ସବୁଠୁ ଗହଳି ରାସ୍ତା। ବହେରୁ ପୁନା ରାସ୍ତା ଦିନେ ଯାତାୟାତ ଦୃଷ୍ଟିରୁ ସବୁଠୁ ଗହଳି ରାସ୍ତା ଥିଲା। ଜାତୀୟ ରାଜପଥରେ ଅବସ୍ଥିତ ଏହି ରାସ୍ତା ଏବେ ସବୁଠୁ ବେଶି ଗହଳି ରାସ୍ତା। ବିଶ୍ୱ ବେଙ୍କରୁ ବି ଏ ରାସ୍ତାକୁ ଚୌଡ଼ା କରି ଚାରିଟିକିଆ ରାସ୍ତା କରିବା ପାଇଁ ସାହାଯ୍ୟ ମିଳିଲା।

ସର୍ଭେ କାମ ଜୋର୍ ସୋର୍‌ରେ ଚାଲିଲା। ରାସ୍ତାକଡ଼ରେ ଥିବା ଗୋଟିଏ ନବନିର୍ମିତ ମସ୍‌ଜିଦ ତଥା ଗୋଟିଏ ପୁରାତନ ମନ୍ଦିରକୁ ସ୍ଥାନାନ୍ତରିତ ନ କଲେ ଏହି ରାସ୍ତାକୁ ଚୌଡ଼ା କରିବାରେ ଅସୁବିଧା ଦେଖାଦେଲା। ସରକାରଙ୍କ ଆଗରେ ଏହି ଅସୁବିଧାକୁ ପେଶ କରାଗଲା।

ସରକାର ବିଭିନ୍ନ ଦଳ ପଠେଇ ଏ ବିଷୟରେ ଅଧିକ ଖବର ଠୁଳ କଲେ। ଅନେକ ଦିନରୁ ଥିବା ସତ୍ୟପୀର ପୂଜାପୀଠକୁ ଉଭୟେ ହିନ୍ଦୁ ଓ ମୁସଲମାନ ଆସୁଥିବାର ଅନୁସନ୍ଧାନରୁ ଜଣାପଡ଼ିଲା। ମଝିରେ ମଝିରେ ସେ ଜାଗାରେ ସତ୍ୟନାରାୟଣ ପାଲା ମଧ ହେଉଥିଲା। ବାଟୋଇମାନେ ସତ୍ୟପୀରଙ୍କ ଉଦ୍ଦେଶ୍ୟରେ ସେଠାରେ ଥିବା ଦାନବାକ୍ସରେ ଦାନ ବି କରୁଥିଲେ। ସେ ଅଞ୍ଚଳର ଜଣେ ମୁସଲମାନ ବ୍ୟବସାୟୀ ସେହି ଅବହେଳିତ ସ୍ଥାନରେ ଗୋଟିଏ ମସ୍‌ଜିଦ୍ ତିଆରି କରିବାର ପ୍ରସ୍ତାବ କଲେ। ସ୍ଥାନୀୟ ଲୋକେ ଏ ପ୍ରସ୍ତାବକୁ ଗ୍ରହଣ ମଧ କଲେ। କିଛିଦିନ ପରେ ସତ୍ୟପୀରଙ୍କ ପୂଜାପୀଠରେ ଗୋଟିଏ ଛୋଟ ମସ୍‌ଜିଦ ଛିଡ଼ା ହେଲା। ଓଡ଼ିଆରେ ଲେଖା ହୋଇଥିବା "ସତ୍ୟପୀର ପୂଜାପୀଠ" ନାମକ ଫଳକ ବି କିଛି ଦିନ ପରେ ଗାଏବ ହୋଇଗଲା ଏବଂ ମସ୍‌ଜିଦର କାନ୍ଥରେ

Digitized by srujanika@gmail.com

ଉର୍ଦ୍ଦୁରେ କଣସବୁ ଲେଖାଗଲା । ସ୍ଥାନୀୟ ଅଧିବାସୀ ମାନେ ଏଠାରେ ଆପତ୍ତି ଅଭିଯୋଗ ବି କଲେ ନାହିଁ ଏବଂ ମୁସଲମାନ ଭାଇମାନଙ୍କ ଆରାଧନା ପାଇଁ ସେହି ଯୌଥ ଇଲାକା ଛାଡ଼ିଦେବାରେ କୁଣ୍ଠାବୋଧ କଲେ ନାହିଁ। ଯେ ହେଲା ନିକଟ ଅତୀତର କଥା ଏବଂ ରହିମ୍‌ପୁର ନିକଟେର ଘଟଣା ।

ରାମପୁର ନିକଟରେ ଥିଲା ଏକ ପୁରାତନ ହନୁମାନ ମନ୍ଦିର । ଐତିହାସିକ ପ୍ରମାଣ ନ ଥିଲେ ବି ଲୋକଙ୍କ ବିଶ୍ୱାସ ଯେ ସେ ଜାଗାରେ ସ୍ୱୟଂ ରାମଭକ୍ତ ହନୁମାନ ବିଜେ ହୋଇଥିଲେ । ତେଣୁ ଲୋକେ ନିଷ୍ଠାର ସହିତ ସେହି ମନ୍ଦିରରେ ହନୁମାନଙ୍କ ପୂଜା ଅର୍ଚ୍ଚନା କରୁଥିଲେ । ଲୋକେ କହନ୍ତି ଯେ, କୁଆଡ଼େ କଳାପାହାଡ଼ ବି ସେହି ମନ୍ଦିର ଭାଙ୍ଗିବାରେ ସମର୍ଥ ହୋଇ ନ ଥିଲା ।

ସରକାର ପ୍ରଥମେ ଦ୍ୱନ୍ଦ୍ୱରେ ପଡ଼ିଲେ । ତା'ପରେ ଲୋକଙ୍କୁ ବୁଝେଇବାରେ ଲାଗିଲେ ମନ୍ଦିର ଓ ମସ୍‌ଜିଦ ଉଭୟକୁ ସ୍ଥାନାନ୍ତରିତ କରିବା ପାଇଁ। ଯେହେତୁ ଦେଶର ହିତ ପାଇଁ ରାସ୍ତା ଚଉଡ଼ା କରାଯାଇଥିଲା, ମନ୍ଦିରକୁ ସ୍ଥାନାନ୍ତରିତ କଲେ ଲୋକଙ୍କ ଆପତ୍ତି ନାହିଁ ବୋଲି ସାଧାରଣ ଜନମତ ହେଲା । ସରକାର ଆଶାନ୍ୱିତ ହୋଇପଡ଼ିଲେ । ରାସ୍ତା ଚଉଡ଼ା କାମ ଆରମ୍ଭ ହେଲା ।

ଦିନେ ହଠାତ୍ ଦଳେ ଲୋକ ପହଞ୍ଚିଲେ ବିବିଙ୍କ ପାଖରେ । ସେମାନେ ଯେହେତୁ ସଂଖ୍ୟାଲଘୁ ସମ୍ପ୍ରଦାୟର ସେମାନଙ୍କୁ ନ ପଚାରି ମସ୍‌ଜିଦ ଭାଙ୍ଗିବାର ଯଥାର୍ଥତା ନାହିଁ ବୋଲି ସେମାନେ ଦୃଢ଼ ଆପତ୍ତି ଜଣାଇଲେ । ସଂଖ୍ୟାଲଘୁଙ୍କ ସ୍ୱାର୍ଥରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ ବୋଲି ସେମାନେ ସୂଚେଇ ଦେଲେ । ବିବି ଅଡୁଆରେ ପଡ଼ିଲେ । ସଂଖ୍ୟାଲଘୁ ତ ତାଙ୍କ ଭୋଟ ବେଙ୍କ! ହେଲେ ରାସ୍ତା ଚଉଡ଼ା ତ ନିହାତି ଦରକାର । ସଂଖ୍ୟାଲଘୁ ଦଳରେ କିଛି ସଂଖ୍ୟାଗୁରୁ ସମ୍ପ୍ରଦାୟର ଲୋକ ମଧ୍ୟ ଥିଲେ । ସେହି ଛୋଟ ମସ୍‌ଜିଦ ଯେଉଁଟା କି ହାଲ୍ ତିଆରି ହୋଇଥିଲା, ତାକୁ ଅନ୍ୟ ସ୍ଥାନକୁ ନେଇ ଏକ ବଡ଼ ମସ୍‌ଜିଦ ତିଆରି କରିବା ପାଇଁ ବିବି ସାହେବ ପ୍ରତିଶ୍ରୁତି ଦେଲେ । ପ୍ରତିନିଧି ଦଳ ସନ୍ତୁଷ୍ଟ ନ ହୋଇ ଫେରି ଆସିଲେ ।

ଏହି ଅସନ୍ତୋଷ କିଛିଦିନ ଭିତରେ ଦେଶ ସାରା ବ୍ୟାପିଗଲା । ସ୍ଥାନେ ସ୍ଥାନେ ସାମ୍ପ୍ରଦାୟିକ ଦଙ୍ଗାର ସୂତ୍ରପାତ ହେଲା । ରହିମ୍‌ପୁରରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଆଉ ରାମପୁରରେ ଦଶହରା ମେଢ଼ ବିସର୍ଜନ ବେଳେ ଟେକାପଥର ପଡ଼ି କର୍ଫ୍ୟୁ ଜାରି କରିବା ପର୍ଯ୍ୟନ୍ତ କଥା ଗଲା । ଏହାର ପ୍ରଭାବ ବାଂଲା ଦେଶ ଏବଂ ପାକିସ୍ଥାନରେ ପଡ଼ିଲା । ସେ ଦେଶମାନଙ୍କରେ ମଧ୍ୟ ବଡ଼ ବଡ଼ ଶୋଭାଯାତ୍ରା ବାହାରି ମସ୍‌ଜିଦ ସ୍ଥାନାନ୍ତରିକରଣର ବିରୋଧ କରାଗଲା । ଯଦିଓ ନିଜ ନିଜ ଦେଶରେ ସରକାରୀ ଯୋଜନା କରିବା ପାଇଁ ଅନେକ ପୁରାତନ ମସ୍‌ଜିଦ ସ୍ଥାନାନ୍ତରିତ ହୋଇଥିଲା । ସେ ଦେଶମାନଙ୍କରେ ହୁଁ କଲେ ମନ୍ଦିର, ଗୁରୁଦ୍ୱାର ଆଉ ଗୀର୍ଜା ବି ମାଟିରେ ମିଶେଇ ଦିଆଯାଉଥିଲା; କିନ୍ତୁ ଭାରତ, ନେପାଳ, ମରିସସ୍ କିମ୍ବା ଅନ୍ୟ କୌଣସି ଅଞ୍ଚଳରେ ଲୋକେ ସାଧାରଣ ପ୍ରତିବାଦ

Digitized by srujanika@gmail.com

ମଧ କରୁ ନଥିଲେ। ଏପରିକି ମଧପ୍ରାଚ୍ୟ ରାଜ୍ୟମାନଙ୍କରେ ମଧ ଏହି ମସ୍‌ଜିଦ ସ୍ଥାନାନ୍ତରିତ କରିବାର ବିରୋଧରେ ମତ ପ୍ରକାଶ ପାଇଲା। କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅନ୍ୟମାନଙ୍କ ହସ୍ତକ୍ଷେପ ସ୍ପୃହଣୀୟ ନ ହେଲେ ବି ଭୋଟ ବେଙ୍କକୁ ହରାଇବାକୁ ବିବି ପ୍ରସ୍ତୁତ ନ ଥିଲେ। ତେଣୁ ସଂଖ୍ୟାଲଘୁମାନଙ୍କ ଜିଦ୍ ସନ୍ମୁଖରେ ବିବି ମୁଣ୍ଡ ନୁଆଇଁଲେ। ବିଶେଷଜ୍ଞ ମାନଙ୍କ ବାରଣ ସତ୍ତ୍ୱେ ସତ୍ୟପୀର ପୀଠରେ ହାଲ୍‌ରେ ତିଆରି ହୋଇଥିବା ମସ୍‌ଜିଦ ପାଖରେ ରାସ୍ତାକୁ ବଙ୍କେଇ ଦେବା ପାଇଁ ବିବି ସାହେବ ନିର୍ଦ୍ଦେଶ ଦେଲେ।

ଏକ ଯୌଥ ଆରାଧନା ସ୍ଥଳୀରେ ନିକଟ ଅତୀତରେ ତିଆରି ହୋଇଥିବା ମସ୍‌ଜିଦ ଯେତେବେଳେ ଘୁଞ୍ଚାଯାଇ ପାରିଲା ନାହିଁ, ସେତେବେଳେ ଚାରିଶହରୁ ଊର୍ଦ୍ଧ୍ୱ ବର୍ଷ ତଳର ପୁରାତନ ହନୁମାନ ମନ୍ଦିରକୁ ଘୁଞ୍ଚାଯିବାର ଯଥାର୍ଥତା ବିଷୟରେ ଅନେକେ ସନ୍ଦେହ କଲେ। ସଂଖ୍ୟାଗୁରୁ ସମ୍ପ୍ରଦାୟର ଏକ ପ୍ରତିନିଧି ଦଳ ଶାସନ ମୁଖ୍ୟ ବିବି ସାହେବଙ୍କୁ ଭେଟିଲା। ପ୍ରତିନିଧି ଦଳକୁ ବିବି ରୋକ୍‌ଠୋକ୍ ଜଣେଇ ଦେଲେ ଯେ ସଂଖ୍ୟାଲଘୁମାନଙ୍କ ସ୍ପର୍ଶକାତର ଭାବନାକୁ ସମ୍ମାନ ଦେଖାଇବା ହେଉଛି ଧର୍ମନିରପେକ୍ଷତାର ଏସିଡ୍ ଟେଷ୍ଟ ବା ଚରମ ପରୀକ୍ଷା। ତେଣୁ ଦେଶର ଭଲ ପାଇଁ ହନୁମାନ ମନ୍ଦିରକୁ ସ୍ଥାନାନ୍ତରିତ କରିବାର ସେ ଶେଷ ନିଷ୍ପତ୍ତି କରି ସାରିଛନ୍ତି। ପ୍ରତିନିଧି ମାନେ ଅସନ୍ତୁଷ୍ଟ ହୋଇ ଫେରି ଆସିଲେ ଏବଂ ଦେଶସାରା ଆନ୍ଦୋଳନର ସୂତ୍ରପାତ କଲେ। ଏହା ଥିଲା ବିବିଙ୍କ ଲୋକପ୍ରିୟତା ପ୍ରତି ଚେଲେଞ୍ଜ – ତାଙ୍କର ଧର୍ମନିରପେକ୍ଷତାର ଅଗ୍ନିପରୀକ୍ଷା।

ଯେତେବେଳେ ନୂତନ ମନ୍ଦିର ପାଇଁ ଜମି ଯୋଗାଇ ଦିଆଯାଉଛି, ପୁରାତନ ମନ୍ଦିର ଭାଙ୍ଗି ଦେବାରେ କିଛି କ୍ଷତି ନାହିଁ ବୋଲି ବିବି ଯୁକ୍ତି ବାଢ଼ିଲେ। ସେ ଜାଣିଥିଲେ ଯେ, ସଂଖ୍ୟାଗୁରୁ ସମ୍ପ୍ରଦାୟର ଲୋକେ ମେଣ୍ଢାଭଳିଆ। ସେମାନଙ୍କୁ ଆୟତ୍ତ କରିବା ମାମୁଲି କଥା। ସେ ମନେ ମନେ ଭାବିଲେ: ଦେଶ ବିଭାଜନ ବେଳେ ପାକିସ୍ଥାନରେ କେତେ ଯେ ମନ୍ଦିର ଭଙ୍ଗା ହୋଇଛି, ଏପରି କି ସେ ଗୁଡ଼ିକରୁ କେତେକକୁ କଂସେଇଖାନାରେ ପରିଣତ କରାଯାଇଛି ତାର ହିସାବ ରଖିଛି କିଏ? ଗଜନୀର ମହମ୍ମଦ ସୋମନାଥ ମନ୍ଦିର କଣ ଭାଙ୍ଗି ନ ଥିଲେ? ବାବର କଣ ଅଯୋଧ୍ୟାରେ ରାମମନ୍ଦିର ଭାଙ୍ଗି ମସ୍‌ଜିଦ ତିଆରି କରି ନ ଥିଲେ? ଶାହାଜାହାନ ମଥୁରାର କୃଷ୍ଣ ମନ୍ଦିର ଭାଙ୍ଗି ମସ୍‌ଜିଦ ତିଆରି କରିବାର କଣ ଐତିହାସିକ ପ୍ରମାଣ ନାହିଁ? ଆଉ ଆଉରଙ୍ଗଜେବ ଓ କଳାପାହାଡ଼ଙ୍କ କଥା ଛାଡ଼! ଏସବୁ ସତ୍ତ୍ୱେ ସେମାନେ ଏତେ ବଡ଼ ବଡ଼ ଶାସକ ଥିଲେ। ଇତିହାସରେ ସେମାନେ କଣ ଚିରସ୍ମରଣୀୟ ହୋଇ ରହିନାହାନ୍ତି? ଆଉ ବିବି ସାହେବ ଛାର ଗୋଟିଏ ପୁରୁଣା ମନ୍ଦିର ଭାଙ୍ଗି ପାରିବେ ନାହିଁ? ଏହା ଭାବିଲା ବେଳେ ତାଙ୍କ ନାକପୁଡ଼ା ଫୁଲି ଉଠିଲା। ସେ ଭିତରୁ ତତଲା ନିଃଶ୍ୱାସ ନିର୍ଗତ ହେବାକୁ ଲାଗିଲା। ଆଖି ତାଙ୍କର ଲାଲ ହୋଇ ଉଠିଲା। ସତେ ଯେମିତି ସେ କାହାକୁ ଜୀବନ୍ତ ଗିଳିଯିବେ!

ସାମନାରେ ଅଗଣିତ ଜନତାର ଶୋଭାଯାତ୍ରା। ଅର୍ଡର ହେଲା କ୍ଷୁବ୍‌ଧ ଜନତା ଉପରେ ଲାଠି ଚାର୍ଜ କରିବା ପାଇଁ। କିଛି ଫଳ ହେଲାନି। ଲୁହବୁହା ବାଷ୍ପ ପ୍ରୟୋଗ

Digitized by srujanika@gmail.com

କରାଗଲା । ତଥାପି ଅଗଣିତ ଜନତା ଛତ୍ରଭଙ୍ଗ ହେଲାନାହିଁ । ଫାୟାରିଂ ଅର୍ଡର ହେଲା । ନିରୀହ ଜନତା ଉପରେ ଆଖିବୁଜା ଫାୟାରିଂ ଚାଲିଲା । ଯେଉଁ ଦେଶରେ ଦିନ ଦିପହରେ ଲୋକେ ଚୋରି ଡକାୟତି କରି ଖସି ପଳାଉଛନ୍ତି, ଆଉ ଆଇନକାନୁନର ପ୍ରହରୀ ନୀରବ ଦର୍ଶକ ଭଳି ଛିଡ଼ା ହୋଇରହୁଛି – ସେଇଠି ନିରୀହ ମେଣ୍ଢାମାନଙ୍କୁ ଗୁଳିରେ ଉଡ଼େଇ ଦେବା ପାଇଁ ସିପାହୀମାନେ ଯେମିତି ଉତ୍‌ଫୁଲ୍ଲିତ ହୋଇ ଆଗେଇ ଯାଉଥିଲେ । ରକ୍ତ ରକ୍ତ ଚାରିଆଡ଼େ ବୋହିବାକୁ ଲାଗିଲା ରକ୍ତର ସୁଅ । ପାଖ ନଦୀର ପାଣି ଲାଲ ପାଲଟି ଗଲା । ତା' ପରେ ପରେ ଜାରି ହେଲା କର୍ଫ୍ୟୁ । ଅର୍ଡର ହେଲା ସୁଟ୍ ଏଟ୍ ସାଇଟ୍ । ଲୋକେ ଭୟରେ ଘରକଣରେ ଲୁଚି ରହିଲେ । ବିବିଙ୍କ ଟିକିଏ ଅନୁଶୋଚନା ହେଲ ନାହିଁ । ନିଜର କାର୍ଯ୍ୟର ଯଥାର୍ଥତା ପ୍ରମାଣ କରିବା ପାଇଁ ଘନ ଘନ ରେଡିଓ ଓ ଟେଲିଭିଜନ ମାଧମରେ ପ୍ରଚାର ଚାଲିଲା । ଏପରି କି ଅନେକ ବିଖ୍ୟାତ ଖବରକାଗଜ ମଧ ବିବିଙ୍କ ଧର୍ମନିରପେକ୍ଷତାର ପ୍ରଶଂସାରେ ମୁଖର ହୋଇଉଠିଲା । ବିବି ଛାତି ଫୁଲେଇ ସର୍ବସାଧାରଣରେ ନିଜର କାର୍ଯ୍ୟକଳାପ ସପକ୍ଷରେ ଯୁକ୍ତି ବାଢ଼ି ବସିଲେ ।

ସରକାରୀ ନିର୍ଦ୍ଦେଶନାମା ଜାରି ହେଲା । ଦେଖୁଁ ଦେଖୁଁ ଚାରିଶହରୁ ଊର୍ଦ୍ଧ୍ୱ ବର୍ଷ ତଳର ହନୁମାନ ମନ୍ଦିର ବୁଲ୍‌ଡ୍ରୋଜର ମାଡ଼ରେ ତଳି ପଡ଼ିଲା । ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ବିବିଙ୍କ ଧର୍ମନିରପେକ୍ଷତାର ବାହାବା କଲେ । ତାଙ୍କ ସପକ୍ଷରେ ବଡ଼ ବଡ଼ ଜୁଲୁସ୍ ବାହାରିଲା । ଦୁନିଆ ଯାକ ବିବି ସାହେବଙ୍କ ତାରିଫ୍ ଓ ଧର୍ମନିରପେକ୍ଷ ଶାସନର ପ୍ରଶଂସା କଲେ । ସଂଖ୍ୟାଲଘୁ ମାନଙ୍କ ପାଇଁ ସେ ହେଲେ ଧର୍ମାବତାର ।

✡

Digitized by srujanika@gmail.com

ଚାଣକ୍ୟର ଶପଥ

— ମୋର ସଲୱାର କମିଜ୍ ସିଲେଇ ହେଲାଣି ?

ଆଗନ୍ତୁକ ଆଡ଼କୁ ମୁହଁ ଉଠାଇ ମମତାଦେବୀ କହିଲେ – ଟିକିଏ ଅପେକ୍ଷା କର ମା। ତମର କାମରେ ତ ଲାଗି ରହିଛି।

କିଛି ସମୟ ପରେ ଆଗନ୍ତୁକକୁ ତାର ସଲୱାର କମିଜ ଦେଇ ଟିକିଏ ଥକା ହୋଇ ବସି ପଡ଼ିଲେ ମମତାଦେବୀ। ପୁଅଝିଅଙ୍କୁ ମଣିଷ କରିବା ପାଇଁ ତାଙ୍କୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡୁଥିଲା।

ରାଜେଶ ଆଉ ମୋହିନୀ। ମମତାଦେବୀଙ୍କ ଦୁଇଟି ସନ୍ତାନ। ସ୍ୱାମୀ କାନ୍ତିଲାଲ ଶର୍ମା ଥିଲେ ଜଣେ ସଚ୍ଚା ଦେଶପ୍ରେମୀ। ଜଣେ ନିର୍ଭିକ୍ ସୈନିକ ଭାବରେ ବହୁତ ନାମ କରିଥିଲେ। ଜାମ୍ମୁ କାଶ୍ମୀରରେ ପାକିସ୍ଥାନ ପଟୁ ଆକ୍ରମଣର ମୁକାବିଲା କରି ଦିନେ ସେ ଶହୀଦ ପାଲଟିଗଲେ। ସେ ଦିନରୁ ମମତାଦେବୀଙ୍କ ସୁନ୍ଦର ସଂସାର ଜଞ୍ଜାଳମୟ ହୋଇଉଠିଲା। ଦିଲ୍ଲୀର ଗୋଟିଏ ଛୋଟ ଘରେ ରହିବାର ଭାଗ୍ୟ ଜୁଟିଥିଲା ତାଙ୍କର। ତାଙ୍କର ସୁନାର ସଂସାର ସିନା ଉଜୁଡ଼ି ଗଲା କିନ୍ତୁ ଧୈର୍ଯ୍ୟହରା ହୋଇ ନ ଥିଲେ ସେ। ଜଣେ ସୈନିକର ସ୍ତ୍ରୀ ଭାବରେ ତାଙ୍କର ଥିଲା ଅଦମ୍ୟ ମନୋବଳ।

କିଛିଦିନ ସରକାରଙ୍କ ତରଫରୁ ସାହାଯ୍ୟ ସହାନୁଭୂତି ମିଳିଲା। ଗୋଟିଏ ପୂର୍ବତନ ସୈନିକର ସ୍ତ୍ରୀ ଭାବରେ ତାଙ୍କୁ ମିଳିଥିଲା ଗୋଟିଏ ଛୋଟ ଘର ଆଉ ତାଙ୍କ ଜୀବନର ସାହାରା ଭାବରେ ସେ ପାଇଥିଲେ ସେହି ସିଲେଇ ମେସିନ।

ସେହି ସିଲେଇ ମେସିନ୍ ହିଁ ତାଙ୍କୁ ଜୀବିକା ନିର୍ବାହରେ ସାହାଯ୍ୟ କଲା। ଛୋଟ ଛୋଟ ଦୁଇଟି ପିଲାଙ୍କୁ ନେଇ ସେ ସାହାସର ସହିତ ନିଜର ଜୀବନ ନୌକା ବାହିବାରେ ଲାଗିଲେ।

ଆଗନ୍ତୁକ ଚାଲିଯିବା ପରେ ଅନେକ ଦିନ ତଳର କଥା ତାଙ୍କ ଆଖିଆଗରେ ଭାସିଗଲା। ତାଙ୍କ ବାପା ଥିଲେ ଲାହୋର ଅଧିବାସୀ। ସ୍ୱାଧୀନତା ପ୍ରାପ୍ତି ସମୟର ଭାରତ ବିଭାଜନ ବେଳେ ଜୀବନ ବିକଳରେ ତାଙ୍କ ବାପା ମା' ଯେତେବେଳେ ଦିଲ୍ଲୀ ଆଡ଼କୁ ପଳେଇ ଆସୁଥିଲେ, ସେତେବେଳେ ବାଟରେ ଜନ୍ମ ହୋଇଥିଲା ତାଙ୍କର। ତାଙ୍କୁ ଜନ୍ମ ଦେଇ ବାଟରେ ମା' ତାଙ୍କର ମୃତ୍ୟୁମୁଖରେ ପଡ଼ିଲେ। ତାଙ୍କ ବାପା ମା' ଛେଉଣ୍ଡ ଝିଅକୁ ନିଜେ ସମ୍ଭାଳି ପାଳି ପୋଷି ଦିନେ ବିବାହ ଦେଇଥିଲେ ନାଏକ କାନ୍ତିଲାଲ ଶର୍ମା ସହିତ।

ତା'ପରେ ସ୍ୱାମୀଙ୍କ ସହିତ ପ୍ରେମମୟ ଜୀବନଯାପନ ବିଷୟ ବି ତାଙ୍କର ମନେପଡ଼ିଲା। ସୈନିକ ଜୀବନର କଠିନ ପରିଶ୍ରମ ପରେ କାନ୍ତିଲାଲ ଯେତେବେଳେ ଘରକୁ ଫେରୁଥିଲେ,

Digitized by srujanika@gmail.com

ମମତାଦେବୀଙ୍କ ମନେ ହେଉଥିଲା ସତେ ଯେମିତି ସେ ସ୍ୱର୍ଗରାଜ୍ୟରେ ଅଛନ୍ତି। ପ୍ରଚୁର ଧନ ଦଉଲତ ସେମାନଙ୍କର ନ ଥିଲା ସତ; କିନ୍ତୁ ସ୍ୱାମୀ-ସ୍ତ୍ରୀଙ୍କ ସେହି ଅତୁଟ ପ୍ରେମ ନନ୍ଦନ-କାନନର ପାରିଜାତ ଠାରୁ ବି ବେଶି ମୂଲ୍ୟବାନ ଥିଲା।

ବେଳେବେଳେ ସୀମାନ୍ତରେ ଡ୍ୟୁଟି ପଡ଼ିଲେ ବିରହ ବି ହେଉଥିଲା। ମିଳନ ପରେ ବିରହଜନିତ କଷ୍ଟ ଛାଏଁ ଛାଏଁ ଦୂର ହୋଇଯାଉଥିଲା।

ଦେଶ ବିଭାଜନ ବେଳେ କାନ୍ତିଲାଲ ତାଙ୍କ ପିତାଙ୍କୁ ହରେଇ ଥିଲେ। ନୃଶଂସ ଜଲ୍ଲାଦମାନେ ସିଆଲକୋଟ୍‌ରେ ତାଙ୍କ ପିତାଙ୍କୁ ହତ୍ୟା କରିବା ଏବଂ ତାଙ୍କ ମାତାଙ୍କୁ ଅପହରଣ କରିନେବା କଥା ତାଙ୍କର ସ୍ପଷ୍ଟ ଭାବରେ ମନେ ଥିଲା। ସେତେବେଳେ ସେ ଥିଲେ ସାତ ଆଠ ବର୍ଷର ନିରୀହ ବାଳକ। ଅନ୍ୟାନ୍ୟ ପଡ଼ୋଶୀଙ୍କ ସହିତ ଏ ରିଫ୍ୟୁଜି କେମ୍ପରୁ ସେ ରିଫ୍ୟୁଜି କେମ୍ପ ହୋଇ ଶେଷରେ ସେ ପହଞ୍ଚିଥିଲେ କୁରୁକ୍ଷେତ୍ରରେ। ଛୋଟବେଳୁ ତାଙ୍କର ଏକମାତ୍ର ଇଚ୍ଛା ଥିଲା ସୈନ୍ୟବାହିନୀରେ ଯୋଗଦେଇ ପାକିସ୍ଥାନକୁ ଠିକଣା ଜବାବ ଦେବା ପାଇଁ। ସେଇଆ ବି ହେଲା। ଜଣେ ଦକ୍ଷ ସୈନିକ ଭାବରେ ସେ ଅନେକ ବାହବା ପାଇଲେ ମଧ। ମଝିରେ ମଝିରେ ଛାମ୍ ସେକ୍ଟରରେ ପାକିସ୍ଥାନୀ ଅନୁପ୍ରବେଶକାରୀ ସୈନ୍ୟମାନଙ୍କ ଉପରେ ଗୁଳି ଚଳେଇ ସେ ଅସୀମ ସନ୍ତୋଷ ଲାଭ କରୁଥିଲେ। ପାକିସ୍ଥାନୀ ଜଲ୍ଲାଦମାନଙ୍କ ହାତରେ ତାଙ୍କ ବାବାଙ୍କ ହତ୍ୟା ଏବଂ ମାତାଙ୍କ ହରଣଚାଳ ବିଷୟ ମନେପଡ଼ିଲେ ତାଙ୍କର ରକ୍ତରେ ଯେଉଁ ପ୍ରତିହିଂସାର ବହ୍ନି ଜଳି ଉଠୁଥିଲା ତାହା ତାଙ୍କୁ ଯୋଗାଇ ଦେଉଥିଲା ଅସୀମ ସାହସ। ଆଉ ତାରି ବଳରେ ସେ କରି ପାରୁଥିଲେ ଅନେକ ଅସାଧ ସାଧନ।

ବଡ଼ ଅଫିସରମାନେ କାନ୍ତିଲାଲଙ୍କୁ ବହୁତ ଭଲ ପାଉଥିଲେ ମଧ। ଅତି ଅଳ୍ପ ସମୟ ମଧରେ ସେ ହାବିଲଦାର ମେଜର୍ ବି ହେଲେ। ଟିକିଏ ସମୟ ପାଇଲେ କାନ୍ତିଲାଲ ଧାଇଁ ଆସୁଥିଲେ ନିଜ ଘରକୁ। ସ୍ତ୍ରୀ ଓ ପୁଅ ଝିଅଙ୍କ ସଙ୍ଗେ ସେ ପାଉଥିଲେ ସ୍ୱର୍ଗର ସୁଖ। ସେ ଭାବୁଥିଲେ ପୁଅକୁ ବଡ଼ ମିଲିଟାରୀ ଅଫିସର କରିବା ପାଇଁ ଆଉ ଝିଅକୁ ଡାକ୍ତରାଣୀ। ପୁଅ ଜାଗ୍ରତ ପ୍ରହରୀ ହୋଇ ଦେଶ ସେବା କରିବ ଏବଂ ଝିଅ ସେବା କରିବ ଦରିଦ୍ର ମଳିମୁଣ୍ଡିଆ ରୋଗୀଙ୍କ। ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ପୁଅଝିଅକୁ ଉପଯୁକ୍ତ ଶିକ୍ଷା ଦେବାରେ ବାପାମା ଚେଷ୍ଟିତ ହେଲେ। ଖର୍ଚ୍ଚ ପ୍ରତି ପର୍ବାୟ ନ କରି ବହୁତ ଭଲ ସ୍କୁଲ୍‌ରେ ଦାଖଲ କଲେ ପୁଅ ଝିଅଙ୍କୁ।

ଦିନେ ହଠାତ୍ ଡାକରା ଆସିଲା ବେଟେଲିୟନ୍ ହେଡ୍‌କ୍ୱାଟର୍ସରୁ। ଲାଦାଖ ଅଞ୍ଚଳରେ ପାକିସ୍ଥାନୀ ସୈନ୍ୟମାନଙ୍କର ଅନୁପ୍ରବେଶକୁ ରୋକିବା ପାଇଁ କାନ୍ତିଲାଲର ବେଟେଲିୟନ୍‌କୁ ଦାୟିତ୍ୱ ଦିଆଯାଇଥିଲା।

ସେ ଦିନର ବିଦାୟ ଦୃଶ୍ୟ ଭାସିଗଲା ମମତାଦେବୀଙ୍କ ଦୃଶ୍ୟପଟରେ। ପିୟତମାକୁ ଗାଢ଼ ଆଲିଙ୍ଗନ କରି କାନ୍ତିଲାଲ କହିଥିଲେ – ଏଥର ଦେଖିବ ପାକିସ୍ଥାନକୁ କେମିତି ଠିକଣା ଜବାବ୍ ଦେବି।

Digitized by srujanika@gmail.com

ଅନ୍ୟମାନଙ୍କ ଭଳି ମମତାଦେବୀ ଅଶ୍ରୁଳ ବିଦାୟ ଦେଇ ନ ଥିଲେ। ସ୍ୱାମୀଙ୍କ ଯାତ୍ରାର ସଫଳ କାମନା କରି ସେ ହସି ହସି ବିଦାୟ ଦେଇଥିଲେ କାନ୍ତିଲାଲଙ୍କୁ। ତାଙ୍କ ହୃଦୟରେ ବିରହଜନିତ କ୍ଲେଶ ତଥାପି ଫୁଟି ଉଠୁଥିଲା ତାଙ୍କର ସୁନ୍ଦର ହସହସ ମୁହଁରେ। ପୁଅଝିଅ ବାପାଙ୍କୁ ଟା ଟା କରି ବିଦାୟ ଦେଲେ। ଅଦମ୍ୟ ଉତ୍ସାହରେ କାନ୍ତିଲାଲ ରବାନା ହେଲେ ଲାଦାଖର ସେହି ବିପଦସଂକୁଳ ଅଞ୍ଚଳକୁ।

ସୀମାନ୍ତର ହାଡ଼ଭଙ୍ଗା ଶୀତ ସହିତ ପାକିସ୍ଥାନ ସହିତ ଲଢ଼େଇ। ଯେତେ ସାହସୀ ହେଲେ ମଧ୍ୟ ମମତାଦେବୀଙ୍କ ମନ ବେଳେବେଳେ ଉଦ୍‌ବେଳିତ ହୋଇପଡୁଥିଲା। ସ୍ୱାମୀଙ୍କ ପାଖକୁ ଉତ୍ସାହଜନକ ପ୍ରେମପତ୍ରରେ ମମତାଦେବୀ କାନ୍ତିଲାଲଙ୍କ ହୋସ୍‌ଲା ବଢ଼ଉଥିଲେ। କାନ୍ତିଲାଲ ମଧ୍ୟ ପ୍ରିୟତମା ପାଖରୁ ଚିଠି ପାଇ ଦ୍ୱିଗୁଣିତ ଉତ୍ସାହରେ ପାକିସ୍ଥାନୀଙ୍କ ଉପରେ ଚଢ଼ଉ କରୁଥିଲେ। ବିଦେଶୀ ଅସ୍ତ୍ରରେ ସଜ୍ଜିତ ହେଲେ ବି ଶତ୍ରୁପକ୍ଷ ଭାରତୀୟ ଜବାନମାନଙ୍କ ଆକ୍ରମଣରେ ପଛଘୁଞ୍ଚା ଦେବାକୁ ବାଧ୍ୟ ହେଉଥିଲା। ଏସବୁ ଖବର ପଢ଼ି ଦେଶବାସୀ ଖୁସି ହେଉଥିଲେ ଆଉ ମମତାଦେବୀ ଭଗବାନଙ୍କୁ ଧନ୍ୟବାଦ ଜଣାଉଥିଲେ।

କିଛିଦିନ ଘମାଘୋଟ୍ ଲଢ଼େଇ ବିଷୟରେ ଖବର ମିଳିଲା କିନ୍ତୁ କୌଣସି ବିସ୍ତୃତ ବର୍ଣ୍ଣନା ଜଣାପଡ଼ିଲା ନାହିଁ। ଶତ୍ରୁ ବାହିନୀକୁ ସମୂଳେ ନିପାତ କରିବା ପାଇଁ ବେଟେଲିୟନ କମାଣ୍ଡରଙ୍କୁ ଜଣେ ବିଶ୍ୱାସୀ ସୈନ୍ୟଙ୍କୁ ଶତ୍ରୁପକ୍ଷର ଶିବିରକୁ ପଠାଇବାକୁ ଦରକାର ପଡ଼ିଲା। ଏହି ବିପଦସଂକୁଳ କାମ ପାଇଁ ଆଗଭର ହେଲେ ହାବିଲଦାର ମେଜର କାନ୍ତିଲାଲ ଶର୍ମା। ଅତ୍ୟନ୍ତ ବିପଜ୍ଜନକ ସେହି କାମ; କିନ୍ତୁ ଅତ୍ୟନ୍ତ ଜରୁରୀ ମଧ୍ୟ। ସାହସୀ ବୀର କାନ୍ତିଲାଲ ନିଃସଂକୋଚରେ ନିର୍ଭୀକ ହୋଇ ବାହାରିଲା ଶତ୍ରୁର ଶିବିର ଅଭିମୁଖରେ। ଗଲାବେଳେ ବନ୍ଧୁ ଜଗଦୀଶ ସିଂହ ହାତରେ ସ୍ତ୍ରୀ ପାଖକୁ ଖଣ୍ଡେ ଚିଠି ଲେଖି ଦେଇଥିଲେ।

କେତେବେଳେ ହାମୁଡ଼େଇ ହୋଇ, କେତେବେଳେ ଗୁରୁଣ୍ଡି ଗୁରୁଣ୍ଡି ଅଥବା କେତେବେଳେ ଘୋଷାଡ଼ି ହୋଇ କାନ୍ତିଲାଲ ପହଞ୍ଚିଲେ ଶତ୍ରୁର ଶିବିର ପାଖରେ। ଗଭୀର ନିଦ୍ରାରେ ଶୋଇଥିଲେ ଶତ୍ରୁପକ୍ଷର ସୈନ୍ୟମାନେ। ଏହା ଆକ୍ରମଣର ଉପଯୁକ୍ତ ସମୟ ବୋଲି କାନ୍ତିଲାଲ ବେତାର ବାର୍ତ୍ତା ଦେଲେ। ନିଜର କର୍ତ୍ତବ୍ୟ ଶେଷ କରି ଫେରିବା ସମୟରେ ପାକିସ୍ଥାନର ଗୋଟିଏ ଗୁପ୍ତିଆ ଦଳ ଭାରତ ପଟରୁ ଫେରୁଥିବା ବେଳେ ସେହିଦଳ ସହିତ ସଂଘର୍ଷ ହେଲା। ସେହି ଗୁପ୍ତିଆ ଦଳକୁ ନିପାତ କରିବାରେ ସିନା ସମର୍ଥ ହେଲେ; କିନ୍ତୁ ସେମାନଙ୍କ ଆକ୍ରମଣରେ ଅତି ଗୁରୁତର ଭାବରେ ଆହତ ହେଲେ କାନ୍ତିଲାଲ। ସେଆଡ଼େ ଭାରତୀୟ ସୈନ୍ୟଙ୍କ ଆକ୍ରମଣରେ ପାକିସ୍ଥାନୀ ଘାଟିର ପତନ ଘଟିଲା। ଏହି ଖବର ପ୍ରଚାରିତ ହେବାପରେ ଦେଶସାରା ଆନନ୍ଦରେ ଅଧିର ହୋଇପଡ଼ିଲେ, କାରଣ ବର୍ଷ ବର୍ଷ ଧରି ସେହି ଘାଟିରୁ ପାକିସ୍ଥାନୀ ସୈନ୍ୟ କାଶ୍ମୀର ଉପତ୍ୟକା ଉପରେ ଆକ୍ରମଣ କରୁଥିଲେ।

ଗୁରୁତର ଭାବରେ ଆହତ କାନ୍ତିଲାଲ ଆଗେଇ ପାରିଲେ ନାହିଁ ସିନା; କିନ୍ତୁ ଗୁଳିଗୁଳା ବିନିମୟରୁ ନିଜ ପକ୍ଷର ବିଜୟ ବିଷୟରେ ଅବଗତ ହେଲେ। ପାହାନ୍ତା ହୋଇ

Digitized by srujanika@gmail.com

ଆସୁଥାଏ। ପକେଟ୍‌ରୁ ନିଜ ପ୍ରିୟତମାର ଫଟକୁ ବାହାର କରି ଛାତିରେ ଚାପି ଧରି କାନ୍ତିଲାଲ ଶେଷ ନିଃଶ୍ୱାସ ତ୍ୟାଗ କଲେ।

ଘାଟି ଦଖଲ ପରେ କାନ୍ତିଲାଲଙ୍କୁ ଖୋଜା ପଡ଼ିଲା। ଅନେକ ଅନୁସନ୍ଧାନ ପରେ ଛାତିରେ ପ୍ରିୟତମାର ଫଟକୁ ଚାପିଥିବା କାନ୍ତିଲାଲଙ୍କ ନିର୍ଜୀବ ଶରୀରର ପତ୍ତା ମିଳିଲା। ବେଟେଲିୟନ କମାଣ୍ଡର ସ୍ତବ୍ଧ ହୋଇଗଲେ। ବିଗୁଲ୍ ବାଜିଲା। ସାମରିକ କାୟଦାରେ ଶବ ସତ୍କାର କରାଗଲା।

ଜନ୍ମଭୂମିର ବିଜୟ ହେଲା। ବେଟେଲିୟନ୍ ବାହାବା ପାଇଲା। କାନ୍ତିଲାଲଙ୍କୁ ମରଣୋତ୍ତର ବୀରଚକ୍ର ବି ମିଳିଲା।

କିନ୍ତୁ ମମତାଦେବୀ ପାଇଲେ କ'ଣ ? ହାବିଲଦାର ଜଗଦୀପ୍ ସିଂହ ହାତରୁ ପାଇଥିବା ସ୍ୱାମୀଙ୍କ ଶେଷ ପତ୍ର ଖଣ୍ଡିକ ଛାତିରେ ଚାପି ପଥର ଭଳିଆ ଛିଡ଼ା ହୋଇ ରହିଲେ ମମତାଦେବୀ। ଆଖିରୁ ତାଙ୍କ ବୋହି ଯାଉଥାଏ ଲୁହର ଶ୍ରାବଣ। ଜଣେ ପରେ ଜଣେ ସମବେଦନା ଜଣାଇ ଚାଲି ଯାଉଥାନ୍ତି ଆଉ ନିର୍ବାକ୍ ହୋଇ ଶୂନ୍ୟକୁ ଅନେଇଥାନ୍ତି ମମତାଦେବୀ।

ଚିଠିରେ ଲେଖାଥିଲା :

"ପ୍ରିୟତମା,

ଲାଦାଖ ସୀମାନ୍ତରୁ ମୋର ସ୍ନେହଭରା ଚୁମ୍ବନ ନେବ। ଆମେ ଘାଟି ପରେ ଘାଟି ଦଖଲ କରି ଚାଲିଛୁଁ। ବାକି ରହିଲା ଅନ୍ତିମ ଘାଟି ଦଖଲ କରିବାର ଇରାଦା। ଆଉ ଏହି ଇରାଦାକୁ ସାକାର କରିବା ପାଇଁ ମୋତେ ଯେଉଁ ବିପଜ୍ଜନକ କର୍ତ୍ତବ୍ୟ ଦିଆଯାଇଛି, ତାହା କମ୍ ଲୋକଙ୍କ ଭାଗ୍ୟରେ ଜୁଟେ। ମୋର ଆଶା ମୁଁ ମୋର କାର୍ଯ୍ୟରେ ସଫଳ ହେବି। ତୁମର ସ୍ମୃତି ସବୁବେଳେ ମୋତେ ଉତ୍ସାହିତ କରୁଛି।

କିନ୍ତୁ ଏଇଟା ଯୁଦ୍ଧକ୍ଷେତ୍ର। ଯଦି କିଛି ଅଘଟଣ ଘଟିଯାଏ, ତୁମେ ଧୈର୍ଯ୍ୟହରା ହେବନାହିଁ। ହୁଏତ ମୁଁ ସଶରୀରେ ତୁମ ପାଖରେ ପହଞ୍ଚି ନ ପାରେ; କିନ୍ତୁ ମୋର ଅଶରୀରୀ ଆତ୍ମା ସବୁବେଳେ ତୁମ ପାଖରେ ରହିଥିବ।

ପିଲାଙ୍କୁ ପଢ଼େଇବାରେ ହେଳା କରିବ ନାହିଁ। ସେମାନଙ୍କୁ ଉତ୍ତମ ଶିକ୍ଷା ଦେବ ଏବଂ ମୋର ଇଚ୍ଛା ପୂରଣ କରିବ।

ମନେ ରଖିବ। ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ।

ପିଲାଙ୍କୁ ସ୍ନେହ ଦେବ। ଇତି

ତୁମର

କାନ୍ତିଲାଲ।"

ଚିଠିକୁ ବାରମ୍ବାର ପଢ଼ି କାନ୍ଦୁଥିଲେ ମମତାଦେବୀ। ନିରୀହ ରାକେଶ ଓ ମୋହିନୀ ତାଙ୍କ କାନି ଧରି କଇଁ କଇଁ ହୋଇ କାନ୍ଦୁଥିଲେ। ପିଲାଙ୍କୁ ଛାତିରେ ଚାପି ଟିକିଏ ସାନ୍ତ୍ୱନା ପାଉଥିଲେ ମମତାଦେବୀ।

ସ୍ୱାମୀଙ୍କ ଇଚ୍ଛାକୁ ସାକାର କରିବା ପାଇଁ ଆଜି ମମତାଦେବୀ କରୁଥିଲେ ହାଡ଼ଭଙ୍ଗା

Digitized by srujanika@gmail.com

ପରିଶ୍ରମ । ରାଷ୍ଟ୍ରପତି ଗୋଟିଏ ଗୁରୁଗମ୍ଭୀର ଉତ୍ସବରେ ମମତାଦେବୀଙ୍କ ହାତକୁ ସ୍ୱାମୀଙ୍କ ମରଣୋତ୍ତର ବୀରଚକ୍ର ବଢ଼େଇ ଦେଲେ, ସରକାର କିଛି ଜମି ଓ ଖଣ୍ଡେ ଛୋଟ ଘର ଦେଲେ, କିଛି ଦିନ ଦଳଦଳ ହୋଇ ଲୋକ ସହାନୁଭୂତି ଦେଖେଇଲେ – ସେସବୁ କିନ୍ତୁ ଦୁଇଦିନିଆ । ତାପରେ ନିଜ ଭାଗ୍ୟକୁ ଆଦରି ପୁଅ ଓ ଝିଅକୁ ପ୍ରତିପାଳନ କରିବା ପାଇଁ ପଡ଼ିଲା ମମତାଦେବୀଙ୍କୁ । ସ୍ୱାମୀଙ୍କ ଅଭିଳାଷ ପୂର୍ଣ୍ଣ କରିବା ପାଇଁ ନାମଜାଦା ସ୍କୁଲ୍‌ରେ ପିଲାମାନଙ୍କୁ ଭର୍ତ୍ତି କରାଗଲା ଆଉ ସେ ଖର୍ଚ୍ଚ ତୁଲେଇବାକୁ ଦିନରାତି ପରିଶ୍ରମ କରିବାକୁ ପଡୁଥିଲା ତାଙ୍କୁ ।

ପିଲାମାନେ ବହୁତ ଭଲ ପଢ଼ିଲେ । ମାଙ୍କ ମନରେ ଆଶାର ସଞ୍ଚାର ହେଲା । ସ୍ୱାମୀଙ୍କ ଇଚ୍ଛା ପୂରଣ କରିପାରିବେ ବୋଲି ସେ ମନେ ମନେ ଭାବିବାକୁ ଲାଗିଲେ ।

ପୁଅ ଝିଅର ଯତ୍ନ ନବେଦ୍ ନିଜର କାମ । ନିଃସଙ୍ଗ ଜୀବନ ଯାପନ କରି ମମତାଦେବୀଙ୍କୁ କିଛି କଷ୍ଟ ହେଉ ନ ଥିଲା । ବରଂ ପଡ଼ୋଶୀ ଲାଲୁ ସିଂହ ଯାଦବର ସହାନୁଭୂତି ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା । ଗୋଟାଏ ପରେ ଗୋଟାଏ ଦଶଟି ପିଲାପିଲି ଲାଲୁ ସିଂହର। ହେଲେ ତାର ପର୍ଯ୍ୟାୟ ନାହିଁ। ପିଲାସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ କ୍ଷୀରରେ ନୀର ମିଶାଇବା ମାତ୍ରା ମଧ ତାର ବଢ଼ି ଚାଲିଥିଲା । ଆଉ ତା ସାଙ୍ଗରେ ବଢ଼ି ଚାଲିଥିଲା ତାର ଧନ ଦଉଲତ । ସହାନୁଭୂତି ଛରିଆରେ ମମତାଦେବୀଙ୍କୁ ନିଜର କରି ନେବାର ତାର ଅଦମ୍ୟ ଆଗ୍ରହ ମମତାଦେବୀଙ୍କୁ ଅନେକ ଥର ଅଡୁଆରେ ପକେଇଥିଲା ।

ଜଣେ ଆଶ୍ରୟହୀନା ନାରୀ ନିଜର ମାନମର୍ଯ୍ୟାଦା ନେଇ ଚଳୁ, ଏଇଟା ବୋଧହୁଏ ଆମ ସମାଜରେ ଗ୍ରହଣୀୟ ନୁହେଁ । ମମତାଦେବୀଙ୍କ ସୌନ୍ଦର୍ଯ୍ୟ ଓ ଯୌବନ ସତେ ଯେମିତି ତାଙ୍କ କାଳ ହେଲା । ମିଷ୍ଟଭାଷିଣୀ ମମତାଦେବୀଙ୍କୁ ମଧ ବେଳେବେଳେ କର୍କଶ ବ୍ୟବହାର ଦେଖାଇବାକୁ ପଡ଼ିଥିଲା ଲାଲୁ ସିଂହକୁ ।

ଲୋକଲଜ୍ଜାରେ ଲାଲୁ ସିଂହ ସିନା କିଛି କରିଲା ନାହିଁ ହେଲେ ମମତାଦେବୀଙ୍କ ପ୍ରତି ତାର ଦୁର୍ବଳତା ତାକୁ ଅନାୟତ୍ତ କରି ପକାଉଥିଲା ।

ଗାଈଗୋରୁ ଚାରିଆଡ଼େ ଛାଡ଼ି ସେମାନଙ୍କ ମଳମୂତ୍ର ଦ୍ୱାରା ପରିବେଶକୁ ଦୂଷିତ କରାଇବାରେ ତାର ତିଳେହେଲେ ଅନୁଶୋଚନା ନ ଥିଲା । ତଥାକଥିତ ପଛୁଆ ଜାତିର ଟାଣୁଆ ନେତା ସେ । ପାଖରେ ତାର ଅଜସ୍ର ସମ୍ପତ୍ତି । ତାକୁ କହିବାକୁ ଯୁ କାହାର ?

ସ୍କୁଲ୍ ପରୀକ୍ଷାରେ ରାକେଶ ପ୍ରଥମ ସ୍ଥାନ ଅଧିକାର କଲା । ସେଦିନ ମମତାଦେବୀଙ୍କ ମନରେ ବହୁତ ଆନନ୍ଦ । ସେଦିନ ଲାଲୁ ସିଂହର ପୁଅ ମଧ ସ୍କୁଲ୍ ପରୀକ୍ଷାରେ କମ୍ପାର୍ଟମେଣ୍ଟାଲ୍ ପାଶ୍ କରିଥିଲା । ପୁଅର ଏହି ସଫଳତା ପାଇଁ ଲାଲୁ ସିଂହ ଘରେ ଭୋଜିର ଆୟୋଜନ ହୋଇଥିଲା । ନିଶରେ ହାତ ମାରି ଲାଲୁ ସିଂହ କହୁଥିଲା, "ଅବ୍ ମେରା ବେଟା କାଲେଜ୍ ମେ ପଢ଼େଗା । ଆଖିର୍ ବେଟା କିସିକା ?"

ଦେଖୁଁ ଦେଖୁଁ ଦିନ ଗଡ଼ିବାରେ ଲାଗିଲା । ପୁଅ ଓ ଝିଅ ଉଭୟଙ୍କ କଲେଜ ପଢ଼ାରେ ବହୁତ ଖର୍ଚ୍ଚ ହେବାରୁ ସରକାରଠୁ ପାଇଥିବା ଜମିକୁ ମମତାଦେବୀଙ୍କୁ ବନ୍ଧକ

Digitized by srujanika@gmail.com

ରଖିବାକୁ ପଡ଼ିଲା। ପୁଣି ବନ୍ଧକ ରଖିଲା ଲାଲୁ ସିଂହ ଯାଦବ। ମୁଣ୍ଡରେ ହାତ ଦେଇ ମମତାଦେବୀ ଭାବିଲେ, ହାୟରେ କପାଳ, ବଞ୍ଚିଥିଲେ କଣ ଦେଖିବାକୁ ହୁଏ ନାହିଁ! ତଥାପି ତାଙ୍କର ଅନୁଶୋଚନା ହେଲା ନାହିଁ।

ପୁଅ ପ୍ରତ୍ୟେକ ପରୀକ୍ଷାରେ ଉତ୍ତମ କରୁଥିଲା। ତେଣୁ ସାଂସାରିକ ଅଭାବ ଅସୁବିଧା ମମତାଦେବୀଙ୍କୁ ବାଧିଲା ନାହିଁ। କାନ୍ତିଲାଲଙ୍କ ବିପଜ୍ଜନକ ମିଲିଟେରୀ ଜୀବନ ବିଷୟ ଭାବି ସେ ପୁଅକୁ ମିଲିଟେରୀ ପ୍ରବେଶିକା ପରୀକ୍ଷା ଦେବା ପାଇଁ ବାରଣ କଲେ। ମାଆଙ୍କ ମନରେ ଆନନ୍ଦ ଦେବା ପାଇଁ ରାକେଶ ଦିନରାତି ପରିଶ୍ରମ କଲା। ସେ ବର୍ଷ ଥିଲା ପୁଅର ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏମ୍.ଏ. ଫାଇନାଲ୍ ପରୀକ୍ଷା। ଝିଅ ମୋହିନୀ ବି ମେଡିକାଲ କଲେଜ୍‌ରେ ଏଡ୍‌ମିଶନ ନେଇ ସାରିଥିଲା। ସେ ସବୁ ପଢ଼ାଖର୍ଚ୍ଚ ଯୋଗାଇବାକୁ ବହୁତ କଷ୍ଟ ହେଉଥିଲେ ମଧ୍ୟ ରାତି ରାତି ଉଜାଗର ରହି ସିଲେଇ କରି ମମତାଦେବୀ ସବୁ ଖର୍ଚ୍ଚ ତୁଲାଉଥିଲେ। ମଝିରେ ପୁଅ ଓ ଝିଅ ମାଆଙ୍କ ପରିଶ୍ରମ ଲାଘବ କରିବା ପାଇଁ ଟିଉସନ୍ କରିବାର ପ୍ରସ୍ତାବ ଦେଲେ; କିନ୍ତୁ ଟିଉସନ୍ କଲେ ପିଲାଙ୍କ ପାଠପଢ଼ା ନଷ୍ଟ ହେବ ବୋଲି ମମତାଦେବୀ ରୋକ୍‌ଠୋକ୍ ମନା କରିଦେଲେ।

ଇତିହାସ ଏମ୍.ଏ. ପରୀକ୍ଷାରେ ରାକେଶ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଗୋଲ୍ଡ ମେଡାଲ୍ ପାଇଲା। ମମତାଦେବୀ ଭାବିଲେ, ଏବେ ତାଙ୍କ ଦୁଃଖ ଚାଲିଯିବ। ପୁଅ ରୋଜଗାର କଲେ ସେ ଘରର ଦାୟିତ୍ୱ ନେବ ଆଉ ସବୁ ଅସୁବିଧା ଦୂର ହୋଇଯିବ।

ରାକେଶ ସର୍ବଭାରତୀୟ ସ୍ତରରେ ଅନେକ ପରୀକ୍ଷା ଦେଲା। ପରୀକ୍ଷା ମାନଙ୍କରେ ଭଲ ନମ୍ବର ରଖିଲା—ଭଲ ପୋଜିସନ୍ ବି ରଖିଲା। କିନ୍ତୁ ଦେଶରେ ନୂଆ ଭାବରେ ଲାଗୁ କରାଯାଇଥିବା ଚାକିରି ସଂରକ୍ଷଣ ଯୋଗୁଁ ତାଠୁଁ ଢେର କମ୍ ମାର୍କ ରଖିଥିବା ପିଲାଙ୍କୁ ଚାକିରି ମିଳିଲେ ମଧ୍ୟ ତାକୁ ଚାକିରି ମିଳିଲା ନାହିଁ। ତାର ଏକମାତ୍ର ଦୋଷ ହେଲା ସେ ଜନ୍ମ ହୋଇଛି ବ୍ରାହ୍ମଣ ଘରେ। ତାର ପୂର୍ବପୁରୁଷମାନଙ୍କର ତଥାକଥିତ ଅଜଣା ଦୋଷ ପାଇଁ ତାକୁ ଦଣ୍ଡ ଭୋଗିବାକୁ ପଡ଼ିଲା।

ମମତାଦେବୀଙ୍କୁ ବହୁତ ବାଧିଲା। ଜାତି ବିଭାଗରେ ବିଶ୍ୱାସ ନାହିଁ ବୋଲି ସେ ପୁଅର ବ୍ରତୋପନୟନ ମଧ୍ୟ କରି ନ ଥିଲେ। ଦେଶ ବିଭାଜନ ପରଠାରୁ ଆଜି ପର୍ଯ୍ୟନ୍ତ ସେମାନେ କେତେ ଅତ୍ୟାଚାରିତ ହୋଇ ନାହାନ୍ତି, କେତେ ଦୁଃଖ ପାଇ ନାହାନ୍ତି! କାନ୍ତିଲାଲ ଦେଶ ପାଇଁ ଲଢ଼େଇ କରି ଶହୀଦ ପାଲଟି ଯାଇଛନ୍ତି। ତାଙ୍କ ପୁଅକୁ କିଛି ଅଧିକା ସୁବିଧା ସୁଯୋଗ ମିଳିବା ତ ଦୂରର କଥା, ସାଧାରଣ ସାମାଜିକ ନ୍ୟାୟ ବି ରାକେଶକୁ ମିଳିଲା ନାହିଁ। ହାୟରେ ଦୁର୍ଭାଗା ଦେଶ! ଯୋଗ୍ୟତା ଅନୁସାରେ ଯାହାକୁ ସର୍ବଭାରତୀୟ ଚାକିରି ମିଳିବା କଥା, ଦେଶର ଭୁଲ୍ ସଂରକ୍ଷଣ ନୀତି ଯୋଗୁଁ ତାକୁ ସାଧାରଣ ଚାକିରି ଖଣ୍ଡେ ମିଳିବା ମଧ୍ୟ ଦୁରୂହ ହୋଇପଡ଼ିଲା।

ସବୁ ସଭ୍ୟ ଦେଶରେ ସମସ୍ତ ନାଗରିକମାନଙ୍କ ପାଇଁ ସମାନ ରକମର ସାମାଜିକ ନିୟମ ଅଛି, ସମସ୍ତ ନାଗରିକଙ୍କର ସମାନ ସାମାଜିକ ଅଧିକାର ଅଛି। କିନ୍ତୁ ଧନ୍ୟ

Digitized by srujanika@gmail.com

ଆମର ଏ ଦେଶ ଭାରତବର୍ଷ ଯେଉଁଠି କେଉଁ ଧର୍ମ ବା କେଉଁ ଜାତିରେ ଜଣେ ଜନ୍ମ ହୋଇଛି ତାହା ତାର ସାମାଜିକ ନିୟମ ଏବଂ ସାମାଜିକ ଅଧିକାରର ନିର୍ଣ୍ଣୟ କରୁଛି। ତଥାପି ଆମେ ଏକ ଧର୍ମନିରପେକ୍ଷ ସାର୍ବଭୌମ ଗଣତାନ୍ତ୍ରିକ ଦେଶ! ଏ ବିଷୟ ଭାବିଲା ବେଳେ ମମତାଦେବୀ ନିଜ ଭାଗ୍ୟକୁ ଧିକ୍କାର କରୁଥିଲେ। ଶେଷରେ ଦିଖଣ୍ଡ ରୁଟି ପାଇଁ ରାକେଶ ଭଳିଆ ଯୋଗ୍ୟତାସମ୍ପନ୍ନ ପିଲାକୁ ଏ ଦୋକାନ ଆଉ ସେ ଗୋଦାମର ମାଲିକ ମାନଙ୍କ ପାଖରେ ଲାଇନ୍ ଲଗାଇବାକୁ ପଡ଼ିଲା। ଏହା ପୂର୍ବ ଜନ୍ମର ପାପଛଡ଼ା ଆଉ କ'ଣ ହୋଇପାରେ, ମମତାଦେବୀ ଭାବିବାକୁ ଲାଗିଲେ।

ସେଆଡ଼େ ମୋହିନୀ ଅପେକ୍ଷା କରିଥିଲା ଭାଇର ଚାକିରି ପାଇଁ। ବହିପତ୍ର କିଣି ପାରୁ ନ ଥିଲା ଠିକ୍ ଭାବରେ, ମେସ୍ ଖର୍ଚ୍ଚ ଦେବାରେ ବି ବହୁତ କଷ୍ଟ ହେଉଥିଲା। ଦିନକୁ ମାତ୍ର ଗୋଟିଏ ମିଲ୍ ଖାଇ ତାକୁ ବେଳେ ବେଳେ ଚଳିବାକୁ ପଡୁଥିଲା। ପ୍ରତିଦିନ ଭାଇ ଘରକୁ ଫେରିଲାବେଳେ ସେହି ଗୋଟାଏ ପ୍ରଶ୍ନ – "ଭାଇ, କିଛି ଚାକିରି ମିଳିଲା ?" ଏବଂ ମୁଣ୍ଡ ଡୁଙ୍ଗାରି ରାକେଶର ମନା କରିବାର ସେହି ଗୋଟିଏ ଉତ୍ତର। ତାହାହେଲେ ତାର ଡାକ୍ତରୀ ପଢ଼ା ଯେ ମଝିରୁ ବନ୍ଦ କରିବାକୁ ହେବ – ଏହା ଭାବି ଚିନ୍ତାରେ ଅସ୍ତବ୍ୟସ୍ତ ହୋଇ ପଡୁଥିଲା ମୋହିନୀ। ସେହି ଅସହ୍ୟ ମାନସିକ ଯନ୍ତ୍ରଣା ତାକୁ ଅନେକ ସମୟରେ ଅନ୍ୟମନସ୍କ ରଖୁଥିଲା। ଜଣେ କୃତୀ ଛାତ୍ରୀ ଭାବରେ ପରିଚିତ ମୋହିନୀ ବେଳେ ବେଳେ ସାଧାରଣ ପ୍ରଶ୍ନର ଉତ୍ତର ଦେଇ ନପାରି ଲଜ୍ଜାରେ ମୁଣ୍ଡ ତଳକୁ ପୋତି ଦେଉଥିଲା।

ଦେଶସାରା ମୌଳିକ ଅଧିକାର ବିରୋଧୀ ଏହି ସଂରକ୍ଷଣ ନୀତି ବିରୁଦ୍ଧରେ ଆନ୍ଦୋଳନ ଚାଲିଲା। ସ୍କୁଲ୍, କଲେଜ୍ ଓ ବିଶ୍ୱବିଦ୍ୟାଳୟ ସବୁରେ ଆନ୍ଦୋଳନର ବହ୍ନି ହୁହୁ ହୋଇ ଜଳି ଉଠିଲା। ଦୃଢ଼ ହସ୍ତରେ କେନ୍ଦ୍ର ସରକାର ଏହି ଆନ୍ଦୋଳନକୁ ଦମନ କଲେ – ଅନେକ ଲୋକ ମୃତାହତ ହେଲେ। ତଥାପି କେନ୍ଦ୍ର ସରକାର ନିଜର ନିଷ୍ପତ୍ତିରେ ଅଟଳ ରହିଲେ।

ଦେଶର ଅନେକ ନିରୀହ ତରୁଣ ତରୁଣୀ ଏହି ନିୟମର ବିରୁଦ୍ଧରେ ଗାନ୍ଧୀନୀତି ଅର୍ଥାତ୍ ଅହିଂସା ନୀତିର ଅନୁସରଣ କଲେ। ବିଭିନ୍ନ ସହରରେ ବିଚ୍ ବଜାରରେ କିରାସିନି କିମ୍ବା ପେଟ୍ରୋଲ୍ ଲଗାଇ ଅନେକ ତରୁଣ ତରୁଣୀ ଆତ୍ମାହୁତି ଦେଲେ। ସରକାର ଏଥିରେ ବି କର୍ଣ୍ଣପାତ କଲେ ନାହିଁ।

ରାଜେଶ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଫାର୍ଷ୍ଟ କ୍ଲାସ୍ ଫାର୍ଷ୍ଟ ହୋଇ ସିନା ଚାକିରି ପାଇଲା ନାହିଁ, ଲାଲୁ ସିଂହ ଯାଦବର ପୁଅ ତିନି ଥର ପରୀକ୍ଷା ଦେଇ ବି.ଏ. ପାଶ୍ କଲା ପରେ ତାକୁ ଅନାୟାସରେ କେନ୍ଦ୍ର ସରକାରଙ୍କ ପ୍ରଥମ ଶ୍ରେଣୀର ଚାକିରି ମିଳିଗଲା। ସେଦିନ ଲାଲୁ ସିଂହ ଯାଦବଙ୍କ ଘରେ ବିରାଟ ଭୋଜିର ଆୟୋଜନ ହେଲା। ଅନେକ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କୁ ପଲାଉ ମାଂସ ଆଉ ଚପ୍ କଟ୍‌ଲେଟ୍ ଆଦିର ବଫେକୁ ନିମନ୍ତ୍ରଣ କରାଗଲା। ବଛା ବଛା ବ୍ୟକ୍ତିଙ୍କ ପାଇଁ ଦେଶୀ ବିଦେଶୀ ଅନେକ ପାନୀୟର ମଧ ବ୍ୟବସ୍ଥା କରାଯାଇଥିଲା। ସେହି ଅବସରରେ ପଛୁଆ ଜାତିର ନେତା ରଘୁନାଥ ମଣ୍ଡଳଙ୍କ

Digitized by srujanika@gmail.com

ଓଜସ୍ୱିନୀ ଭାଷଣ ଶୁଣି ସମସ୍ତେ ତଟସ୍ଥ। ଉଚ୍ଚ ଜାତିର ଲୋକଙ୍କୁ ଏକଘରିଆ କରିବାର ତାଙ୍କ ସଂକଳ୍ପ ଶୁଣି ଲୋକେ ଆଶ୍ଚର୍ଯ୍ୟ ଚକିତ। କେନ୍ଦ୍ରର ଜଣେ ମନ୍ତ୍ରୀ ହୋଇ ସବର୍ଣ୍ଣଙ୍କ ବିରୁଦ୍ଧରେ ତାଙ୍କର ବିଷୋଦ୍‌ଗାର ଏବଂ ତା' ଉପରକୁ କୁତ୍ସିତ ଭାଷାର ପ୍ରୟୋଗ ସାମ୍ବାଦିକ ମାନଙ୍କୁ ଭଲ ଲାଗିଲା ନାହିଁ ସିନା କିନ୍ତୁ ମଣ୍ଡଳଙ୍କ ଭଳି ରେକର୍ଡ ଭୋଟ୍‌ରେ ବିଜୟୀ ଅପ୍ରତିଦ୍ୱନ୍ଦ୍ୱୀ ନେତାଙ୍କ ବିରୁଦ୍ଧରେ କେହି କିଛି ମନ୍ତବ୍ୟ ଦେବାକୁ ଭୟ କଲେ, କାରଣ ମସଲ୍ ପାୱାରର ଚାଣୁଆ ନେତା ରଘୁନାଥ ମଣ୍ଡଳ ବିରୁଦ୍ଧରେ ମନ୍ତବ୍ୟ ପ୍ରକାଶ କରିବା ପାଇଁ ବହୁତ କମ୍ ଲୋକ ସାହସ କରୁଥିଲେ। ବକ୍ତୃତା ପରେ ପାଶ୍ଚାତ୍ୟ ସଙ୍ଗୀତର ତାଳେ ତାଳେ ନାଚ ଗୀତ ଚାଲିଲା।

ପାଖ ରାସ୍ତାରେ ହୁ ହୁ ହୋଇ ଜଳି ଉଠିଲା ଆଉ ରାସ୍ତାର ଲୋକେ ଚିତ୍କାର କରି ଉଠିଲେ। ହଠାତ୍ ଗାନା ବାଜଣା ବନ୍ଦ ହୋଇଗଲା। କ'ଣ ହେଲା କ'ଣ ହେଲା ବୋଲି ଲୋକେ ଚିତ୍କାର କରି ଉଠିଲେ। ଗୋଟିଏ ପଟରେ ସଂରକ୍ଷଣର ଜୟଗାନ ହେଉଥିବା ସମୟରେ ଅନ୍ୟପଟରେ ସଂରକ୍ଷଣ ବିରୋଧରେ ଆତ୍ମାହୁତି କରୁଥିଲା ତରୁଣୀ ମୋହିନୀ ଶର୍ମା। ଲୋକେ ତାକୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ରକ୍ଷା କରି ନେକି ନେଲେ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସକୁ। ମନ୍ତ୍ରୀ ରଘୁନାଥ ମଣ୍ଡଳ ନିଶାରେ ମଜଗୁଲ୍ ହୋଇ କହିଲେ—ଠିକ୍ ହୋଇଛି। ମରନ୍ତୁ ସେଗୁଡ଼ିକ ପିମ୍ପୁଡ଼ି ମାଛି ଭଳିଆ। ହଜାର ହଜାର ବର୍ଷ ଆମ ଉପରେ ରାଜୁତି କରି ଆଜି ଆମ ରାଜୁତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି ବଜାତ୍ ସବର୍ଣ୍ଣମାନେ।

କେତେକ ଲୋକଙ୍କୁ ମନ୍ତ୍ରୀଙ୍କ ଉକ୍ତି ଭଲ ଲାଗିଲା। ଆଉ କେତେକଙ୍କୁ ଭଲ ଲାଗିଲା ନାହିଁ। ହେଲେ ସମସ୍ତେ ତୁନି ରହିଲେ।

ପୁଣି ବାଦ୍ୟଯନ୍ତ୍ର ବାଜିବାକୁ ଆରମ୍ଭ ହେଲା। ମମତାଦେବୀ ପାଖକୁ ଧାଇଁ ଯିବାକୁ ଲାଲୁ ସିଂହ ଯାଦବର ଇଚ୍ଛା ହେଲା—ସହାନୁଭୂତି ଦେଖାଇବାର ଏଇ ହେଉଛି ଅସଲ ମଉକା। କିନ୍ତୁ ମନ୍ତ୍ରୀ ମହାଶୟ ଟାଣି ଧରିଲେ ତାକୁ। କହିଲେ—ଆଇଏ ଆଇଏ ଲାଲୁ ମହାରାଜ। ଖାଇଏ ଔର ଖିଲାଇଏ।

ସେଆଡ଼େ ମରଣ ସହିତ ସଂଗ୍ରାମ କରୁଥିଲା ହତଭାଗିନୀ ମୋହିନୀ ଶର୍ମା। ମମତାଦେବୀ ପାଖରେ ବସି ମୁଣ୍ଡ ପିଟୁଥିଲେ। ରାକେଶର ପତ୍ତା ନ ଥିଲା, ସେ ଯାଇଥିଲା ଚାକିରିର ଅନ୍ୱେଷଣରେ। ମୁମୂର୍ଷୁ ଅବସ୍ଥାରେ ମୋହିନୀ ପାଟି କରୁଥିଲା—ନା' ନା', ମୋତେ ବଞ୍ଚାଅ ନାହିଁ। ମୋର ଏକମାତ୍ର ଇଚ୍ଛା ଏ ସରକାରର ପତନ ଘଟୁ। ସମସ୍ତେ ଏକଜୁଟ ହୋଇ ଏ ସରକାର ବିରୁଦ୍ଧରେ ସଂଗ୍ରାମ କର।

ଡାକ୍ତରମାନଙ୍କ ଅକ୍ଳାନ୍ତ ଚେଷ୍ଟା ସତ୍ତ୍ୱେ ମୋହିନୀ ଶର୍ମାର ପ୍ରାଣରକ୍ଷା ହୋଇ ପାରିଲା ନାହିଁ। ଛାତି ପିଟି ପିଟି ମମତାଦେବୀ କାନ୍ଦିବାକୁ ଲାଗିଲେ। ସାଙ୍ଗ ସାଥୀମାନେ ପ୍ରତିଜ୍ଞା କଲେ ସରକାରର ପତନ ଘଟାଇବାକୁ।

ଶ୍ମଶାନ ଘାଟରେ ମୋହିନୀ ଶର୍ମାର ଚିତା ହୁ ହୁ ହୋଇ ଜଳି ଉଠିଲା। ହଜାର

Digitized by srujanika@gmail.com

ହଜାର ଜନତା ଚିତାର ଚତୁଃପାର୍ଶ୍ୱରେ ନୀରବରେ ଅଶ୍ରୁମୋଚନ କରିବାକୁ ଲାଗିଲେ।

କୁଆଡ଼େ ଥିଲା ଧାଇଁ ଆସିଲା ରାକେଶ। ହାତରେ ଥିଲା ତାର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଡିଗ୍ରୀକୁ ଆଉ ସୁନା ମେଡାଲ। ଡିଗ୍ରୀକୁ ଚିକି ଚିକି କରି ଫାଡ଼ି ନିଆଁରେ ପକାଇ ଦେଲା ରାକେଶ। ଥରେ ଘୃଣାବ୍ୟଞ୍ଜକ ଚାହାଣୀରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଗୋଲ୍ଡ ମେଡାଲ୍‌କୁ ଅନେଇ ଫିଙ୍ଗିଦେଲା ସେହି ମୂଲ୍ୟହୀନ ପଦାର୍ଥକୁ ଭଉଣୀର ଚିତା ଉପରକୁ।

ତା’ପରେ ଏକ ହିଂସ୍ର ଦୃଷ୍ଟିରେ ଚାରିଆଡ଼କୁ ଥରେ ଅନେଇ ଦେଇ ରାକେଶ ଧାଇଁଗଲା ମାଆଙ୍କ ପାଖକୁ। ମମତାଦେବୀ ଛାତିରେ ସ୍ୱାମୀଙ୍କ ବୀରଚକ୍ର ପଦକୁ ଚାପି ଧରି ଝିଅର ଚିତା ଆଡ଼େ ଅନେଇଥିଲେ। ଆଖିରୁ ତାଙ୍କର ବୋହି ଯାଉଥିଲା ଧାର ଧାର ଲୁହ। ମାଙ୍କ ପାଖରୁ ବୀରଚକ୍ର ପଦକକୁ ଛଡ଼େଇ ନେଇ ପକେଇ ଦେଲା ଭଉଣୀର ଚିତା ଉପରେ। ମମତାଦେବୀ ବାରଣ କରିବାକୁ ଇଚ୍ଛାକରି ବି ବାରଣ କରି ପାରିଲେ ନାହିଁ। କାହିଁକି ବା ବାରଣ କରିଥାନ୍ତେ? କି କାମକୁ ଆସିଲା ସେହି ଦେଶପ୍ରେମର ସନ୍ତକ?

ଜଣେ ପରେ ଜଣେ ସ୍ନାତକ ନିଜ ନିଜ ଡିଗ୍ରୀ ଚିରି ଟୋପାଡ଼ି ଦେଲେ ସେହି ଦାବାନଳକୁ। ସମସ୍ତଙ୍କ ମୁହଁରେ ପ୍ରତିହିଂସାର ବହ୍ନି। ରାକେଶ ସତେ ଯେମିତି ପ୍ରତିଜ୍ଞା କରିଛି ଚାଣକ୍ୟ ପରି ନନ୍ଦବଂଶକୁ ଧ୍ୱଂସ କରିବା ପାଇଁ। ମୋହିନୀର ଶେଷଇଚ୍ଛାକୁ ପୂରଣ କରିବା ପାଇଁ ଅଗ୍ନିକୁ ସାକ୍ଷୀ ରଖି ଅଗଣିତ ଜନତା ଆଗେଇ ଆସିଲେ।

✸

ଜୟଚନ୍ଦ୍ର

ଘୋଡ଼ାଚଢ଼ାରୁ ଆରମ୍ଭ କରି କୁଟନୀତି ରାଜନୀତି ପର୍ଯ୍ୟନ୍ତ ସବୁ ରାଜକୀୟ କାଏଦା ଶିଖିଥିଲେ ଜୟଚନ୍ଦ୍ର ଚୌହାନ୍। ପିତା ମାର୍କଣ୍ଡେୟ ସିଂହ ଚୌହାନ୍ ଥିଲେ ଅତ୍ୟନ୍ତ ବିଳାସୀ ଓ ଖର୍ଚ୍ଚି ଲୋକ। ଜଙ୍ଗଲରେ ଶିକାର କରିବା ତାଙ୍କର ଏକ ପ୍ରବଳ ନିଶା। ଜଙ୍ଗଲରେ ନିରୀହ ସମ୍ବର, ବାର୍ହା ଏବଂ ଠେକୁଆଙ୍କୁ ଯେମିତି ଦକ୍ଷତାର ସହିତ ଶିକାର କରି ପାରୁଥିଲେ, ବାଘଭାଲୁ ଭଳିଆ ହିଂସ୍ର ଜନ୍ତୁ ଶିକାରରେ ମଧ୍ୟ ସେମିତି ପଟୁ ଥିଲେ। ବ୍ରିଟିଶ୍ ରାଜତ୍ୱ କାଳରେ ସେ ଥିଲେ ପଲିଟିକେଲ୍ ଏଜେଣ୍ଟଙ୍କ ଅତି ପ୍ରିୟ ରାଜାସାହେବ।

ଛୋଟ ଦେଶୀୟ ରାଜ୍ୟ ସିନା, ହେଲେ ଜଙ୍ଗଲ ସମ୍ପଦ ଓ ଖଣିଜ ସମ୍ପଦରେ ଭରପୂର ଥିଲା ସେହି ରାଜ୍ୟ। ପୁରୁଷ ପୁରୁଷ ଧରି ସେହି ରାଜ୍ୟର ରାଜାମାନେ ପ୍ରଜାଙ୍କ ଉପରେ ଜୁଲୁମ୍ କରି ଆଉ ଜଙ୍ଗଲ ଓ ଖଣିଜ ସମ୍ପଦର ଅବାଧ ବଣିଜ କରି ଠୁଳ କରିଥିଲେ ଅଗାଧ ସମ୍ପତ୍ତି। ହୀରା ନୀଳା ମୋତି ମାଣିକ୍ୟର ଅକଳନ ଭଣ୍ଡାର ଥିଲା ସେମାନଙ୍କ ଗନ୍ତାଘର। ବିଲାତି ସାହେବଙ୍କୁ ଧରି ଜଙ୍ଗଲରେ ଶିକାର କରିବା ଥିଲା ସେମାନଙ୍କ ବୁନିଆଦି। ଗୋରା ସାହେବମାନଙ୍କ ସହିତ ସେଥିପାଇଁ ସେମାନଙ୍କର ସମ୍ପର୍କ ଥିଲା ଅତି ନିବିଡ଼।

ଗଡ଼ଜାତରେ ସ୍ୱାଧୀନତା ଦବେଇବାରେ ସେମାନେ ଥିଲେ ସିଦ୍ଧହସ୍ତ। ପୁରୁଷ ପୁରୁଷ ଧରି ଫିରିଙ୍ଗି ଶାସନର ସମର୍ଥନ କରି ଆସୁଥିଲେ ସେମାନେ।

ରାଜା ମାର୍କଣ୍ଡେୟ ସିଂହ ପୂର୍ବପୁରୁଷଙ୍କ ଅର୍ଜିତ ଅଗାଧ ସମ୍ପତ୍ତିର ଅଧିକାରୀ ହୋଇ ବିଳାସ ବ୍ୟସନରେ କାଳାତିପାତ କରିବାକୁ ଲାଗିଲେ। ହାତ ଖୋଲି ଖର୍ଚ୍ଚ କରୁଥିଲେ। ବମ୍ବେ ପୁନା ବାଙ୍ଗାଲୋର ସବୁ ଘୋଡ଼ାଦୌଡ଼ରେ ସେ ବାଜି ଲଗାଉଥିଲେ। ଦେଶର ସବୁଠୁ ବଛା ବଛା ବାଈଘର ଥିଲା ତାଙ୍କର କ୍ରୀଡ଼ାସ୍ଥଳୀ। ବଛା ବଛା ସୁନ୍ଦରୀମାନଙ୍କ ସହିତ ରାତ୍ରିଯାପନ କରିବା ଥିଲା ତାଙ୍କର ସବୁଠୁ ବଡ଼ ସୌକ। ଆଉ ସେହି ଅନିନ୍ଦ୍ୟସୁନ୍ଦରୀ ମାନଙ୍କ ଦାନାର୍ଥେ ବ୍ୟବହାର ହେଉଥିଲା ତାଙ୍କର ଗନ୍ତାଘରର ମଣିମୁକ୍ତା ବେହିସାବି ଭାବରେ।

କୁଳ ପୁରୋହିତ ଚିନ୍ତା କରିବାକୁ ଲାଗିଲେ ରାଜାସାହେବଙ୍କ ଏହି କୁଳାଙ୍ଗାରପଣ ଯୋଗୁଁ। ରାଜାସାହେବଙ୍କୁ ଆକଟ କରିବାକୁ ଚେଷ୍ଟା ମଧ୍ୟ କଲେ କିନ୍ତୁ କିଛି ଫଳ ହେଲାନି।

ପୁଅର ଜନ୍ମବେଳେ ମାର୍କଣ୍ଡେୟ ସିଂହ ଥିଲେ ପ୍ରସିଦ୍ଧ ନାଚ୍‌ନେୱାଲୀ ଅତୀବ ସୁନ୍ଦରୀ ହମିଦାବାଈର ବଙ୍ଗଳାରେ। ହମିଦାବାଈ ପାଇଁ ସେହି ଆଧୁନିକ ରୁଚିସମ୍ପନ୍ନ ବଙ୍ଗଳା ତିଆରି କରେଇ ଦେଇଥିଲେ ସ୍ୱୟଂ ରାଜାସାହେବ।

ପୁଅ ଜନ୍ମ ହେବାର ଖବର ପାଇ ସେହି ବଙ୍ଗଳାରେ ସମବେତ ସମସ୍ତଙ୍କୁ ବାଣ୍ଟି ଦେଇଗଲେ ବେହିସାବି ଧନରତ୍ନ – ହମିଦାବାଈ ବେକରେ ପିନ୍ଧେଇ ଦେଲେ ତାଙ୍କ ଗନ୍ତାଘରର

Digitized by srujanika@gmail.com

ସବୁଠୁ ମୂଲ୍ୟବାନ ମୋତିର ହାର।

ଉଆସକୁ ଆସି ସବୁ ପରିଚାରକ ଓ ପରିଚାରିକାକୁ ଦେଇଗଲେ ଅନେକ ମୂଲ୍ୟବାନ ପୁରସ୍କାର। ପାଟରାଣୀଙ୍କ ପାଖରେ ଶୋଇଥିବା ନିଜର ପୁତ୍ର ସନ୍ତାନକୁ ଦେଖି ନିଜର ପୁରୁଷତ୍ୱର ସାର୍ଥକତାରେ ଉଦ୍‌ଫୁଲ୍ଲିତ ହୋଇ ନିଜର ରାଜାସୁଲଭ ଢଙ୍ଗରେ ପଚାରିଲେ, "ରାଣୀ ସାହିବା, ପୁଅର ନାମ କ'ଣ ରଖିବ?" "ଆପଣଙ୍କ ଇଚ୍ଛା।" ରାଣୀ ସାହିବା ଉତ୍ତର ଦେଲେ।

"ତୁମେ କୁହନା।"

"ହେଉ ତାହାହେଲେ। ମୋତେ ଯଦି ପଚାରୁଛନ୍ତି ତାର ନାମ ଦିଅନ୍ତୁ ଚନ୍ଦ୍ରଗୁପ୍ତ।"

ରାଜାସାହେବ 'ଠୋ ଠୋ ହୋଇ ହସି ଉଠିଲେ। କହିଲେ, "ନାଁରେ ଚନ୍ଦ୍ର ତ ନିଶ୍ଚୟ ରହିବ କାରଣ ଚନ୍ଦ୍ରବଦନ ପ୍ରାୟ ମୋର କୁଳତିଳକ।" ଅତି ଉଦ୍‌ଫୁଲ୍ଲିତ ଭାବରେ ରାଜାସାହେବ, "ସାରାଦେଶ ଜୟ କରିବ ମୋର ରାଜକୁମାର। ତାର ନାମ ରଖିବା ଜୟଚନ୍ଦ୍ର।"

ରାଣୀ ସାହିବାଙ୍କୁ ସେ ନାଁଟା କାହିଁକି ଯେ ସେତେ ଭଲ ଲାଗିଲା ନାହିଁ। ହେଲେ ରାଜା ସାହେବଙ୍କୁ ଉତ୍ତର କାହିଁ?

ଜନ୍ମରୁ ଜୟଚନ୍ଦ୍ର ବଢ଼ିବାକୁ ଲାଗିଲେ ବିଳାସରେ। କିଶୋର ବୟସରେ ସେ ଦେଖିଲେ ତାଙ୍କ ପୂର୍ବପୁରୁଷଙ୍କ ଅର୍ଜିତ ସମ୍ପତ୍ତି ସରିବା ଉପରେ। ଗନ୍ତାଘର ପ୍ରାୟ ଖାଲି। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶ ସେତେବେଳେ ସ୍ୱାଧୀନତା ପାଇ ସାରିଥାଏ। ସର୍ଦ୍ଦାର ପଟେଲଙ୍କ ନେତୃତ୍ୱରେ ଦେଶୀୟ ରାଜ୍ୟଗୁଡ଼ିକ ଭାରତରେ ମିଶି ଯାଇଥାନ୍ତି। ରାଜ୍ୟ ହରାଇବା ବଦଳରେ ପ୍ରିଭିପର୍ସ ଆକାରରେ ମିଳୁଥାଏ କିଛି ସରକାରୀ ଅନୁଦାନ। କର୍ପୂର ଚାଲିଯାଇଥାଏ – ଥାଏ କେବଳ କନା।

ରାଜାସାହେବ ମାର୍କଣ୍ଡେୟ ସିଂହ ରାଜ୍ୟ ହରାଇବାର ମନସ୍ତାପରେ ବେଶିଦିନ ବଞ୍ଚିଲେ ନାହିଁ। ଯୁବକ ଜୟଚନ୍ଦ୍ରଙ୍କ ଭାଗ୍ୟରେ ଜୁଟିଲା ସେହି ଫମ୍ପା ରାଜଗାଦୀରେ ବସିବାର ସୁଯୋଗ।

ପିତାଙ୍କର ଅନେକ ମନ୍ଦଗୁଣର ଉତ୍ତରାଧିକାରୀ ଥିଲେ ସୁଦ୍ଧା, ଜୟଚନ୍ଦ୍ର ଛୋଟବେଳୁ କୂଟନୀତି ବିଶାରଦ ଥିଲେ। ଧନସମ୍ପତ୍ତି ସିନା ଖଲାସ୍ ହୋଇ ଯାଇଥିଲା; କିନ୍ତୁ ସେ ଅଞ୍ଚଳରେ ଯଥେଷ୍ଟ ସୁନାମ ଥିଲା ସେମାନଙ୍କ ପରିବାରର। ବ୍ରିଟିଶ ସରକାରର ପଦଲେହନ କରି ବହୁତ ବଡ଼ ବଡ଼ ଉପାଧି ମିଳିଥିଲା ତାଙ୍କ ରାଜଘରାନାର ଲୋକଙ୍କୁ। ତାଙ୍କ ପିତା ଥିଲେ ନାଇଟ୍ କମାଣ୍ଡର ଅଫ୍ ଇଣ୍ଡିଏନ୍ ଏମ୍ପାୟାର – କେ. ସି. ଆଇ. ଇ.। ରାଜ୍ୟ ସିନା ଚାଲିଗଲା – ରାଜନୀତିରେ ପଶିବାର ବିସ୍ତର ସୁଯୋଗ ମିଳିଲା ଜୟଚନ୍ଦ୍ରଙ୍କୁ। ଆଉ ତାର ସଦୁପଯୋଗ କଲେ ରାଜା ଜୟଚନ୍ଦ୍ର।

ତାଙ୍କ ପିତା ଟଙ୍କା ଖର୍ଚ୍ଚ କରି ଜାଣିଥିଲେ, ଜୟଚନ୍ଦ୍ର ଟଙ୍କା ଉପାର୍ଜନ କରିବାର ନୂତନ ପନ୍ଥାମାନ ଉଦ୍ଭାବନ କଲେ। ରାଜନୀତିରେ ପଶି ସେ ଦେଖିଲେ ଯେ ଅର୍ଥ

Digitized by srujanika@gmail.com

ଉପାର୍ଜନର ଅନେକ ଅଭିନବ ପନ୍ଥା ଅଛି। ସେ ସବୁ ଉପଯୋଗ ବିନାଦ୍ୱିଧାରେ କଲେ ଜୟଚନ୍ଦ୍ର। ଦେଶର ସ୍ୱାର୍ଥ ଅପେକ୍ଷା ନିଜର ସ୍ୱାର୍ଥ ଥିଲା ତାଙ୍କ ରାଜନୀତିର ଆଦର୍ଶ। ସେ ଜାଣିଥିଲେ ଯେ ଧନଦଉଲତ ହିଁ ପ୍ରକୃତ ଶକ୍ତି। ଆଉ ସେ ଶକ୍ତିର ଅଧିକାରୀ ହେବା ପାଇଁ ସେ ଦରକାର ପଡ଼ିଲେ ଦେଶର ସ୍ୱାର୍ଥକୁ ବଳିଦାନ କରିବାକୁ ପ୍ରସ୍ତୁତ ଥିଲେ। ସେ ଦେଖିଲେ ଯେ ଅନେକ ରାଜନୀତିଜ୍ଞ ତାଙ୍କ ଆଦର୍ଶରେ ଅନୁପ୍ରାଣିତ। ତେଣୁ ସହଜରେ ତାଙ୍କ ମତାବଲମ୍ବୀ ରାଜନୀତିଜ୍ଞମାନଙ୍କର ସେ ଅବିଳମ୍ବେ ନେତା ବନିଗଲେ।

ନିର୍ବାଚନ ଲଢ଼େଇ ଚାଲିଲା। ଅତ୍ୟାଚାରୀ ରାଜବଂଶର ଦାୟାଦ ହେଲେ ମଧ ଜୟଚନ୍ଦ୍ର ଯେ ରାଜବଂଶୀୟ ତାହା ତାଙ୍କ ନିର୍ବାଚନ ପାଇଁ ଯଥେଷ୍ଟ ସାହାଯ୍ୟ କଲା। ଆମ ଦେଶର ଲୋକେ ଅନେକ କ୍ଷେତ୍ରରେ ନିଜର ବୁଦ୍ଧି ଓ ବଳର ପରାକାଷ୍ଠା ଦେଖେଇ ଦୁନିଆର ଲୋକଙ୍କୁ ବିସ୍ମିତ କରିଛନ୍ତି ସତ, କିନ୍ତୁ ସାଧାରଣ ଜନତା ମଧରେ ରାଜପରିବାର ପ୍ରତି ଏକ ଦୁର୍ବଳତା ଅଛି। ଏହି ଦୁର୍ବଳତାର ସୁଯୋଗ ନେଇଥିଲେ ଜୟଚନ୍ଦ୍ର ଚୌହାନ୍। ନିର୍ବାଚନ ପ୍ରଚାର ସମୟରେ ନିଜ ସ୍ତ୍ରୀ ସହିତ ବସ୍ତି ବସ୍ତି ବୁଲି ଲୋକଙ୍କୁ ଭୋଟ ଭିକ୍ଷା କଲାବେଳେ ଲୋକଙ୍କ ହୃଦୟ ବିଗଳିତ ହୋଇଗଲା। ରାଜା ଓ ରାଣୀ ସ୍ୱୟଂ ତାଙ୍କ ନିକଟରେ ବିରାଜମାନ ହୋଇ ଛାର ଖଣ୍ଡେ ଭୋଟ ପାଇଁ ଅନୁରୋଧ କଲେ ସେମାନେ ବା ନ ଦିଅନ୍ତେ କିପରି? ଲୋକେ ସିନା ଭୋଟ ପ୍ରଚାରରେ ଖର୍ଚ୍ଚ କରନ୍ତି, କିନ୍ତୁ ଜୟଚନ୍ଦ୍ର ଯେଉଁ ପ୍ରଚାର କରିବା ପାଇଁ ଗଲେ ସେ ବସ୍ତିରୁ ଭେଟି ସ୍ୱରୂପ ଅନେକ ଟଙ୍କା ଏବଂ ମୂଲ୍ୟବାନ ଜିନିଷ ପ୍ରାପ୍ତ ହେଲେ। ତାଙ୍କ ବିରୁଦ୍ଧରେ ଛିଡ଼ା ହୋଇଥିବା ପ୍ରଜାମଣ୍ଡଳର ନେତା ବିଚାରା ନିର୍ବାଚନ ଲଢ଼େଇରେ ଚିତ୍‌ପଟାଙ୍ଗ ମାରିଲେ। ତାଙ୍କର ସିକ୍ୟୁରିଟି ଡିପୋଜିଟ୍ ବି ବାଜ୍ୟାପ୍ତ ହେଲା।

ଥରେ ଭୋଟ ଜିଣି ସାରିଲା ପରେ ଜୟଚନ୍ଦ୍ର ଚିନ୍ତା କଲେ ଶାସନ କଳର ନେତୃତ୍ୱ ନେବା ପାଇଁ। ଏଥିପାଇଁ ବିଦେଶୀ ବଣିକମାନେ ତାଙ୍କୁ ଯଥେଷ୍ଟ ସାହାଯ୍ୟ କଲେ। ସେମାନଙ୍କ ଠାରୁ ପାଇଥିବା ଟଙ୍କା ଅଜାଡ଼ି ଦେଲେ ଦୂରଦୂରାନ୍ତରୁ ନିର୍ବାଚିତ ହୋଇଥିବା ଜନପ୍ରତିନିଧି ମାନଙ୍କ ଉପରେ। ରାଜଧାନୀରେ ପହଞ୍ଚୁ ପହଞ୍ଚୁ ସେମାନଙ୍କୁ ପଞ୍ଚତାରକା ହୋଟେଲ୍‌ରେ ରଖି ସେମାନଙ୍କର ଭବ୍ୟ ସମ୍ବର୍ଦ୍ଧନା କରାଗଲା। ସେମାନଙ୍କ ଯିବା ଆସିବା ପାଇଁ ଶୀତତାପ ନିୟନ୍ତ୍ରିତ କାର୍‌ର ବ୍ୟବସ୍ଥା କରାଯାଇଥିଲା। ସେମାନଙ୍କ ମନ ବହଲାଇବା ପାଇଁ ସୁରା ଓ ସାକୀର ବି ବ୍ୟବସ୍ଥା ହୋଇଥିଲା। ସେମାନଙ୍କ ମଧରୁ ପ୍ରାଦେଶିକ ନେତାମାନଙ୍କୁ ବଡ଼ ବଡ଼ ପାହ୍ୟାରେ ମନ୍ତ୍ରୀ କରାଯିବାର ପ୍ରଲୋଭନ ମଧ ଦେଖାଗଲା। ଜୟଚନ୍ଦ୍ର ଚୌହାନଙ୍କ ଏହି ରାଜନୈତିକ ଖେଳ ବେଶ୍ ସଫଳତା ଲାଭ କଲା। ନବନିର୍ବାଚିତ ପ୍ରତିନିଧି ମାନେ ରାଜାସାହେବଙ୍କ ପ୍ରଶଂସାରେ ମୁଖର ହୋଇ ଉଠିଲେ।

ନେତା ନିର୍ବାଚନର ଦିନ ଆସିଲା। ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ପୁରୁଖା ନେତାମାନେ ଜଣେ ଟାଣୁଆ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ପ୍ରସ୍ତାବ କଲେ। ପ୍ରଥମେ ପ୍ରଥମେ ସେହି ଲୋକପ୍ରିୟ ନେତାଙ୍କ ବିରୁଦ୍ଧରେ ଦଳର ନେତୃତ୍ୱ ପାଇଁ ଲଢ଼େଇ କରିବାକୁ

Digitized by srujanika@gmail.com

ଜୟଚନ୍ଦ୍ର ମନେ ମନେ ଡରୁଥିଲେ। କିନ୍ତୁ ପୈସା କ୍ୟା ନ କରେ କାମ୍! ଅନେକ କୁଜି ନେତାଙ୍କ ସଙ୍ଗେ ତଥାକଥିତ ବଡ଼ ନେତାମାନେ ମଧ୍ୟ ତାଙ୍କ ପକେଟସ୍ଥ ହେଲେ। ବିପୁଳ ଭୋଟ୍‌ରେ ଦଳର ନେତା ରୂପେ ନିର୍ବାଚିତ ହେଲେ ରାଜାସାହେବ। ତାଙ୍କର ଶପଥ ଗ୍ରହଣ ଦିନ ଦେଶସାରା ସବୁ ମଦଦୋକାନ ଲୋକଙ୍କ ପାଇଁ ମାଗଣାରେ ଖୋଲି ଦିଆଗଲା। ଜେଲ୍‌ଖାନାମାନଙ୍କରୁ ସବୁ କଏଦୀଙ୍କୁ ମୁକ୍ତ କରାଗଲା। ଦେଶସାରା ଶୁଣାଗଲା ରାଜାସାହେବଙ୍କ ଜୟଜୟକାର। ଗୋଟିଏ ଛୋଟ ଦେଶୀୟ ରାଜ୍ୟର ମୁକୁଟ ବିହୀନ ରାଜାସାହେବ ସମଗ୍ର ଦେଶର ମଉଡ଼ମଣି ଭାବରେ ଅଧିଷ୍ଠିତ ହେଲେ।

ଶପଥ ଗ୍ରହଣପରେ ଦେଶର ସର୍ବୋଚ୍ଚ ନେତା ଭାବରେ ସେ ଲୋକଙ୍କୁ ପ୍ରତିଶ୍ରୁତି ଦେଲେ ଯେ ଅଳ୍ପଦିନ ଭିତରେ ସେ ଦେଶରେ ଶିଳ୍ପ ବିପ୍ଳବର ସୂତ୍ରପାତ କରିବେ ଏବଂ ଦେଶର ପ୍ରଭୂତ ଉନ୍ନତି କରିବେ।

ସତକୁ ସତ ତାଙ୍କୁ ସାହାଯ୍ୟ କରିଥିବା ବିଦେଶୀ ବଣିକମାନେ ଦେଶର ବିଭିନ୍ନ ଅଞ୍ଚଳରେ ବିଭିନ୍ନ କଳକାରଖାନା ବସାଇବାର ଖସଡ଼ା ପ୍ରସ୍ତୁତ କରି ଅତି ଦ୍ରୁତଗତିରେ ଶିଳ୍ପବିପ୍ଳବକୁ ଆଗେଇ ନେବାର ଆୟୋଜନ କଲେ। ବିଦେଶୀ ବଣିକମାନଙ୍କର ଚାହିଦା ଅନୁସାରେ ଆମଦାନୀ ଓ ରପ୍ତାନିର ଅଗ୍ରାଧିକାର ସ୍ଥିର କରାଗଲା। ଦେଶର କେତେକ ପୁରୁଖା ନେତା ତାର ବିରୋଧ କରିବାରୁ ସେମାନେ ପୁରୁଣାକାଳିଆ ଫସିଲ୍ ବୋଲି କହି ଜୟଚନ୍ଦ୍ର ହସରେ ଉଡ଼େଇ ଦେଲେ।

ଦେଶରେ ବନ୍ଦର ତିଆରି ହେଲା ଦେଶର ଖଣିଜ ସମ୍ପଦକୁ ବିଦେଶକୁ ରପ୍ତାନି କରି ଅଜସ୍ର ବିଦେଶୀ ବିନିମୟ ମୁଦ୍ରା ଅର୍ଜନ କରିବାକୁ। ଦେଶର ବଡ଼ ବଡ଼ ଜଙ୍ଗଲକୁ ସଫା କରି ନୂଆ ନୂଆ ଶିଳ୍ପନଗରୀ ସୃଷ୍ଟି କରାଗଲା। କୃଷି ପ୍ରତି ବିଶେଷ ଧ୍ୟାନ ନ ଦେଇ ଖାଦ୍ୟ ପଦାର୍ଥ ପ୍ରଚୁର ପରିମାଣରେ ଆମଦାନୀ କରି ଅଳ୍ପମୂଲ୍ୟରେ ଲୋକଙ୍କୁ ବିତରଣ କରାଗଲା। ଦେଶର ନକ୍ସା ବଦଳି ଗଲା। ଦେଶସାରା ରାଜାସାହେବଙ୍କ ଗୁଣ କୀର୍ତ୍ତନ କରାଗଲା। ଲୋକେ କହିଲେ, "ରାମରାଜ୍ୟ ଆସିଗଲା।"

ରାଜାସାହେବ ବିଦେଶୀ କମ୍ପାନୀମାନଙ୍କୁ ଲିଜ୍ ସୂତ୍ରରେ ଦେଶର ବିଭିନ୍ନ ଅଞ୍ଚଳକୁ ବାଣ୍ଟି ଦେଇ ପ୍ରଚୁର ଅର୍ଥ ଆଦାୟ କଲେ। ପୂର୍ବତନ ବଡ଼ ବଡ଼ ରାଜ୍ୟର ରାଜାମାନଙ୍କର ରତ୍ନଭଣ୍ଡାରସବୁ ଚଢ଼ଉ କରି ସେସବୁ ବାଜ୍ୟାପ୍ତ କରାଗଲା ଏବଂ ଲୋକଙ୍କ ମନରେ ସାମ୍ୟବାଦର ଅବତାରଣା ଦିଆଗଲା। ପ୍ରିଭିପର୍ସ ବନ୍ଦ କରି ଦିଆଗଲା। ଏହି ବିପ୍ଳବାତ୍ମକ ସଂସ୍କାରମୂଳକ କାର୍ଯ୍ୟ କରିବାବେଳେ ଲୋକଙ୍କ ଅଜାଣତରେ କୋଟି କୋଟି ଟଙ୍କାର ମାଲିକ ବନିଗଲେ ରାଜାସାହେବ। ବିଦେଶୀ ବଣିକ ମାନେ ରାଜାସାହେବଙ୍କୁ ଯେତେ ଦେଲେ ସେଠୁ ଅନେକ ଗୁଣ ଅଧିକ ଲିଜ୍ ପାଇଥିବା ନିଜ ନିଜ ଅଞ୍ଚଳରୁ ଶୋଷିନେଲେ।

ଅଳ୍ପ କେଇ ଦିନର ଭେଳିକି ପରେ ଲୋକଙ୍କ ଚୈତନ୍ୟୋଦୟ ହେଲା। ସେତେବେଳକୁ ଆଇନ ବଳରେ ଦେଶର ବିଭିନ୍ନ ଅଞ୍ଚଳକୁ ଲିଜ୍ ସୂତ୍ରରେ ନେଇ ନିଜ ନିଜ ଅଞ୍ଚଳରେ ଆଞ୍ଚଳିକତାର ବୀଜ ବୁଣି ସାରିଥିଲେ ବିଦେଶୀ ବଣିକଦଳ। ଦରଦାମ୍ ହୁହୁ ହୋଇ ବଢ଼ିବାକୁ

Digitized by srujanika@gmail.com

ଲାଗିଲା । ବହୁମାତ୍ରାରେ ବିଦେଶୀ ଧନର ବଣ୍ଟନ କରାଯାଇ ଧର୍ମାନ୍ତରୀକରଣର ସୁଅ ଛୁଟିଲା । ବେହିସାବି ଭାବରେ ଚାଲିଲା ଲୁଟ୍‌ତରାଜ୍, ଅନ୍ୟାୟ ଅତ୍ୟାଚାର ।

ଦିନେ ଯେମିତି ଇଷ୍ଟଇଣ୍ଡିଆ କମ୍ପାନୀ ବେପାର କରୁଁ କରୁଁ ଦେଶର ଶାସନକୁ କବ୍‌ଜା କରି ପାରିଥିଲା, ସେମିତି ବିଦେଶୀ ବଣିକମାନେ ବ୍ୟବସାୟ ନାଁରେ ଦେଶର ଶାସନକୁ ନିଜର ଅଧୀନରେ ରଖିଲେ । ସେମାନଙ୍କ ଇଚ୍ଛାନୁସାରେ ପ୍ରତିନିଧି ସଭାରେ ଆଇନ ପ୍ରଣୟନ କରାଗଲା । ଜୟଚନ୍ଦ୍ର ସେମାନଙ୍କ କବ୍ଜାରେ ରହିଲେ । ରାଜାସାହେବଙ୍କୁ ବିଳାସବ୍ୟସନରେ ମାତାଲ କରି ସେମାନେ ନିଜର ଚକ୍ରବ୍ୟୁହ ରଚନା କରିବାକୁ ଲାଗିଲେ ।

ଧୀରେ ଧୀରେ ଲୋକଙ୍କ ଭିତରେ ଅସନ୍ତୋଷର ମାତ୍ରା ବଢ଼ିବାକୁ ଲାଗିଲା । ଚାରିଆଡ଼େ ବିଦ୍ରୋହର ଚାପାଆୱାଜ୍ ଶୁଣିବାକୁ ମିଳିଲା । ରାଜାସାହେବ କିନ୍ତୁ ମଜ୍‌ଗୁଲ୍ । ସୁରା ଓ ସାକୀରେ ବୁଡ଼ବୁଡ଼ । ନିଜର ଦେଶୀ ଓ ବିଦେଶୀ ଉପଦେଷ୍ଟା ମାନଙ୍କ ପରାମର୍ଶରେ ଦେଶର ଶିକ୍ଷିତ ଯୋଗ୍ୟ ଲୋକମାନଙ୍କ ଉପରେ ଜୁଲୁମ୍ କରାଗଲା । ବିନା ୱାରେଣ୍ଟରେ ଏରେଷ୍ଟ କରିବା, ବିନା ବିଚାରରେ ଦୀର୍ଘଦିନ ଜେଲ୍‌ରେ ଅଟକ ରଖିବା ନିତିଦିନିଆ ଘଟଣାରେ ପରିଣତ ହେଲା । ଲୋକଙ୍କ ଅସନ୍ତୋଷ ଆହୁରି ବଢ଼ିବାକୁ ଲାଗିଲା । ଚାପା ଆୱାଜ୍ ଧୀରେ ଧୀରେ ପ୍ରକଟିତ ହୋଇ ବାୟୁମଣ୍ଡଳକୁ ପ୍ରକମ୍ପିତ କଲା ।

ରାଜା ସାହେବଙ୍କୁ ବୁଝିବାକୁ ବାକି ରହିଲା ନାହିଁ ଯେ, ତାଙ୍କ ନେତୃତ୍ୱ ବର୍ତ୍ତମାନ ସଙ୍ଗୀନ ମୁନରେ । ଲୋକଙ୍କୁ ଠକି କି ବକ୍ତୃତା ଦେବା ପାଇଁ ତାଙ୍କ ମୁହଁ ନ ଥିଲା । ଶେଷରେ ସେ ବିଦେଶୀ ବଣିକମାନଙ୍କ ଦ୍ୱାରସ୍ଥ ହେଲେ ସେହି ଜଟିଳ ପରିସ୍ଥିତିରୁ ତାଙ୍କୁ ବଞ୍ଚେଇବା ପାଇଁ। ସେମାନେ ଉପଦେଶ ଦେଲେ ଦେଶକୁ ଧର୍ମ, ବର୍ଣ୍ଣ, ଭାଷା ଓ ଜାତି ଭିତ୍ତିରେ ଭାଗ ଭାଗ କରି ଲୋକଙ୍କ ଏକତାକୁ ଭାଙ୍ଗି ଦେବା ପାଇଁ। ସେ ଦିଗରେ ବିଦେଶୀ ରାଜ୍ୟମାନଙ୍କରୁ ବିଚ୍ଛିନ୍ନତା ବାଦୀ ଶକ୍ତି ଗୁଡ଼ିକୁ ପ୍ରୋତ୍ସାହନ ଦିଆଗଲା ମଧ୍ୟ । କିଛିଦିନ ଏହି ବିଚ୍ଛିନ୍ନତାବାଦୀ ଶକ୍ତି ଦେଶରେ ଆତଙ୍କରାଜ ସୃଷ୍ଟି କରି ଶାସନ କଳର ଦୋଷ ଦୁର୍ବଳତାରୁ ଲୋକଙ୍କ ମନକୁ ଦୂରକୁ ନେବାକୁ ଚେଷ୍ଟା କରି କିଛି ସଫଳତା ଲାଭ ମଧ୍ୟ କଲେ । କିନ୍ତୁ ଅନେକ ଶ୍ରମରେ ପାଇଥିବା ସ୍ୱାଧୀନତାକୁ ଲୋକେ ଆଉ ହରେଇବାକୁ ଚାହିଁଲେ ନାହିଁ। ସ୍ୱାଧୀନତା ସମୟର ବିଭାଜନର ନାରକୀୟ ହଣାକଟା ଆଉ ଥରେ ଅନୁଷ୍ଠିତ ନ କରେଇବା ପାଇଁ ସେମାନେ ଏକଜୁଟ ହେଲେ । ଦିନେ ଯେଉଁଠି ଆମର ଧର୍ମ ଭିନ୍ନ, ଆମର ଭାଷା ଭିନ୍ନ ଏବଂ ଆମ ସଂସ୍କୃତି ଭିନ୍ନ ବୋଲି ସ୍ଲୋଗାନକୁ ଭିତରେ ଭିତରେ ପ୍ରୋତ୍ସାହନ ଦିଆଯାଉଥିଲା, ସେଇଠି ହଠାତ୍ ଶୁଣାଗଲା 'ଆମେ ଗୋଟିଏ ମାତାର ସନ୍ତାନ ।'

ଜୟଚନ୍ଦ୍ରଙ୍କ ଆସନ ଟଳମଳ ହେବାକୁ ଲାଗିଲା । ସେ ଇତିହାସର ଜୟଚନ୍ଦ୍ରଙ୍କ ପରି ବିଦେଶୀ ବଣିକମାନଙ୍କୁ ମହମ୍ମଦ ଘୋରୀ ଭଳିଆ ଡାକି ଆଣିନାହାନ୍ତି ତ ? ସେ ଭାବିଥିଲେ ବିଦେଶୀ ବଣିକମାନେ ବ୍ୟବସାୟ କରି ନିଜ ନିଜ ନଫା ଉଠାଇ ସାରିବା ପରେ ଚାଲିଯିବେ କିନ୍ତୁ ତାହା ହେଲା ନାହିଁ। ମହମ୍ମଦ ଘୋରୀ ଯେମିତି ଭାରତମାଟିରେ

Digitized by srujanika@gmail.com

ଲୋଡ଼େଇ ଯାଉଥିଲେ, ବିଦେଶୀ ବଣିକମାନେ ନିଜ ନିଜ ଅଞ୍ଚଳକୁ କବ୍‌ଜାରେ ରଖି ସେ ଅଞ୍ଚଳର ଖଣିଜ ସମ୍ପଦ ଓ ଜଙ୍ଗଲ ସମ୍ପଦରେ ଲୋଭେଇ ଯାଉଥିଲେ। ନିଜ ସ୍ୱାର୍ଥ ସାଧନ ପାଇଁ ଦେଶର ବିଭିନ୍ନ ଅଞ୍ଚଳରେ ବିଦେଶୀ ଫଉଜ ବି ରଖିଲେ।

ଗୋଟିଏ ପଟରେ ଜନତାର ଆନ୍ଦୋଳନ – ଅନ୍ୟ ଦିଗରେ ବିଦେଶୀ ବଣିକମାନଙ୍କ ତାଗିଦ୍। ଏ ଦୁଇଟି ଚକି ଭିତରେ ପେଷି ହୋଇଗଲେ ଜୟଚନ୍ଦ୍ର ଚୌହାନ୍। ତାହାହେଲେ ସେ ଭାଙ୍ଗିପଡ଼ିବେ? ତାଙ୍କର ଏତେ କୂଟନୀତି ଶିକ୍ଷା କ'ଣ ବୃଥା ହେବ? ସେ ଦିନ ସିନା ରାଜା ଜୟଚନ୍ଦ୍ର ମହମ୍ମଦ ଘୋରୀର କବ୍ଜାରୁ ଖସି ପାରି ନ ଥିଲେ – ଆଜି ବିଦେଶୀ ବଣିକମାନଙ୍କ ନିକଟରେ ତାଙ୍କର କଣ ସେହି ଦଶା ହେବ?

ନିଜର ବିଶ୍ୱସ୍ତ କର୍ମଚାରୀମାନଙ୍କ ସହାୟତାରେ ନିଜର କଷ୍ଟୋପାର୍ଜିତ ଧନ ଦଉଲତ ଧରି ଉଡାଜାହାଜ ଯୋଗେ ସେ ଦେଶରୁ ଚମ୍ପଟ୍ ମାରିବାର ଯୋଜନା କଲେ। ମଧ୍ୟରାତ୍ରିର ଅନ୍ଧକାରରେ ଯୋଜନା ମୁତାବକ ସବୁ ଧନ ଦଉଲତ ସହ ପରିବାର ସଦସ୍ୟମାନେ ସବାର ହେଲେ ଏରୋପ୍ଲେନ୍‌ରେ।

ଇଞ୍ଜିନ ଷ୍ଟାର୍ଟ ହେଲା। ରନ୍‌ୱେରେ ଧାଇଁବାକୁ ଆରମ୍ଭ କଲା ଜୟଚନ୍ଦ୍ରଙ୍କ ଉଡ଼ାଜାହାଜ। ହାୟରେ ଦୁର୍ଭାଗା ଦେଶ! ଦେଶର ଧନ ଦଉଲତ ଲୁଟିନେଇ ବିଦେଶୀ ବଣିକମାନଙ୍କ ହାତରେ ଦେଶକୁ ଟେକିଦେଇ ଜୟଚନ୍ଦ୍ରଙ୍କ ବିଦେଶକୁ ଉଡ଼ିଯିବାର ଯୋଜନା ତାହାହେଲେ ସଫଳ ହେଲା!

କିନ୍ତୁ ଏ କ'ଣ? ଏରୋଡ୍ରମ୍‌ର ବିଭିନ୍ନ ଦିଗରୁ ବିଦେଶୀ ଭଡ଼ାଟିଆ ସୈନ୍ୟମାନଙ୍କ ପ୍ରତିରୋଧକୁ ପ୍ରତିହତ କରି ମଧ୍ୟରାତ୍ରିର ଅନ୍ଧକାରକୁ ଚିରି ରନ୍‌ୱେ ଆଡ଼କୁ ଧାଇଁ ଆସୁଥିଲା ବିମାନବିଧ୍ୱସ୍ତକାରୀ କେତେଟା ସାମରିକ ଯାନ।

ଅଗତ୍ୟା ଜୟଚନ୍ଦ୍ରଙ୍କ ବିମାନ ଅଟକି ଗଲା ରନ୍‌ୱେ ଉପରେ।

– ତୁମେ ଓହ୍ଲେଇପଡ଼ ଜୟଚନ୍ଦ୍ର। ତୁମେ ଆମକୁ ଠକି ଦେଇ ଚାଲିଯାଇପାରିବ ନି। ବିଦେଶୀ ବଣିକମାନଙ୍କ ହାତରେ ଆମକୁ ବିକି ତୁମେ ଯାଉଛ ବିଦେଶରେ ବିଳାସରେ ଜୀବନଯାପନ କରିବା ପାଇଁ? ଜୟଚନ୍ଦ୍ରଙ୍କୁ ଦେଶ ଓ ଜାତିକୁ ଧୋକା ଦେବା ପାଇଁ ଇତିହାସରେ ଶାସ୍ତି ଦେଇଥିଲା ମହମ୍ମଦ ଘୋରୀ। କିନ୍ତୁ ଆଜି ଜନତାର ଅଦାଲତରେ ତୁମର ବିଚାର କରାଯିବ। ଗେଟ୍ ଡାଉନ୍ ୟୁ ଟ୍ରେଟର୍।

ନିଆଁହୁଳା ଧରି ଚାରିପଟରୁ ମାଡ଼ି ଆସୁଥିଲେ କ୍ଷୁବ୍ଧ ଜନତା। ସତେ କଣ ସେମାନେ ନିଶ୍ଚିହ୍ନ କରିଦେବେ ଜୟଚନ୍ଦ୍ରଙ୍କୁ?

Digitized by srujanika@gmail.com

ଶ୍ରୀ ଚାରିଶବିଶ୍

ପାରଳାଖେମୁଣ୍ଡିର ମାଳ ଅଞ୍ଚଳ। ଅଗନା ଅଗନି ବନସ୍ତ। ଆଦିବାସୀ ମାନଙ୍କ ଦ୍ୱାରା ବସବାସ କରୁଥିବା ସେ ଅଞ୍ଚଳ ସଭ୍ୟତାର ବହୁତ ଦୂରରେ। ନିରୀହ ଆଦିବାସୀମାନେ ପାହାଡ଼ିଆ ଅଞ୍ଚଳରେ ସେମାନଙ୍କ ସରଳ ଜୀବନ ଯାପନ କରୁଥିବା ବେଳେ ସେଇଠି ବ୍ୟବସାୟ କରିବାକୁ ପହଞ୍ଚନ୍ତି ସମତଳ ଅଞ୍ଚଳରୁ ଦଳେ ସାହୁକାର। ସେମାନଙ୍କ ସାଙ୍ଗେ ପହଞ୍ଚନ୍ତି କେତେଟା ହରିଜନ ପରିବାର।

ସମତଳ ଅଞ୍ଚଳର ଏହି ଅତିଥିମାନେ କାଳକ୍ରମେ ଆଦିବାସୀ ମାନଙ୍କ ଜୀବନ ଉପରେ ଦଖଲ କରନ୍ତି।

ତାସାଙ୍ଗକୁ ସେ ଅଞ୍ଚଳରେ ପହଞ୍ଚନ୍ତି ଦଳେ ଖ୍ରୀଷ୍ଟିୟାନ୍ ମିଶନାରୀ। ଗାଁ ଆଉ ସହର, ପାହାଡିଆ ଅଞ୍ଚଳ ଆଉ ସମତଳ ଅଞ୍ଚଳର ମଝାମଝି ଏକ ବିରାଟ ଗିର୍ଜା ଘର ତିଆରି କରି ସେମାନେ ନିରୀହ ଆଦିବାସୀ ମାନଙ୍କ ମଧ୍ୟରେ ଶିକ୍ଷା ଓ ସଭ୍ୟତା ପ୍ରଚାର କରନ୍ତି। ଆଉ ସେ ବାହାନରେ ଗାଁର ମୁଖିଆକୁ କଳେବଳେ କୌଶଳେ ଖ୍ରୀଷ୍ଟିଆନ୍ କରି ସାରିବା ପରେ ସାରା ଗାଁରେ ନିଜ ଧର୍ମ ପ୍ରଚାର କରନ୍ତି। ଏହା ଏକ ଚିରାଚରିତ ଫର୍ମୁଲା। ଦେଶସାରା ଉଣା ଅଧିକେ ଏହି ଫର୍ମୁଲା ବ୍ୟବହାର କରି ସେମାନେ ଅନେକଙ୍କୁ ନିଜର କରି ନେଲେଣି।

ବ୍ରିଟିଶ ଶାସନ ଅମଳରେ ସରକାରୀ ପ୍ରୋତ୍ସାହନ ପାଇ ସେମାନେ ଏହା କରୁଥିଲେ। ସ୍ୱାଧୀନ ଭାରତରେ ସରକାରଙ୍କ ଉଦାସୀନତାର ସୁଯୋଗ ନେଇ ସେମିତି ଚାଲିଛି।

ସମତଳ ଅଞ୍ଚଳର ତଥାକଥିତ ଶିକ୍ଷିତ ଲୋକେ ଏହି ନିରୀହ ଏବଂ ଅବହେଳିତ ଆଦିବାସୀ ମାନଙ୍କ ଠାରୁ ଯେତିକି ଦୂରେଇ ଯାଉଛନ୍ତି ଆଉ ସେମାନଙ୍କ ପ୍ରତିନିଧି ଭାବରେ ପାହାଡ଼ିଆ ଅଞ୍ଚଳକୁ ଆସିଥିବା ସାହୁକାର ଏଣ୍ଡ କୋମ୍ପାନୀର ଲୋକ ଯେତେ ଠକୁଛନ୍ତି, ମିଶନାରୀମାନଙ୍କ ପାଇଁ ସେତିକି ଉର୍ବର ଭୂଇଁ ମିଳୁଛି।

ସେମିତି ଏକ ଅଜ୍ଞାତ ପଲ୍ଲୀରେ ସୀତାବଲ୍ଲଭ ନାୟକର ଜନ୍ମ। ସାହୁକାର ମାନଙ୍କ ସାଙ୍ଗରେ ଆସି ତାର ପୂର୍ବ ପୁରୁଷମାନେ ସେଇଠି ଛୋଟ ସାହୁକାର ପାଲଟି ଯାଇଛନ୍ତି।

ଜଙ୍ଗଲିଆ ଅଞ୍ଚଳର ପିଲା ସିନା, ହେଲେ ସୀତା ବଲ୍ଲଭର ବୁଦ୍ଧି ଅତି ପ୍ରଖର। ଚେହେରା ବି ରଜା ପିଲାପରି। ଦେଖିଲେ କେହି ହରିଜନ ବୋଲି କହିବେ ନାହିଁ। ପାଠ ପଢ଼ାରେ ତାର ପ୍ରବଳ ଆଗ୍ରହ, ସବୁବେଳେ କ୍ଲାସରେ ଫାଷ୍ଟ।

ସୀତାବଲ୍ଲଭର ବୁଦ୍ଧି ତା ପାଇଁ କାଳ ହୋଇ ପଡ଼ିଲା। ସହରର ତଥାକଥିତ ସବର୍ଣ୍ଣ ପିଲାଏ ତାକୁ ଅନେକ ଥଟ୍ଟା ପରିହାସ କଲେ। ମରମକୁ ବାଧିଲା ଭଳିଆ ଅନେକ କଥା କହିଲେ।

ଛୋଟବେଳେ ଏ ସବୁ କଥା ସେ ନୀରବରେ ସହି ଯାଉଥିଲା। ବର୍ତ୍ତମାନ ସେ

Digitized by srujanika@gmail.com

ନବମ ଶ୍ରେଣୀର ଛାତ୍ର। ଛୋଟ ବେଳେ ଟିକିଏ ଡେରୀରେ ପାଠପଢ଼ା ଆରମ୍ଭ କରିଥିବାରୁ ବାକୀ ପିଲାଙ୍କ ଠାରୁ ସେ ବୟସରେ ବଡ଼— ବେଶ୍ ବଳବାନ୍ ମଧ, ପିଲାଏ ଯାତ୍ରସ୍ୟାତ୍ର କହିଲେ ତାର ପ୍ରତିବାଦ କରି ବେଳେ ବେଳେ ସେମାନଙ୍କ ସାଙ୍ଗରେ ଧସ୍ତାଧସ୍ତି ହେଉଥିଲା ମଧ।

ଦିନେ ଦଳେ ପିଲା ତା ଉପରେ ଅତର୍କିତ ଭାବରେ ଆକ୍ରମଣ କଲେ। ତାର ପେଣ୍ଟସାର୍ଟ ଛିଣ୍ଡେଇ ଦେଲେ। ଅନେକ ଅପମାନ ସୂଚକ ଗାଳି ଦେଲେ।

ବିମର୍ଷ ମନରେ ଫେରୁଥିଲା ସୀତାବଲ୍ଲଭ। ସହରରୁ ଗାଁକୁ ଯିବା ବାଟରେ ପଡୁଥିଲା ମିଶନାରୀମାନଙ୍କ ବିରାଟ ଗିର୍ଜା। ସେ ଗିର୍ଜାର ମୁଖ୍ୟ ଫାଦର ଉଇଲିୟମ୍‌ଙ୍କ ଦୃଷ୍ଟି ଆକର୍ଷଣ କଲା ସୀତାବଲ୍ଲଭର ବିମର୍ଷ ଚେହେରା। "କଣ ହେଲା ବାବା? ଏମିତି ମୁହଁ ଶୁଖେଇଛ କାହିଁକି?" ଅତି ଆଦରରେ ପିଠି ଆଉଁସି ଆଉଁସି ଫାଦର୍ ଉଇଲିୟମ୍ ପଚାରିଲେ ସୀତାବଲ୍ଲଭକୁ।

ବାଟରେ କେତେ ଲୋକ ତାକୁ କାନ୍ଦୁଥିବାର ଦେଖି ନଥିଲେ! ସ୍କୁଲରେ ଶିକ୍ଷକମାନେ ବି ଦେଖିଥିଲେ ତାର ଶୁଖିଲା ମୁହଁ ଆଉ ଛିଣ୍ଡା ପେଣ୍ଟସାର୍ଟ। କେହିତ ପଦେ ସହାନୁଭୂତିସୂଚକ ପଦେ କଥା କହିନଥିଲେ!

ଫାଦର୍‌ଙ୍କ ସହାନୁଭୂତିଶୀଳ ଦିପଦ କଅଁଳ କଥା ତାକୁ ଅତି ଆପଣାର କରିନେଲା। ତା ଭିତରେ ଥିବା କୋହ ଉଚ୍ଛୁଳି ପଡ଼ିଲା। ସେ ଭୋ ଭୋ ହୋଇ କାନ୍ଦିବାକୁ ଲାଗିଲା।

ନିଜ ରୁମାଲ୍‌ରେ ଫାଦର୍ ତା ଲୁହ ପୋଛିଦେଲେ। ଧୀରେ ଧୀରେ ସୀତାବଲ୍ଲଭର କାନ୍ଦ ବନ୍ଦ ହେଲା। ପକେଟ୍‌ରୁ କ୍ରସ୍ ଥିବା ଏକ ହାର ବାହାର କରି ଫାଦର ସୀତାବଲ୍ଲଭର ବେକରେ ଝୁଲାଇ ଦେଇ କହିଲେ, "ପ୍ରଭୁ ଯିଶୁ ତୁମକୁ ରକ୍ଷା କରନ୍ତୁ। ଗଡ୍ ବ୍ଲେସ୍ ୟୁ ମାଇ ଚାଇଲ୍ଡ।"

ସେ ଦିନ ବେଶ୍ ସେତିକି।

ଫାଦରଙ୍କ ସହାନୁଭୂତିରେ ପୂରାପୂରି ତରଳିଯାଇଥିଲା ସୀତାବଲ୍ଲଭ। ତାଙ୍କ ପ୍ରତି ତା'ମନରେ ଅମାପ ଶ୍ରଦ୍ଧା ଓ ଭକ୍ତି ଜାତ ହେଲା।

ମନର ସମସ୍ତ ଗ୍ଲାନିକୁ ଭୁଲିଯାଇ ସେ ଦିନ ସେ ଗଭୀର ନିଦରେ ଶୋଇ ପଡ଼ିଲା। ପାହାନ୍ତା ପହରକୁ ସେ ଏକ ରଙ୍ଗୀନ ସ୍ୱପ୍ନ ଦେଖିଲା।

ପୁଷ୍ପକ ବିମାନରେ ଚଢ଼ି ସେ ଉଡ଼ିଯାଉଥିଲା ପାହାଡ଼ ପର୍ବତ ଜଙ୍ଗଲ ଉପରେ। ଇନ୍ଦ୍ରପୁରୀରେ ଓହ୍ଲାଉ ଓହ୍ଲାଉ ତାକୁ ଅଭ୍ୟର୍ଥନା କରିବାକୁ ଧାଇଁ ଆସିଲେ ପରୀମାନେ। ନିଦରେ ପୁଲକିତ ହୋଇ ଉଠିଲା ସୀତାବଲ୍ଲଭ। ପରୀମାନଙ୍କ ଗହଣରେ ଅସୀମ ଆନନ୍ଦ ଲାଭ କରୁଥିଲା ସେ। ତାର ସ୍କୁଲର ବନ୍ଧୁମାନେ ଯୋଡ଼ ହାତରେ ତାର କୃପାଭିକ୍ଷା କରୁଥିଲେ। ଇନ୍ଦ୍ର ଆସନରେ ବସିଥିଲେ ଫାଦର ଉଇଲିୟମ୍। ହାତରେ ଥିଲା ଏକ ବିରାଟ କ୍ରସ୍। ସେ ହସି ହସି ତାକୁ କୋଳକୁ ନେଇଗଲେ।

ସେତେବେଳେ ତା ମା ତାକୁ ହଲେଇ ହଲେଇ ଉଠଉ ଥିଲେ।

Digitized by srujanika@gmail.com

"ଉଠ୍ ବାପ ସୀତୁ। ଠାକୁରଙ୍କ ପାଇଁ ସହଳୁ ସହଳୁ ଦିଟା ଫୁଲ ତୋଳି ଆଣ। ଦିନ ଫର୍ଚା ହେଲେ ସବୁ ଫୁଲ ସଢ଼ିଯିବ।"

ସ୍ୱପ୍ନ ଜଗତରୁ ବାସ୍ତବ ଦୁନିଆକୁ ଆସିବାକୁ ସୀତାବଲ୍ଲଭକୁ ଭଲ ଲାଗିଲା ନାହିଁ। ମନେ ମନେ ମାଁଙ୍କ ଉପରେ ରାଗ ଲାଗିଲା। ଆଖି ମଳିମଳି କହିଲା, "ମୁଁ ଠାକୁରଙ୍କ ପାଇଁ ଆଉ ଫୁଲ ତୋଳିବି ନାହିଁ ମାଁ। ଠାକୁର ଆମର କଣ କରୁଛନ୍ତି ଯେ! ଆମକୁ ସେ ଅଛବ କରି ରଖିଛନ୍ତି—"

"ଛି ବାପ, ଏମିତି କହନ୍ତି ? ଠାକୁର ହିଁ ଆମର ସାହା ଭରସା।" ମାଁ କହିଲେ।

ବାଧ୍ୟ ହୋଇ ବିଛଣା ଛାଡ଼ି ଫୁଲ ତୋଳିବାକୁ ବାହାରିଲା ସୀତାବଲ୍ଲଭ। ସେ ମେସିନ୍ ଭଳିଆ ଫୁଲ ସିନା ତୋଳୁଥିଲା କିନ୍ତୁ ତାର ମନରେ ଭାସି ଯାଉଥିଲା ପାହାନ୍ତାର ସ୍ୱପ୍ନ। ଇନ୍ଦ୍ରପୁରୀର ପରୀମାନେ ନାଚି ଯାଉଥିଲେ ତାର ମାନସ ପଟରେ।

କିଛି ଦିନ ଭିତରେ ଫାଦରଙ୍କ ସଙ୍ଗରେ ସୀତାବଲ୍ଲଭର ଘନିଷ୍ଠତା ବଢ଼ିବାକୁ ଲାଗିଲା। ମନର ସମସ୍ତ ଦୁଃଖ ଫାଦରଙ୍କ ଆଗରେ ପ୍ରକାଶ କରି ସୀତାବଲ୍ଲଭର ମନ ହାଲୁକା ହୋଇଗଲା।

ମିଶନାରୀ ସାହେବଙ୍କ ଦୟା ପୂର୍ଣ୍ଣ ବ୍ୟବହାର, ଗିର୍ଜା ସଲଗ୍ନ ଅଟାଳିକାରେ ରହୁଥିବା ନନ୍‌ମାନଙ୍କ ଏକନିଷ୍ଠ ଉପାସନା ଏବଂ ନୂଆ ଭାବରେ କିରସ୍ତାନ ହୋଇଥିବା ତା' ଭଳିଆ ଅନେକ ଆଦିବାସୀ ଓ ହରିଜନ ମାନଙ୍କ ଆଚାର ବ୍ୟବହାର ତାକୁ ବହୁତ ଭଲ ଲାଗିଲା।
'କାହିଁ ହିନ୍ଦୁ ମନ୍ଦିରର ପଣ୍ଡାର ଛି ଛାକର ଦୁର୍ବ୍ୟବହାର ଆଉ କାହିଁ ଫାଦରଙ୍କ ବିଗଳିତ ସ୍ନେହ! ଆକାଶ ପାତାଳ ପ୍ରଭେଦ।' ସେ ଭାବିବାକୁ ଲାଗିଲା। ତା ଉପରକୁ ଅନେକ କିଛି ସୁବିଧା ସୁଯୋଗ ଦେବା ପାଇଁ ଫାଦରଙ୍କ ପ୍ରତିଶ୍ରୁତି ତାର ମନକୁ ଗିର୍ଜା ଆଡ଼କୁ ଟାଣିରଖିଲା।

ଦିନେ ବାପାମା କାହାକୁ ନ କହି ସୀତାବଲ୍ଲବ କିରସ୍ତାନ ଧର୍ମ ଗ୍ରହଣ କଲା। ପକେଟରେ ଛୋଟ ବାଇବେଲ ଧରି ସେ ପରମ ତୃପ୍ତିଲାଭ କଲା। ନିଜର ପଢ଼ାବହି ଭିତରେ ପ୍ରଭୁ ଯିଶୁ ଆଉ ମା' ମେରୀଙ୍କ ଫଟ ରଖି ସେଇଠି ଆଗରୁ ଥିବା କୃଷ୍ଣ ଆଉ ରାମଙ୍କ ଫଟର ମୁହଁରେ କାଳି ବୋଳି ଦେଲା।

ଧୀରେ ଧୀରେ ତାର କିରସ୍ତାନ ଧର୍ମ ଗ୍ରହଣ କରିବାଟା ଚାରିଆଡ଼େ ପ୍ରକଟ ହେଲା। ତାର ବାପାମା ବହୁତ ମନକଷ୍ଟ କଲେ କିନ୍ତୁ ପୁଅକୁ କିଛି କହିଲେ ନାହିଁ କାରଣ ପୁଅର ମନରେ କଷ୍ଟ ଦେବାକୁ ସେମାନେ ଚାହିଲେ ନାହିଁ। ସୀତାବଲ୍ଲଭ ପ୍ରତି ରବିବାର ଦିନ ଗୀର୍ଜାକୁ ଯାଉଥାଏ ଆଉ ତା ମା ତାର ମଙ୍ଗଳ ମନାସି ସବୁ ଦିନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପାଣି ଦେଉଥାନ୍ତି।

ସ୍କୁଲରେ ଆଉ ତାକୁ କେହି ଅଛବ ବୋଲି କହିଲେ ନାହି। ବେକରେ ତାର ଦକ୍ ଦକ୍ ହୋଇ କ୍ରସ୍ ଝୁଲୁଥିଲା। ସୁନ୍ଦର ସୁନ୍ଦର ଜାମାପଟା ପିନ୍ଧି ଫାଦର୍ ଦେଇଥିବା ନୂଆ ସାଇକେଲ ଚଢ଼ି ସୀତାବଲ୍ଲଭ ଯେତେବେଳେ ସ୍କୁଲକୁ ଆସୁଥିଲା ତାକୁ ମୂଳରୁ

Digitized by srujanika@gmail.com

ଚିଡ଼ଉଥିବା ତଥାକଥିତ ସବର୍ଣ୍ଣ ପିଲାଏ ବି ଈର୍ଷା କରିବାକୁ ଲାଗିଲେ।

ମୋଟା ମୋଟିରେ କିରସ୍ତାନ ହୋଇ ସାରିବା ପରେ ତାର ସାମାଜିକ ପରିସ୍ଥିତିର ପରିବର୍ତ୍ତନ ଆସିଲା। ତାର ପିତାଙ୍କୁ ଏହା ଭୀଷଣ ଭାବରେ ପ୍ରଭାବିତ କଲା। ସେ ବି ଲୁଚି ଲୁଚି ପୁଅସାଙ୍ଗରେ ଗୀର୍ଜାକୁ ଆସି ଫାଦର୍‌ଙ୍କ ସଙ୍ଗେ ବାର୍ତ୍ତାଳାପ କଲେ।

ଦିନେ ସେ ବି ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କଲେ।

ବାକୀ ରହିଲେ ସୀତୁର ମା। ସ୍ୱାମୀ ଆଉ ପୁଅ ଅନ୍ୟ ଧର୍ମ ଗ୍ରହଣ କଲାପରେ ସେ ବା ବାକୀ ରହନ୍ତେ କେତେ ଦିନ! ତାଙ୍କ ଟାଣ ବେଶି ଦିନ ରହିଲା ନାହିଁ। ସେ ବି କିରସ୍ତାନ ହୋଇଗଲେ।

ଠାକୁର ଘରୁ ରାମ କୃଷ୍ଣଙ୍କ ଫଟ ବାହାର କରିଦିଆ ଗଲା ଆଉ ସେ ଯାଗାରେ ଝୁଲାଗଲା ଯୀଶୁ ଆଉ ମେରୀଙ୍କ ଫଟ। ରାମାୟଣ - ମହାଭାରତ ପେଢ଼ି ଭିତରେ ସେମିତି ବନ୍ଧା ହୋଇ ରହିଲା। ବାଇବେଲ୍ ଥୁଆ ହେଲା ଠାକୁର ଘରେ।

ଅଛୁଆଁ ବୋଲି ସମାଜରେ ହତାଦର ପାଉଥିବା ମଣିଷ ହଠାତ୍ ଭିନ୍ନ ରକମର ମଣିଷ ହୋଇଗଲେ ତାର ମନ ସେମିତି ଉଚାଟ ହୋଇଯାଏ, ଏ ପରିବର୍ତ୍ତନରେ ସୀତୁ ଆଉ ତା' ବାପାଙ୍କର ମନରେ ସେମିତି ଢ଼େର ଆନନ୍ଦ ଆସିଲା। ମନ୍ଦିରର ପଣ୍ଡା ଆଉ ସାହୁକାର ସେମାନଙ୍କୁ ସେମିତି ଛି ଛାକର କଲେ ସିନା, କିନ୍ତୁ ମୋଟା ମୋଟିରେ ସେମାନଙ୍କ ସାମାଜିକ ସମ୍ମାନ ବଢ଼ିଗଲା।

ସୀତୁର ମାଙ୍କ ମନରେ କିଛି ଗଭୀର ଆଘାତ ଆସିଥିଲା। ନିଜ ପେଢ଼ିରେ ରାମ ଓ କୃଷ୍ଣଙ୍କ ଫଟ ସାଇତି ରଖି ନିରୋଳାରେ ସେ ଗୁଡ଼ିକ ଦେଖି ଅଶ୍ରୁ ମୋଚନ କରୁଥିଲେ।

ସୀତୁ କୁ ସ୍ନେହରେ ଫାଦର ଡ଼ାକୁଥିଲେ ସାମୁଏଲ୍ ବୋଲି। ମେଟ୍ରିକୁଲେଶନ ପରୀକ୍ଷା ପୂର୍ବରୁ ତାର ନାମ ସାମୁଏଲ୍‌କୁ ପରିବର୍ତ୍ତନ କରିବାକୁ ଫାଦର ପ୍ରସ୍ତାବ ଦେଲେ। ସୀତୁ କିନ୍ତୁ ରାଜି ହେଲା ନାହିଁ। କହିଲା, "ଫାଦର୍, ମୋ ନାଁ ସେମିତି ଥାଉ। ନାଁରେ କଣ ଅଛି?" ଫାଦର୍ ବି ଜିଦ୍ ଧରିଲେ ନାହିଁ।

ସୀତାବଲ୍ଲଭ ସ୍କୁଲର ଶ୍ରେଷ୍ଠ ଛାତ୍ର ଭାବରେ ପ୍ରଥମ ଶ୍ରେଣୀରେ ପାଶ୍ କଲା। ସେ ଦିନ ଗୀର୍ଜାରେ ମଉଛବ। ଫାଦର୍ ଅତି ଖୁସୀରେ ସମସ୍ତଙ୍କୁ ମିଠେଇ ବାଣ୍ଟିଲେ।

ଖ୍ରୀଷ୍ଟିଆନ ଧର୍ମ ସିନା ସୀତାବଲ୍ଲଭ ଗ୍ରହଣ କରି ସାରିଥିଲା, କିନ୍ତୁ ସରକାରଙ୍କ ଲିଷ୍ଟରେ ତାର ନାମ ଥିଲା ଅନୁ ସୂଚିତ ଜାତି ଭାବରେ। ତେଣୁ ଅନୁସୂଚିତ ଜାତିର ଛାତ୍ରବୃତ୍ତି ତଥା ଫାଦରଙ୍କଠାରୁ ଆର୍ଥିକ ସାହାର୍ଯ୍ୟ ପାଇ ସୀତୁ ଆଇ.ଏ. ଏବଂ ବି.ଏ. ପଢ଼ିଲା ରେଭେନ୍ସା କଲେଜରେ କଟକରେ ଆଉ ଏମ୍.ଏ. ପଢ଼ିଲା ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ। ତି ପରୀକ୍ଷାରେ ଉତ୍ତମ ଭାବରେ ପାଶ୍ କଲା ସୀତାବଲ୍ଲଭ।

ଏମ୍.ଏ. ରେ କୃତିତ୍ୱ ସହକାରେ ପାଶ୍ କରି ସୀତାବଲ୍ଲଭ ସରକାରୀ କଲେଜରେ ଅଧ୍ୟାପକ ଚାକିରୀ ପାଇଲା। କିନ୍ତୁ ତାର ମନ ଥିଲା ଆହୁରି ଉପରେ। ଆଇ.ଏ.ଏସ୍ ହେବାର ବାସନାକୁ ଫଳବତୀ କରିବାକୁ ପୁଣି ସେ ପରିଶ୍ରମ କରିବାକୁ ଲାଗିଲା।

Digitized by srujanika@gmail.com

ଡ୍ରେରିରେ ପଢ଼ା ଆରମ୍ଭ କରିଥିବାରୁ ସେତେବେଳକୁ ସର୍ବଭାରତୀୟ ପରୀକ୍ଷାଦେବା ପାଇଁ ସୀତାବଲ୍ଲଭର ବୟସ ସୀମା ଟପିଯାଇଥିଲା। ତେଣୁ ଅତି ବିମର୍ଷ ହୋଇ ପଡ଼ିଲା ସେ।

କିରସ୍ତାନ ଧର୍ମ ଗ୍ରହଣ କରିବା ପରେ ଦେଶର ପ୍ରଚଳିତ ଆଇନ ଅନୁସାରେ ସେ ସାଧାରଣ ବିଭାଗର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ନିଜର ଅନୁସୂଚିତ ଜାତିର ସାର୍ଟିଫିକେଟ୍ ଜରିଆରେ ସେ ପାଞ୍ଚ ବର୍ଷ ବୟସ ସୀମା କୋହଳ କରେଇ ଆଇ.ଏ.ଏସ୍. ପରୀକ୍ଷା ଦେଲା।

ସୀତାବଲ୍ଲଭ ମେଟ୍ରିକୁଲେଶନ ପାଶ୍‌କରିବା ଦିନରୁ ଫାଦର୍ ତା ପାଇଁ ଗୋଟିଏ ଆଦିବାସୀ ଝିଅ ବାଛି କି ରଖିଥିଲେ। ଝିଅଟିର ନାମ ଇସାବେଲା। ଡ଼ଉଲ ଡ଼ାଉଲ ବେଶ୍ ସୁନ୍ଦର ଝିଅ ଟିଏ।

ଫାଦରଙ୍କ ବ୍ୟକ୍ତିଗତ ଦେଖରେଖ କରୁଥିଲା ଇସାବେଲା। ତା ଉପରେ ଫାଦର ଅତ୍ୟନ୍ତ ପ୍ରୀତ ଥିଲେ। ଫାଦରଙ୍କ ବିଛଣା ସଜାଡ଼ିବାଠୁ ଆରମ୍ଭ କରି ଖିଆ ପିଆ ସବୁର ଯତ୍ନ ନେଉଥିଲା ଇସାବେଲା। ଫାଦରଙ୍କ ଠାରୁ ସେ ଧାର୍ମିକ ଶିକ୍ଷାର ଅନେକ କିଛି ଶିଖିଥିଲା। ଏପରିକି ସେହି ଧର୍ମାନୁଷ୍ଠାନର ନନ୍ ମାନେ ମଧ୍ୟ ତା ଠାରୁ ଉପଦେଶ ଗ୍ରହଣ କରୁଥିଲେ।

ସୀତାବଲ୍ଲଭ ଅଧ୍ୟାପକ ଚାକିରୀ ପାଇଲା ପରେ ଫାଦର୍ ତା ସହିତ ଇସାବେଲାର ବିବାହ ପ୍ରସ୍ତାବ ଦେଲେ। ସୀତାବଲ୍ଲଭର ବାପା ମା ସେ ପ୍ରସ୍ତାବରେ ଅରାଜି ହେବାର ପ୍ରଶ୍ନ ନଥିଲା। ସୀତାବଲ୍ଲଭ କିନ୍ତୁ ଆଇ.ଏ.ଏସ୍. ପରୀକ୍ଷାର ଫଳ ନ ବାହାରିବା ପର୍ଯ୍ୟନ୍ତ ବାହାଘର ସ୍ଥଗିତ ରଖିବାକୁ ଫାଦରଙ୍କୁ ଅନୁରୋଧ କଲା। ଜଣଙ୍କର ଉଚ୍ଚାକାଂକ୍ଷାରେ ଫାଦର୍ ବାଧା ବା କେମିତି ଦିଅନ୍ତେ! ଫାଦର୍ ବାହାଘର ଘୁଞ୍ଚାଇବା ପାଇଁ ରାଜି ହେଲେ ସତ କିନ୍ତୁ ପ୍ରଭୁ ଯିଶୁଙ୍କ ସାମନାରେ ସୀତାବଲ୍ଲଭ ଆଉ ଇସାବେଲା ଏଙ୍ଗେଜମେଣ୍ଟ ରିଙ୍ଗ ବଦଳା ଉଦଳା ପରିବାପରେ।

ଆଇ.ଏ.ଏସ୍. ପରୀକ୍ଷାରେ ସାଧାରଣ ବିଭାଗରେ ସିନା ସୀତାବଲ୍ଲଭର ବେଶି ନମ୍ବର ନ ଥିଲା କିନ୍ତୁ ସଂରକ୍ଷିତ ବିଭାଗରେ ତାର ନମ୍ବର ଥିଲା ବହୁତ ବେଶି। ସେ ବର୍ଷ ସେ ନିଜ ପ୍ରଦେଶ ପାଇଁ ଆଇ.ଏ.ଏସ୍. ଭାବରେ ବଚ୍ଛା ହେଲା।

ଫାଦରଙ୍କ ଆଶୀର୍ବାଦ ନେଇ ସୀତାବଲ୍ଲଭ ସିଧା ଛୁଟିଲା ମସୌରୀକୁ ଟ୍ରେନିଂ ନେବାପାଇଁ। ମନରେ ତାର ଆଶାର ହିମାଳୟ; 'ସେ ଆଇ.ଏ.ଏସ୍. ଅଫିସର୍ ଭାବରେ ଦେଶର ଶାସନ କରିବ। ଦିନେ ଯେଉଁମାନେ ତାକୁ ଛି ଛାକର କରୁଥିଲେ, ସେମାନେ ତାର ଅଧସ୍ତନ ହେବେ। ତାର ସାର୍ଟ ପେଣ୍ଟ ଯେଉଁମାନେ ଛିଣ୍ଡେଇଥିଲେ ସେମାନଙ୍କୁ ଜଣ ଜଣ କରି ଦେଖି ନେବ।'

ଟ୍ରେନିଂ ଅଧାଅଧି ବେଳକୁ ଜଣ ଗୋଟିଏ ଇନ୍‌କୁଆରୀ କରିବା ପାଇଁ ଦିଲ୍ଲୀର ହୋମ୍ ଡ଼ିପାର୍ଟମେଣ୍ଟରୁ ଦି ଜଣ ଅଫିସର୍ ଆସି ପହଞ୍ଚିଲେ ମସୌରୀରେ। ସୀତାବଲ୍ଲଭ

Digitized by srujanika@gmail.com

କୁ ଅନେକ ପଚରା ଉଚରା କଲେ। ତା ଗାଁ ପାଖରୁ କିଏ ଜଣେ ସେ ଖ୍ରୀଷ୍ଟିଆନ୍ ହୋଇଥିବାରୁ ତାର ଅନୁସୂଚିତ ଜାତିର କୋଟାରୁ ଆଇ.ଏ.ଏସ୍. ହେବା ବିରୁଦ୍ଧରେ ଗୋଟିଏ ଦରଖାସ୍ତ କରି ଥିବାରୁ ସେହି ଇନ୍‌କୁଆରୀ ଚାଲିଥିଲା। ସୀତାବଲ୍ଲଭ ପ୍ରଥମେ ଟିକିଏ ଶଙ୍କିତ ହୋଇଗଲା ସତ କିନ୍ତୁ ସେ ଏ ଜିନିଷ ବହୁତ ଆଗରୁ ଆଶଙ୍କା କରି ତା'ର ବ୍ୟବସ୍ଥା ମଧ କରିଥିଲା। ତାର ଟ୍ରଙ୍କ ଭିତରେ ରାମ ଆଉ କୃଷ୍ଣଙ୍କର ଫଟ ଦେଖି ତଥା ଗୋରଖନାଥ ପ୍ରେସ୍‌ର ଶ୍ରୀମଦ ଭାଗବତ ଗୀତା ଦେଖି ଦିଲ୍ଲୀରୁ ଆସିଥିବା ଅଫିସର ଦ୍ୱୟଙ୍କ ଟିକିଏ ବି ସନ୍ଦେହ ରହିଲା ନାହିଁ ଯେ ସୀତାବଲ୍ଲଭ ଜଣେ ସଚ୍ଚା ହିନ୍ଦୁ। ଅଫିସରଦ୍ୱୟ ସୀତାବଲ୍ଲଭ ଉପରେ ପ୍ରୀତ ହୋଇ ଦିଲ୍ଲୀ ଫେରିଗଲେ।

ଏଆଡ଼େ ସୀତାବଲ୍ଲଭ ତତ୍‌କ୍ଷଣାତ୍ ଚିଠି ଲେଖିଲା ବାପାଙ୍କ ପାଖକୁ। ପୁଅର ଚିଠି ପାଉଁ ପାଉଁ ତାଙ୍କ ଘରର ଚେହେରା ବଦଳି ଗଲା। ଯୀଶୁ ଆଉ ମେରୀଙ୍କ ଫଟ ପରିବର୍ତ୍ତେ ପୁଣି ତାଙ୍କ ଘରେ ଟଙ୍ଗା ହେଲା ରାମ ଓ କୃଷ୍ଣଙ୍କ ଫଟ। ବାଇବେଲ ପରିବର୍ତ୍ତେ ତାଙ୍କ ଘରେ ରଖାଗଲା ରାମାୟଣ ଓ ମହାଭାରତ। ସୀତାର ମାଙ୍କ ପେଡ଼ିରେ ସାଇତା ଯାଇଥିବା ରାମାୟଣ - ମହାଭାରତ ତଥା ରାମ - କୃଷ୍ଣଙ୍କ ଫଟର ସଦ୍‌ବ୍ୟବହାର ହେଲା। ସୀତାର ବାପା ଫାଦରଙ୍କୁ ଯାଇ ଏ ବିଷୟରେ ଅବଗତ କରାଇଲେ।

ଫାଦର ବଡ଼ ଅଡୁଆରେ ପଡ଼ିଲେ। ସେ କେମିତି ଅବା ମିଛି କଥା କହିବେ ? ନିଜ ହାତରେ ସେ ସୀତାବଲ୍ଲଭକୁ କିରସ୍ତାନ କରେଇଛନ୍ତି। ସେ କେମିତି ବା କହିବେ ଯେ ସୀତାବଲ୍ଲଭକୁ ସେ ଜାଣନ୍ତି ନାହିଁ କି ତାକୁ ସେ କିରସ୍ତାନ କରାଇ ନାହାନ୍ତି ?

ଇସାବେଲା କିନ୍ତୁ ତାର ଭାବୀ ସ୍ୱାମୀଙ୍କ ପାଇଁ ସୁପାରିଶ କରି କହିଲା, "ଜଣକର ଭଲ ପାଇଁ ଟିକିଏ ମିଛ କହି ଦିଅନ୍ତୁ ନା ଫାଦର। ମୋର ଛୋଟ ବେଳେ ଜଣେ ପଣ୍ଡିତ ଆମ ଗାଁକୁ ଆସି ମହାଭାରତ ପଢ଼ିଲା ବେଳେ ମୁଁ ଶୁଣିଛି ଯେ ଯୁଧିଷ୍ଠିରଙ୍କ ଭଳି ଧାର୍ମିକ ପୁରୁଷ ବି ପାଣ୍ଡବମାନଙ୍କ ମଙ୍ଗଳପାଇଁ ମହାଭାରତ ଯୁଦ୍ଧ ସମୟରେ ମିଛ କହିଥିଲେ। ତାଙ୍କର ଜୀବନ ମରଣ ସମସ୍ୟା। ଆପଣ ନ କହିଲେ ଚଳିବ ନାହିଁ।"

ଇସାବେଲାକୁ ଫାଦର ଅତ୍ୟନ୍ତ ସ୍ନେହ କରୁଥିଲେ। ତାର ଅନୁରୋଧ ସେ ଟାଳି ପାରିଲେ ନାହିଁ।

ପୁଣି ଥରେ ସୀତାବଲ୍ଲଭ ବିରୁଦ୍ଧରେ ଦରଖାସ୍ତ ହେବାରୁ ଆଉ ଗୋଟିଏ ଅନୁସନ୍ଧାନକାରୀ ଦଳ ଆସିଲେ ସୀତାବଲ୍ଲଭର ଗାଁକୁ।

ସେ ଦିନ ଥିଲା ମାର୍ଗଶୀର ଶେଷପାଳି ଗୁରୁବାର। ସୀତାର ମା ସେଦିନ ବସେଇଥିଲେ ମହାଲକ୍ଷ୍ମୀ। ଦାଣ୍ଡରୁ ଘର ପର୍ଯ୍ୟନ୍ତ ଦିଆ ହୋଇଥିଲା କିସମ କିସମ ଝୋଟି। କାନ୍ଥରେ ଟଙ୍ଗା ହୋଇଥିଲା ରାମ ଆଉ କୃଷ୍ଣଙ୍କ ଫଟ। ଚକାମାରି ସୀତାର ବାପା ପଢ଼ୁଥିଲେ ଲକ୍ଷ୍ମୀ ପୁରାଣ ଆଉ ତନ୍ମୟ ହୋଇ ଶୁଣୁଥିଲେ ତାଙ୍କର ଧର୍ମପତ୍ନୀ।

ଅନୁସନ୍ଧାନକାରୀ ଦଳ ଏ ସବୁ ଦେଖି ବିସ୍ମିତ ହେଲେ। ଏମିତି ଗୋଟିଏ ଧାର୍ମିକ

Digitized by srujanika@gmail.com

ହିନ୍ଦୁ ପରିବାର ବିରୁଦ୍ଧରେ ଖ୍ରୀଷ୍ଟିଆନ୍ ହେବାର ଅଭିଯୋଗ ଯେ ଭିତିହୀନ ତାହା ସେମାନଙ୍କ ହୃଦ୍‌ବୋଧ ହେଲା ।

ଶେଷରେ ଫାଦର୍ ତାଙ୍କ ଝୁଲୁଥିବା କ୍ରସ ଧରି ଯେତେବେଳେ ଶପଥ ନେଇ କହିଲେ ଯେ ସେ ସୀତାବଲ୍ଲଭକୁ ଜାଣନ୍ତି ନାହିଁ କି ସୀତାବଲ୍ଲଭ କିରସ୍ତାନ ହୋଇ ନାହିଁ, ଦିଲ୍ଲୀରୁ ଆସିଥିବା ଦଳ ସମ୍ପୂର୍ଣ୍ଣ ଭାବରେ ବିଶ୍ୱାସ କଲେ ଯେ ସୀତାବଲ୍ଲଭ ବିରୁଦ୍ଧରେ ଅଭିଯୋଗ ଭିତିହୀନ ।

ନେଇ ଆଣି ଥୋଇ ଜାଣିଲେ ଚୋରୀ ବିଦ୍ୟା ଭଲ । ସୀତାବଲ୍ଲଭ କେଉଁଥିପାଇଁ ମେଟ୍ରିକୁଲେଶନ୍ ବେଳେ ସାମୁଏଲ ନାମ ପରିବର୍ତ୍ତନ କରିବାକୁ ଚାହିଁଲା ନାହିଁ ତାର ମର୍ମ ଏବେ ଫାଦର୍ ବୁଝିପାରିଲେ । ଫାଦର ପୁଣି ଭାବିବାକୁ ଲାଗିଲେ, ଆଉ ସମ୍ଭବତଃ ସେହି କାରଣରୁ ସେ ବର୍ତ୍ତମାନ ସୁଦ୍ଧା ଇସାବେଲାକୁ ବିବାହ କରିନି ।

ଟ୍ରେନିଂ ସରିଗଲା

ସୀତାବଲ୍ଲଭର ପୋଷ୍ଟି ହେଲା ଫୁଲବାଣୀକୁ ସବ୍ କଲେକ୍ଟର ଭାବରେ । ଫାଦରଙ୍କୁ ଧନ୍ୟବାଦ ଦେବା ପାଇଁ ସେ ଦିନେ ଚାଲି ଆସିଲା ଗୀର୍ଜାକୁ । ଫାଦରଙ୍କୁ ନିଜର କୃତଜ୍ଞତା ଜଣାଇ ପ୍ରଣାମ କଲା । ଆବେଗରେ ତାକୁ କୁଣ୍ଢେଇ ପକେଇଲେ ଫାଦର୍ । ଆଖିରୁ ତାଙ୍କର ଦିଟୋପା ଆନନ୍ଦାଶ୍ରୁ ଗଡ଼ି ପଡ଼ିଲା ।

ପାଖରେ ଠିଆ ହୋଇ ଇସାବେଲା ଅନୁଭବ କରୁଥିଲା ଏହି ଆଲିଙ୍ଗନର ଉଷ୍ମତା । ଦେହ ତା'ର ଶିହରୀ ଉଠିଲା । ହାତର ଏଙ୍ଗେଜମେଣ୍ଟ ରିଙ୍ଗକୁ ଓଠରେ ଲଗେଇ ପ୍ରଭୁଯୀଶୁଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇଲା ।

ସାମାନ୍ୟ କିଛି ଔପଚାରିକ କଥାବାର୍ତ୍ତାପରେ ଫାଦର୍ ଇସାବେଲା ସହିତ ତାର ବାହାଘର ପ୍ରସଙ୍ଗ ପକାଇଲେ । ସୀତାବଲ୍ଲଭ ଏହାର କିଛି ଉତ୍ତର ଦେଲା ନାହିଁ— ସେ ଜାଣିଶୁଣି ସେ ବିଷୟ ଏଡ଼ାଇ ଦେଲା ।

ଫାଦର ଚିନ୍ତିତ ହେଲେ ।

ସେ ଆହୁରି ଚିନ୍ତିତ ହେଲେ ତାଙ୍କ ଗୀର୍ଜାର ରିତା ନାମ୍ନୀ ଏକ ନନ୍, ବ୍ରହ୍ମଚାରୀଣୀ ବ୍ରତ ପରିତ୍ୟାଗ କରିବା ପାଇଁ ଦରଖାସ୍ତ ଦେବାରୁ ।

ଅତୀତରେ ସେ ସୀତାବଲ୍ଲଭ ଆଉ ରିତା ମଧ୍ୟରେ ଅନେକ ସମୟରେ କଥା ବାର୍ତ୍ତା ହେବାର ଦେଖିଥିଲେ । ରିତା ଅପୂର୍ବ ସୁନ୍ଦରୀ କିନ୍ତୁ ବ୍ରହ୍ମଚାରୀଣୀ । ସେତେବେଳେ ଫାଦର ଭାବୁଥିଲେ, ଧର୍ମ ସଂକ୍ରାନ୍ତରେ ବୋଧହୁଏ ଉଭୟେ କଥାବାର୍ତ୍ତା ହେଉଥିବେ । କିନ୍ତୁ ତାଙ୍କ ଅନୁମାନ ଭୁଲ୍ ବାହାରିଲା । ଅନେକ ଦିନରୁ ରିତା ଆଉ ସୀତୁ ମଧ୍ୟରେ ଲୁଚିଛପି ଯେଉଁ ପ୍ରେମାଳାପ ହେଉଥିଲା ତାହା ଫାଦର୍ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ ।

ସତକୁ ସତ ଦିନେ ଗୀର୍ଜା ପରିତ୍ୟାଗ କରି ଫାଦର୍‌ଙ୍କ ଉଦ୍ଦେଶ୍ୟରେ ଖଣ୍ଡେ ଚିଠି ଲେଖି ରୀତା ଚାଲିଗଲା ଦୂରକୁ ।

ଚିଠିରେ ଲେଖାଥିଲା :

Digitized by srujanika@gmail.com

"ପୂଜନୀୟ ଫାଦର,

ପ୍ରଣାମ।

ମୋତେ ଖୋଜିବାକୁ ଚେଷ୍ଟା କରିବେ ନାହିଁ। ଜଣେ ନନ୍‌ ହୋଇ ମୁଁ ମୋର ଜୀବନକୁ ଜାଳିପୋଡ଼ି ନାରଖାର କରିବାକୁ ଚାହେଁ ନାହିଁ। ଇତି

ଆପଣଙ୍କର ସ୍ନେହର,

ରୀତା।'

ଫାଦର୍‌ଙ୍କୁ ଧକ୍କା ଲାଗିଲା। ତାଙ୍କୁ ଅଛପା ରହିଲା ନାହିଁ ଯେ ସୀତାବଲ୍ଲଭର ଆକର୍ଷଣ ରୀତାକୁ ଟାଣିନେଇଛି।

ସୀତାବଲ୍ଲଭକୁ ଚିଠି ଖଣ୍ଡେ ଲେଖି ଯେତେବେଳେ ସପ୍ତାହେ ପର୍ଯ୍ୟନ୍ତ ତାଠୁ କୌଣସି ଉତ୍ତର ପାଇଲେ ନାହିଁ, ଫାଦର୍‌ ଅଗତ୍ୟା ବାହାରିଲେ ଫୁଲବାଣୀକୁ।

ତାଙ୍କ ଅନୁମାନ ବି ସତ ବାହାରିଲା। ଫୁଲବାଣୀର ଗୋଟିଏ ଭଡ଼ାଘରେ ସୀତାବଲ୍ଲଭର ବାପା ଓ ମାଙ୍କ ସାଙ୍ଗରେ ରୀତାକୁ ଦେଖି ତାଙ୍କୁ କିଛି ଆଶ୍ଚର୍ଯ୍ୟ ଲାଗିଲା ନାହିଁ କାରଣ ସେ ସେୟାହିଁ ଆଶଙ୍କା କରୁଥିଲେ।

ସୀତାବଲ୍ଲଭ ରହୁଥିଲା ତାର ସରକାରୀ ବଙ୍ଗଳାରେ।

ସୀତାବଲ୍ଲଭ ପାଖରେ ପହଞ୍ଚି କିଛି ଔପଚାରିକ କଥାବାର୍ତ୍ତା ପରେ ଫାଦ୍‌ର କହିଲେ, "ବାପା ସାମୁଏଲ, ତୁମେ ଇସାବେଲାକୁ ବାହାହବା ପାଇଁ ଚୁକ୍ତିବଦ୍ଧ ହୋଇ ତାକୁ ଛାଡ଼ି ଚାଲି ଆସିବାଟା ଭଲ କରି ନାହଁ। ତା ଭଳିଆ ସର୍ବଗୁଣ ସମ୍ପନ୍ନ ଝିଅ ତୁମେ ସହଜରେ ପାଇବ ନାହିଁ।"

"ମୋତେ ସାମୁଏଲ୍‌ ବୋଲି ସମ୍ବୋଧନ କରନ୍ତୁ ନାହିଁ ଫାଦର୍‌। ଆଉ ଇସାବେଲା ବିଷୟରେ ଯାହା କହିଗଲେ ମୁଁ ତାର ପ୍ରତିବାଦ କରୁନି। କିନ୍ତୁ ମୁଁ ଜଣେ ଆଦିବାସୀ ଝିଅକୁ ବାହା ହେବାପାଇଁ ଚାହେଁ ନାହିଁ। ମୁଁ ଇତର ଜାତିରେ ଜନ୍ମ ହେଇ ଯେଉଁ ଲୋକଲଜ୍ଜା ପାଇଛି, ଜଣେ ଆଦିବାସୀ ଝିଅକୁ ବାହାହେଇ ମୋର ସନ୍ତାନ ସନ୍ତତିଙ୍କୁ ସେ ଲୋକ ଲଜ୍ଜା ମୁଁ ଦେବାକୁ ଚାହେଁ ନା।"

"ତାହାହେଲେ ତୁମର ଏଙ୍ଗେଜମେଣ୍ଟ ରିଙ୍ଗ ଆଦାନପ୍ରଦାନ—"

"ଆପଣ ଜିଦ୍‌ ଧରିବାରୁ ମୁଁ ତାହା କରିବାକୁ ବାଧହୋଇଥିଲି ନଚେତ୍‌ ମୋର ସେଇଠି ତିଳେ ମାତ୍ର ସମ୍ମତି ନ ଥିଲା।"

"ଆଉ ଆଜି ଯଦି ମୁଁ ଜିଦ୍‌ ଧରେ ତୁମର ଇସାବେଲା ସହିତ ବିବାହ ପାଇଁ——"

"ମୁଁ ତାହା ପ୍ରତ୍ୟାଖ୍ୟାନ କରିବି।"

"ତାହା ହେଲେ ତୁମେ କଣ ଜଣେ ସୁବିଧାବାଦୀ ଓ ମିଥ୍ୟାବାଦୀ?" ଫାଦର୍‌ ରାଗିଯାଇଥିଲେ।

"ଦୁନିଆରେ କିଏ ସୁବିଧାବାଦୀ ନୁହେଁ କହନ୍ତୁ ତ ଫାଦର୍‌! ଦରକାର ପଡ଼ିଲେ ଆପଣ ବି ମିଥ୍ୟା କହିପାରନ୍ତି ଆଉ ମୁଁ କହିଦେଇ କଣ ବା ଦୋଷକଲି?" ଅତି ସାଧାରଣ ଢଙ୍ଗରେ କହିଲା ସୀତାବଲ୍ଲଭ।

Digitized by srujanika@gmail.com

"ମୁଁ ମିଥ୍ୟା କହିଛି କାହାର ମଙ୍ଗଳ ପାଇଁ? ତୁମର ମଙ୍ଗଳ ପାଇଁ ତ? ବିଚାରୀ ଇସାବେଲ୍ଲାର ଅନୁରୋଧକୁ ଏଡ଼ି ନ ପାରି ମୁଁ କ୍ରସ୍ ଛୁଇଁ ମିଥ୍ୟା କହିଥିଲି ତୁମ ପାଇଁ, ନଚେତ୍ ତୁମେ ଆଜି ଆଇ.ଏ.ଏସ୍. ଅଫିସର ଭାବରେ ଏତେ ବଡ଼ ବଡ଼ କଥା କହି ପାରୁନଥାନ୍ତ।"

"ଧରି ନିଅନ୍ତୁ, ସେ ଦିନ ଆପଣ ଯାହା କହିଲେ ସେଇଟା ସତ୍ୟ ଅର୍ଥାତ୍ ମୁଁ ଖ୍ରୀଷ୍ଟିଆନ୍ ହୋଇ ନାହିଁ।" ସାମାନ୍ୟ ଅଟକି ପୁଣି ସୀତାବଲ୍ଲଭ କହିଲା, "ମୋର ସମୟ ନାହିଁ। ଅପଣ ଆସି ପାରନ୍ତି।"

"ତୁମେ ଏଇଆ କହି ପାରୁଛ ସାମୁଏଲ୍ ଆଉ ମିନ୍ ସୀତାବଲ୍ଲଭ? ତୁମର ମଙ୍ଗଳ ହେବ ନାହିଁ। ରୀତା ଗୋଟିଏ ନନ୍। ତୁମେ ତ ପୁଣି ତାକୁ ଚର୍ଚ୍ଚରେ ବାହାହେବ। ସେ କେମିତି ସମ୍ଭବ ହୋଇ ପାରିବ।" ବିସ୍ମିତ ହୋଇ କହିଲେ ଫାଦର୍।

"ମୁଁ ତାକୁ ସିଭିଲ୍ ମେରେଜ୍ କରିବି। ଚର୍ଚ୍ଚରେ କାହିଁକି ବାହା ହେବି ? ଆଉ, କେଥଲିକ୍ ଧର୍ମ ପ୍ରଚାର କରି ଆପଣମାନେ ନନ୍ ମାନଙ୍କ ସ୍ୱାଧୀନତାରେ ଯେଉଁ ହସ୍ତକ୍ଷେପ କରି ସେମାନଙ୍କୁ ବନ୍ଦୀ ଭଳିଆ ରଖୁଛନ୍ତି, ସେ ବିଷୟ ଟିକିଏ ଭାବି ଦେଖନ୍ତୁ ତ। ସେମାନଙ୍କ ମଧ୍ୟରୁ ଜଣକୁ ମୁଁ ମୁକ୍ତି ଦେଇ ପାରିଛି। ସେଇଟା ଜଣ ଭାରତ ଭଳିଆ ଧର୍ମନିରପେକ୍ଷ ଦେଶରେ ସତ୍ କର୍ମ ନୁହେଁ?" ସୀତାବଲ୍ଲଭ ତାଚ୍ଛଲ୍ୟ କରି କହିଲା।

"ତୁମେ ସତ୍ କର୍ମ କରିଛ? ଚର୍ଚ୍ଚର ପଇସାରେ ଉଚ୍ଚଶିକ୍ଷା ଲାଭ କରି ତୁମେ ଏମିତି ବଡ଼ ବଡ଼ କଥା କହିପାରୁଛ?" ଅଥୟ ହୋଇ ପଡ଼ିଥିଲେ ଫାଦର୍। ରାଗିକି କହିଲେ, "ମୁଁ ଚାହିଁଲେ ସରକାରଙ୍କ ଆଗରେ ସତକଥା କହି ତୁମକୁ ଅପଦସ୍ଥ କରିଦେଇପାରେ— ବୁଝିଲ?"

"ଚେଷ୍ଟା କରନ୍ତୁ— ଆପଣ ହିଁ ହଇରାଣରେ ପଡ଼ିବେ। ଇଣ୍ଡିଏନ୍ ପେନାଲ୍ କୋଡ୍‌ର ସେକସନ୍ ଫୋର ଟୁଏନ୍‌ଟିରେ ଆପଣଙ୍କୁ ହିଁ ଠକାମି ଅପରାଧରେ ଦଣ୍ଡ ଭୋଗିବାକୁ ହେବ।" ପୁଣି ତାଚ୍ଛଲ୍ୟରେ କହିଲା ସୀତାବଲ୍ଲଭ, "ଆଉ ସେମିତି ଦେଖିବାକୁ ଗଲେ ଆପଣଙ୍କ ଧର୍ମ ପ୍ରତି ମୋର ଦରଦ ଅଛି। ଦରକାର ପଡ଼ିଲେ ମୁଁ ସାହାଯ୍ୟ ବି କରିବି। ହେଲେ ଆଜି ପାଇଁ ଏତିକି। ଆପଣ ଆସି ପାରନ୍ତି।"

ଫାଦର୍ ଉଇଲିୟମ୍‌ଙ୍କ ରାଗର ମାତ୍ରା ଢେର ବଢ଼ି ଯାଇଥିଲା। ସେ ସୀତାବଲ୍ଲଭ ଆଡ଼େ ଏକ କ୍ରୁଦ୍ଧ ଦୃଷ୍ଟିପାତ କରି ସେଠାରୁ ଚାଲି ଆସିଲେ।

ଫାଦର୍ ରାଗିକି ଚାଲିଗଲେ ସିନା କିନ୍ତୁ ସୀତାବଲ୍ଲଭ ବିରୁଦ୍ଧରେ କିଛି ପଦକ୍ଷେପ ନେଲେ ନାହିଁ। ତାହାହେଲେ ଜଣେ ଧର୍ମଯାଜକ ଭାବରେ ତାକୁ କ୍ଷମା କରିଦେଲେ? ନା, ନିଜର ପ୍ରତିଷ୍ଠାରେ ଆଞ୍ଚ ଆସିବ ବୋଲି ନୀରବ ରହିଲେ?

ଏଆଡ଼େ କିନ୍ତୁ ସୀତାବଲ୍ଲଭ ତାର କର୍ମମୟ ସଫଳତା ଓ ସୁନାମ ଅର୍ଜନ କରିବାକୁ ଲାଗିଲା। ଗୋଟିଏ ପରେ ଗୋଟିଏ ମୁଖ୍ୟମନ୍ତ୍ରୀଙ୍କୁ ଖୋସାମଦ କରି ସେମାନଙ୍କ ପ୍ରିୟ ପାତ୍ର ହେବା ପାଇଁ ତାକୁ ବିଶେଷ କିଛି କଷ୍ଟ ହେଲା ନାହିଁ। ରୀତା ପରି ସୁନ୍ଦରୀ

Digitized by srujanika@gmail.com

ସ୍ତ୍ରୀ ରାଜନୈତିକ ପ୍ରଭାବ ପକାଇବାରେ ଯଥେଷ୍ଟ ସାହାଯ୍ୟକାରୀ ମଧ ହେଲା ।

ତାର ବିଭିନ୍ନ ପୋଷ୍ଟିଂରେ ମିଶ୍ର, ତ୍ରିପାଠୀ, ଆଚାର୍ଯ୍ୟ, ମହାନ୍ତି, ରାଉତ, ଧଳ, ପାଟଶାଣୀ ଆଉ ପଟ୍ଟନାୟକ ମାନଙ୍କୁ ଅର୍ଡ଼ର୍ଲି ରଖି ଆଉ ସେମାନଙ୍କ ଉପରେ ହାକିମି କରି ସେ ତାର ଛୋଟ ବେଳର ଅପମାନର ପ୍ରତିଶୋଧ ନେଲା ସମୂଳସୁଧ ସହିତ ।

ଦିନ ଗଡ଼ି ଚାଲିଲା । ସୀତାବଲ୍ଲଭର ପାହ୍ୟା ଓ ପ୍ରଭାବ ମଧ ବଢ଼ି ଚାଲିଲା । ଚାକୀରୀରେ ପାହଚ ଉପରେ ଚଢ଼ି ସେ ହେଲା ହୋମ୍ ସେକ୍ରେଟେରୀ ଆଉ ସାଧାରଣ ପ୍ରଶାସନ ବିଭାଗର ସ୍ପେଶାଲ ସେକ୍ରେଟେରୀ । ରାଜଧାନୀରେ ଏକ ବିରାଟ ଅଟ୍ଟାଳିକା ନିର୍ମାଣ କରିବା ସଙ୍ଗେ ସଙ୍ଗେ ସର୍ବ ଧର୍ମ ସମନ୍ୱୟ ପାଇଁ ସହର ଉପକଣ୍ଠରେ ଏକ ବିରାଟ ଇଲାକା ମଧ ଲିଜ୍ ସୂତ୍ରରେ ପାଇଲା । ଏହି ଇଲାକାରେ ସେ ଖ୍ରୀଷ୍ଟଧର୍ମର ପ୍ରଚାର ଓ ପ୍ରସାର ପାଇଁ ସୁବିଧା ଓ ସୁଯୋଗ ମଧ ଦେଲା ।

ସୀତାବଲ୍ଲଭ ଓ ରୀତାର ଗୋଟିଏ ପୁଅ ଓ ଗୋଟିଏ ଝିଅ । ଇଂଲିଶ ମିଡ଼ିଅମ୍ ସ୍କୁଲରେ ପଢ଼ି ଉଭୟେ ରାଜଧାନୀରେ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନରେ ପଢ଼ିବାର ସୁଯୋଗ ପାଇଲେ ଅନୁସୂଚିତ ଜାତିର କୋଟାରୁ । ସ୍ତ୍ରୀ ରୀତାର ଧର୍ମସାର୍ଟିଫିକେଟ୍ ଜରିଆରେ ଝିଅ ସୁଷମାର ଏଡ୍‌ମିସନ୍ ଭେଲୋର ଖ୍ରୀଷ୍ଟିଆନ୍ ମେଡ଼ିକେଲ୍ କଲେଜରେ କରିବାର ବିଶେଷ ଅସୁବିଧା ବି ହେଲା ନାହିଁ କି ଫଟିଚର୍ ପୁଅ ରାକେଶର ନିଜର ଅନୁସୂଚିତ ଜାତିର ସାର୍ଟିଫିକେଟ ବଳରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଏଡ୍‌ମିସନ୍ ପାଇବା ପାଇଁ କଷ୍ଟ ହେଲା ନାହିଁ । ଆମ ଶାସନ କଳରେ ସବୁକିଛି ସମ୍ଭବ ହେଲା ।

ସବୁ ବଡ଼ ବଡ଼ ପୋଷ୍ଟିଂ ପାଇ ସାରି ବର୍ତ୍ତମାନ ସୀତାବଲ୍ଲଭ ଆଶାକରୁଥିଲା ମୁଖ୍ୟ ଶାସନ ସଚିବ ହେବା ପାଇଁ । ସେଥିପାଇଁ ଅନୁସୂଚିତ ଜାତିର ରାଜନୈତିକ ଲବିର ପ୍ରୟୋଗ କରି ସେ ସିନିଅର ଅଫିସରମାନଙ୍କୁ ଡ଼େଇଁବାର ପ୍ରୟାସ ମଧ କରୁଥିଲା । କିଏ ଜାଣେ ସେଇଟାବି ସମ୍ଭବ ହୋଇ ପାରେ ? ଆମ ଦେଶର ରାଜନୀତିରେ ଠକି ଜାଣିଲେ ଆକାଶ ହିଁ ତୁମର ସୀମା — ଏହା ସୀତାବଲ୍ଲଭ ଠିକ୍ ଭାବରେ ଜାଣିଥିଲା ।

ସୀତାବଲ୍ଲଭ ଭାରତ ସରକାରଙ୍କୁ ଠକି ଦେଇପାରିଥିଲା, ଫାଦର ଉଇଲିୟମ୍‌ଙ୍କୁ ଠକି ଦେଇ ନିରୀହା ଇସାବେଲାର ସ୍ୱପ୍ନକୁ ଚୁରମାର କରି ଦେଇ ପାରିଥିଲା, ଗୋଟିଏ ପରେ ଗୋଟିଏ ସବୁ ସରକାରକୁ ଠକି ଦେଇ ପାହାଚ ଉପରେ ପାହାଚ ଚଢ଼ି ପାରିଥିଲା, ଦେଶର ପଙ୍କିଳ ଓ ଦୁର୍ବଳ ସଂରକ୍ଷଣ ନୀତି ଜରିଆରେ ନିଜର ଅଯଥା ଦାବୀକୁ ହାସଲ ମଧ କରିପାରିଥିଲା । କିନ୍ତୁ ସେ କଣ ଭଗବାନଙ୍କୁ ଠକି ଦେଇ ପାରିଲା ନା ନିଜକୁ ଠକିବାରେ ସମର୍ଥ ହେଲା ?

ଛୋଟ ବେଳର ଅପମାନର ବଦଲା ନେବାପାଇଁ ସେ ତଥାକଥିତ ଅନେକ ସବର୍ଣ୍ଣ ଲେଡ଼ି ଏସିଷ୍ଟେଣ୍ଟମାନଙ୍କ ଏକାନ୍ତ ସାନିଧ୍ୟ ପାଇ ଗର୍ବ ଅନୁଭବ ସିନା କରୁଥିଲା, କିନ୍ତୁ ପ୍ରକୃତରେ ସେ କଣ ଶାନ୍ତି ପାଇ ପାରୁଥିଲା ? ସ୍ତ୍ରୀ ରୀତାର ମନରେ କଣ ସୁଖ

Digitized by srujanika@gmail.com

ଓ ଶାନ୍ତି ଦେଇ ପାରିଥିଲା ? ପୁଅ ଓ ଝିଅଙ୍କ ଉପରେ କଣ ତା'ର କୁପ୍ରଭାବ ପଡ଼ି ନଥିଲା ?

ଝିଅ ସୁଷମା ବାପାଙ୍କ ଏ ସବୁ ବ୍ୟବହାର ପାଇଁ ତାଙ୍କଠାରୁ ଦୂରେଇ ରହିବାକୁ ଇଚ୍ଛାକଲା। ଲେଡ଼ି ଡ଼ାକ୍ତର ହେଇ ସାରିବା ପରେ ପିତାଙ୍କର ଇଚ୍ଛା ବିରୁଦ୍ଧରେ ମାଡ୍ରାଜର ଏକ ଦରିଦ୍ର ପରିବାରର ଯୁବଡ଼ାକ୍ତର ରାମସ୍ୱାମୀ ଆୟଙ୍ଗାର୍‌କୁ ବିବାହ କରି ସେ ଆଉ ଘରକୁ ଥରେ ବି ଫେରି ଆସିଲା ନାହିଁ। ବେଳେ ବେଳେ ମା ରୀତା ପାଖକୁ ଟେଲିଫୋନ୍ କରୁଥିଲା କି ଚିଠି ସିନା ଲେଖୁଥିଲା, ବାପାଙ୍କ ସାଙ୍ଗରେ ସମ୍ପର୍କ ରଖିବାକୁ ତାର ଆତ୍ମ ସମ୍ମାନ ବାଧା ଦେଲା।

ଆଉ ପୁଅ ରାକେଶ ! ଦିଲ୍ଲୀରେ ସାଙ୍ଗସାଥୀ ମେଳରେ ଚରସ ଖାଇ ଚୋରୀ ଡ଼କାଇତି ଅଭିଯୋଗରେ ଦି ଚାରିଥର ଗିରଫ ହୋଇ ସାରିଥିଲା।

ତଥାପି ସୀତାବଲ୍ଲଭର ମନରେ ଅନୁଶୋଚନା ନାହିଁ। ସୁରା ଓ ସାକୀରେ ନିଜକୁ ହଜେଇ ଦେଇ ସେ ଦେଖୁଥିଲା ଦେଶର ସର୍ବୋଚ୍ଚ ଶାସନ କର୍ତ୍ତା ହେବାର ସ୍ୱପ୍ନ।

ଦେଶର ପ୍ରଚଳିତ ଶାସନ ବ୍ୟବସ୍ଥାରେ ସେ ସ୍ୱପ୍ନ ଯେ ସଫଳ ହେବ ନାହିଁ ତାହା କିଏ କହି ପାରିବ !

Digitized by srujanika@gmail.com

ବଡ଼ ହାକିମ

ଦୀନଦୟାଲ ମୀନା ଜଣେ ବଡ଼ ଟାଣୁଆ ଆଇ.ଏ.ଏସ୍. ଅଫିସର୍ ଥିଲେ। ତାଙ୍କ ବାପାବି ଜଣେ ଆଇ.ଏ.ଏସ୍. ଅଫିସର୍ ଥିଲେ ଆଉ ଶ୍ୱଶୁର ବି। ଭାଇ, ଭିଣୋଇ, ଶଳା ଆଉ ସମ୍ପର୍କୀୟ ମିଶେଇ ତାଙ୍କ ଓ ଆଉ ତାଙ୍କ ଶ୍ୱଶୁରଙ୍କ ପରିବାରର ଡ଼ଜନେରୁ ଅଧିକ ଆଇ.ଏ.ଏସ୍., ଆଇ.ପି.ଏସ୍. ଏବଂ ଏଲାଏଡ୍ ଅଫିସର। ସଂରକ୍ଷଣ ନୀତିର ବେଶ ଉପଯୋଗ କରିଛନ୍ତି ମିନା - ସମ୍ପ୍ରଦାୟ ଆଉ ତାଙ୍କ ପରିବାର ସେମାନଙ୍କ ମଧ୍ୟରେ ଆଗୁଆ।

ଦୀନଦୟାଲ୍ ବାବୁ ବଡ଼ ଅତ୍ୟାଚାରୀ ମଧ୍ୟ। ତାଙ୍କ ଅତ୍ୟାଚାରରେ ସାଧାରଣ ଜନତା ତ୍ରାହି ତ୍ରାହି ଡ଼ାକନ୍ତି କିନ୍ତୁ ତାଙ୍କର କୌଣସି କ୍ଷତି ହୋଇ ପାରେ ନାହିଁ କାରଣ ସେ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଦେଶର ପ୍ରଶାସନ ତାଙ୍କ ଉପରେ କଲମ ଚଳେଇଲେ ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ଆନ୍ଦୋଳନର ଗୁଞ୍ଜରଣ ଖେଳି ଯିବ।

ଫାଇଲ୍‌ପତ୍ରରେ ଦୀନଦୟାଲ ବାବୁ ବେଶି କିଛି ଧୁରନ୍ଧର ନୁହନ୍ତି କିନ୍ତୁ ହୁକାପିଟା ଶାସନରେ ସେ ଏକ ନମ୍ବର। ତେଣୁ ଅଖାଡୁଆ ସମୟରେ ଜିଲ୍ଲା କଲେକ୍ଟର୍ ଭାବରେ ତାଙ୍କର ବହୁତ ଚାହିଦା।

ଆଉ ନାଇଟ୍ କ୍ଲବ୍‌ରେ ପେଗ୍‌ପରେ ପେଗ୍ ଉଦରସାତ୍ କରିବାରେ ତାଙ୍କ ରେକର୍ଡ଼କୁ ଏବେ ବି କେହି ଭାଙ୍ଗିବାରେ ସମର୍ଥ ହୋଇ ନାହାନ୍ତି।

ବିଚାରା ଅର୍ଦ୍ଦଳି କୃତ୍ତିବାସ ପଣ୍ଡାର ଅବସ୍ଥା ଦି ଗଣ୍ଡା ଦି କଡ଼ା। ସାହେବଙ୍କ ଘରର ଝାଡୁ ପୋଛାଠୁ ଆରମ୍ଭ କରି ତାଙ୍କ ଖାଇବା ବାସନ ଉଠେଇବା ପର୍ଯ୍ୟନ୍ତ ସବୁ କାମ କଲେବି ସାହେବ ତା ଉପରେ ସବୁବେଳେ ଖପା। ପିଅନ୍ ଅର୍ଦ୍ଦଳି ମାନଙ୍କୁ ଖଟେଇବାର କାଇଦା ସେ ଶିଖିଥିଲେ ବାପାଦାଦା ଅମଳରୁ। ଛୋଟ ଛୋଟ କଥାରେ ଚାକର ପୂଜାରୀମାନଙ୍କ ଚଉଦ ପୁରୁଷ ଦୁଡ଼ିବାରେ ସେ ସିଦ୍ଧ ହସ୍ତ।

ସେମାନଙ୍କ ପୁଅ ରାଜ କୁମାର ଅତି ଗେଲବସରରେ ବଢ଼ିଥିଲା। ଛୋଟବେଳୁ ସେ ବଡ଼ ଫାଜିଲ୍। ଭଲ ପାଠ ବି ପଢୁନଥିଲା। ତଥାପି ସହରର ସବୁଠୁ ବ୍ୟୟସାପେକ୍ଷ ଇଂଲିଶ ମିଡ଼ିୟମ୍ ସ୍କୁଲରେ ତାକୁ ଭର୍ତ୍ତିକରି ଥିଲେ ଦୀନଦୟାଲ ବାବୁ।

ସ୍କୁଲପଢ଼ା ଆଉ ତା ଉପରେ ତିନି ତିନିଟା ଟିଉସନ୍ ସତ୍ତ୍ୱେ ତାର ଗ୍ରେଡ୍ ଭଲ ହେଉ ନଥିଲା। ଛୋଟ ବେଳୁ ଖେଳିବାରେ ଆଉ ଶୀକାର କରିବାରେ ତାର ବହୁତ ସଉକ। ବାପା ଜଙ୍ଗଲ ବିଭାଗର ସେକ୍ରେଟେରୀ ଥିବା ସମୟରେ ଅନେକ ଅଭୟାରଣ୍ୟରେ ସେ ଶୀକାର କରିବାର ସୁବିଧା ଓ ସୁଯୋଗ ପାଇଥିଲା।

ରାଜକୁମାରର ସମବୟସ୍କ ଥିଲା କୃତ୍ତିବାସର ପୁଅ ବନବିହାରୀ। ଅତି ଭଦ୍ର ବ୍ୟବହାର ତାର। ଅତି ବିଚକ୍ଷଣ ମଧ୍ୟ। ଓଡିଆ ମିଡ଼ିଅମ୍ ସ୍କୁଲରେ ପଢ଼ିଲେ ମଧ୍ୟ ତାର ଇଂଲିଶ ଜ୍ଞାନ ବହୁତ ବେଶି।

Digitized by srujanika@gmail.com

ଛୋଟବେଳୁ ଟିଉସନ୍ କରି ତାକୁ ପଢ଼ିବାକୁ ପଡୁଥିଲା । ତେଣୁ ସେ ମେଟ୍ରିକୁଲେଶନ୍ ପରୀକ୍ଷାରେ ସତୁରୀ ପର୍ସେଣ୍ଟ ପାଇ ପାଶ୍‌ହିନା କଲା, ସହରର ଶ୍ରେଷ୍ଠ ସରକାରୀ କଲେଜରେ ତାକୁ ଏଡ୍‌ମିସନ୍ ମିଳିଲା ନାହିଁ ।

ଏଆଡ଼େ ରାଜକୁମାର ମାତ୍ର ପଚାଶ ପର୍ସେଣ୍ଟ ମାର୍କ ପାଇ ପାଶ୍ କରିଥିଲେ ମଧ୍ୟ ସହରର ଶ୍ରେଷ୍ଠ କଲେଜରେ ଏଡ୍‌ମିଶନ୍ ପାଇବା ପାଇଁ ତାକୁ ସହଜ ହୋଇ ପଡ଼ିଥିଲା । ପ୍ରଥମେ ତ ସଂରକ୍ଷଣ କୋଟାର ସିଟ୍ ଆଉ ତା ଉପରକୁ ସେତେବେଳେ ତା ବାପା ଥିଲେ ଖୋଦ୍ ଶିକ୍ଷା ବିଭାଗର ସେକ୍ରେଟେରୀ ।

ଛୋଟବେଳୁ ବନବିହାରୀ ଭଲ ପାଠ ପଢ଼େ ବୋଲି ଦୀନଦୟାଲ ବାବୁ ଆଉ ତାଙ୍କ ସ୍ତ୍ରୀ ପ୍ରେମାକୁମାରୀ ଦେବୀ ତାକୁ ଭଲପାଉଥିଲେ । ବେଳେ ବେଳେ ତାର ଉଦାହରଣ ଦେଇ ପ୍ରେମ କୁମାରୀ ଦେବୀ ପୁଅକୁ କହୁଥିଲେ, "ଦେଖ୍‌ବେଟା, ଅଡର୍ଲିର ପୁଅହୋଇ ବନବିହାରୀ କେମିତି ଭଲ ପଢୁଛି । ତୁ ବି କୋସିସ୍ କର୍ ବେଟା ।"

ଜଣେ ନୌକରର ପୁଅ ସାଙ୍ଗରେ ତାକୁ ତୁଳନା କରିବାଟା ରାଜକୁମାରକୁ ଭଲ ଲାଗୁନଥିଲା । ତେଣୁ ବନବିହାରୀ ପ୍ରତି ତାର ଈର୍ଷା ହେଉଥିଲା । ବେଳେ ବେଳେ ତାକୁ ହଇରାଣ ହରକତ ବି କରୁଥିଲା ।

'ଅଡ଼ର୍ଲି କା ବେଟା', 'ଶାଲା ବୁଦ୍ଧୁ', 'କିତାବ୍ କା କିଡ଼ା' ପ୍ରଭୃତି ଅପମାନ ସୂଚକ ସମ୍ବୋଧନ କରି ରାଜକୁମାର ବନବିହାରୀକୁ ଥଟ୍ଟା କରୁଥିଲା କିନ୍ତୁ ବନବିହାରୀ ଏ ସବୁର ପ୍ରତିକ୍ରିୟା ପରିଦର୍ଶନ ନ କରି ନିଜ କାମ କରି ଯାଉଥିଲା । ବନବିହାରୀକୁ ଅବଶ୍ୟ ଏ ସବୁ ବହୁତ ବାଧୁଥିଲା କିନ୍ତୁ ଦେଶକାଳ ପାତ୍ରର ବିବେଚନା ତାର ଛୋଟ ବେଳୁ ଯଥେଷ୍ଟ ଥିଲା, ତେଣୁ ସେ ନୀରବରେ ସେ ସବୁକୁ ସହି ଯାଉଥିଲା । ତାର ନୀରବତା ରାଜକୁମାରକୁ ବେଶ୍ ଯନ୍ତ୍ରଣା ଦେଉଥିଲା । ତେଣୁ ବେଳେ ବେଳେ ବନବିହାରୀର ନୂଆଜାମା ପଟାରେ କାଦୁଅ ପକାଇ କିମ୍ବା ତାର ଚାଲି ଯାଉଥିବା ବାଟରେ ପୋଡ଼ା ମୋବିଲ ଢାଳି ପିଚ୍ଛିଳ କରି ରାଜକୁମାର ଖୁସୀ ହେଉଥିଲା ।

ଏ ସବୁ ଅତ୍ୟାଚାରର ପ୍ରତିବାଦ ମଧ୍ୟ ବନବିହାରୀ କିମ୍ବା ତାର ବାପାମା କରୁ ନଥିବାରୁ ରାଜକୁମାର ନିରସ୍ତ ସୈନିକ ଭଳିଆ ହତୋତ୍ସାହିତ ହେଉଥିଲା । ବେଳେ ବେଳେ ପ୍ରେମକୁମାରୀ ପୁଅକୁ ଡାକି ବୁଝେଇ କି କହୁଥିଲେ, "ଏମିତି କରିବା ଭଲ ନୁହେଁ ବେଟା । ବିଚାରା ଗରିବ ଲୋକର ନୂଆ ଜାମା ପଟା ଖରାପ କରି ଦେଲେ ଭଗବାନ ତୋର କିମ୍ବିତି ଜିନିଷ ବରବାଦ କରି ଦେବେ ।"

ସ୍କୁଲ ପାଠ ପଢ଼ାପରେ ଉଭୟେ ପଢ଼ିଲେ ବିଜ୍ଞାନ ଶ୍ରେଣୀରେ । ବନ୍ନୁର ଭାଗ୍ୟରେ ଜୁଟିଲା ସହର ଉପକଣ୍ଠରେ ଥିବା ଗୋଟିଏ ଛୋଟ କଲେଜ ତ ରାଜୁର ଭାଗ୍ୟରେ ଥିଲା ସହରର ଶ୍ରେଷ୍ଠ କଲେଜର ଛାତ୍ର ହେବା ପାଇଁ । ରାଜୁ ଥଟ୍ଟା କରି ବନ୍ନୁକୁ ଉଦ୍ଦେଶ୍ୟ କରି କହୁଥିଲା, "ଶାଲା ଅଡ଼ର୍ଲିର ପୁଅ ଭଲ ପଢୁଛି ବୋଲି ଫୁଟାଣି ଦେଖାଉଥିଲା ।

Digitized by srujanika@gmail.com

ଠିକ୍ ହେଉଛି ଶାଳାକୁ। ମଫସଲିଆ କଲେଜକୁ ହିଁ ସେ ଯୋଗ୍ୟ।'' ମଝିରେ ମଝିରେ ବନ୍ଦୁ ଉପରେ ଉତ୍ତମ ମଧ୍ୟମ ମଧ୍ୟ ହେଉଥିଲା।

ଶ୍ରେଷ୍ଠ କଲେଜର ଛାତ୍ର ସିନା ହେଲା, ରାଜକୁମାରର ପାଠଶାଠ ଚୋଲ୍ ମାରିଲା। ନିଜେ ବହୁତ ବେଗରେ ମୋଟର ସାଇକଲ ଚଲାଇ ପ୍ରତି ଦିନ କଲେଜକୁ ଆସୁଥିଲା— ଇଚ୍ଛା ହେଲେ କ୍ଲାସକୁ ଯାଉଥିଲା ନ ହେଲେ ନାହିଁ। ସାଙ୍ଗସାଥୀମେଳରେ ଫୁର୍ତିକରୁଥିଲା। କେବେ କେବେ ଘର ରିଫ୍ରିଜେରେଟର୍‌ରୁ ମଦ ବୋତଲ ଚୋରୀକରି ବନ୍ଧୁମାନଙ୍କ ସାଙ୍ଗରେ ମଦ୍ୟପାନ କରି ଝିଅମାନଙ୍କ ପ୍ରତି ଦୁର୍ବ୍ୟବହାର ମଧ୍ୟ କରୁଥିଲା।

ଶିକ୍ଷା ବିଭାଗର ଶାସନ ସଚିବଙ୍କ ପୁଅ ବୋଲି ଭୟରେ ତାକୁ କେହି କିଛି କହୁନଥିଲେ। ତେଣୁ ଧୀରେ ଧୀରେ ତା'ର ଦୌରାତ୍ମ୍ୟ ସୀମା ଲଙ୍ଘନ କଲା।

ଦିନେ କଲେଜର ଅଧ୍ୟକ୍ଷ ବାଧ୍ୟ ହୋଇ ରାଜକୁମାର ତଥା ତାର ଅନ୍ୟ କେତେ ଜଣ ସାଙ୍ଗର ପିତାଙ୍କ ପାଖକୁ ଚିଠି ଲେଖିଲେ କଲେଜ ଅଫିସ୍‌କୁ ଆସି ତାଙ୍କୁ ଦେଖା କରିବା ପାଇଁ।

''ଶାଳା ପ୍ରିନ୍ସିପାଲ୍‌ର ଏତେ ହିମ୍ମତ୍!'' ଦୀନଦୟାଲ ବାବୁ ଚିଠି ପାଇ ଗର୍ଜି ଉଠିଲେ, ''କଲେଜ ପିଲାଙ୍କୁ କଣ୍ଟ୍ରୋଲ୍ କରିପାରୁ ନି ପୁଣି ଶିକ୍ଷା ବିଭାଗର ସେକ୍ରେଟେରୀଙ୍କୁ ଚିଠି ପଠେଇଛି ତାକୁ ତା ଅଫିସ୍‌ରେ ଦେଖା କରିବା ପାଇଁ? ମୁ ଶାଳାକୁ ଦେଖି ନେବି।''

ଅନ୍ୟାନ୍ୟ ଅଭିଭାବକମାନେ ସିନା ଅଧ୍ୟକ୍ଷଙ୍କ ଅଫିସ୍‌କୁ ଯାଇ ସେମାନଙ୍କ ପିଲାମାନଙ୍କ ଦୁଷ୍କର୍ମ ବିଷୟରେ ଅବଗତ ହେଲେ, ରାଜକୁମାରର ବାପା କିନ୍ତୁ ନିଜର ଅଫିସିଏଲ୍ ପଦବୀର ଦୁରୁପଯୋଗ କରି ଓଲଟା ଅଧ୍ୟକ୍ଷ ମହାଶୟଙ୍କୁ ନିଜର ଧୃଷ୍ଟତା ପାଇଁ କୈଫିୟତ୍ ଦେବା ପାଇଁ ନିଜ ଅଫିସ୍‌କୁ ସମନ୍ କଲେ।

ପ୍ରଥମେ ସେ ଚିଠିକୁ ଖାତିରି ନ କରି ଅଧ୍ୟକ୍ଷ ମହାଶୟ ଶିକ୍ଷା ସଚିବଙ୍କୁ ସେ ସଂକ୍ରାନ୍ତରେ ନିଜେ ଦେଖା କରିବା ପାଇଁ ଇଚ୍ଛା କଲେ ନାହିଁ କିନ୍ତୁ ଶିକ୍ଷା ସଚିବଙ୍କ ବ୍ୟକ୍ତିଗତ ସହାୟକ ପାଖରୁ ଘନଘନ ଫୋନ୍ ପାଇ ଦିନେ ଯାଇ ପହଞ୍ଚିଲେ ଶିକ୍ଷା ସଚିବଙ୍କ ଦପ୍ତରରେ।

ଇନ୍‌ଟରଭ୍ୟୁ ସ୍ଲିପ୍‌ରେ ଅଧ୍ୟକ୍ଷଙ୍କ ନାଁ ଦେଖି ରାଗରେ ପାଚିଗଲେ ସଚିବ ମହାଶୟ। ଜାଣିଶୁଣି ପ୍ରାୟ ଘଣ୍ଟାଏ କାଳ ଅଧ୍ୟକ୍ଷଙ୍କୁ ବାହାରେ ଅପେକ୍ଷା କରାଇବାପରେ ଅଧ୍ୟକ୍ଷଙ୍କ ପାଳି ପଡ଼ିଲା ଶିକ୍ଷା ବିଭାଗର ଶାସନ ସଚିବଙ୍କୁ ଦେଖା କରିବା ପାଇଁ ତାହା ପୁଣି ଦୁଇଚାରି ଥର ସଚିବଙ୍କ ବ୍ୟକ୍ତିଗତ ସହାୟକଙ୍କ ଜରିଆରେ ଖବର ପଠାଇବା ପରେ।

ଅଧ୍ୟକ୍ଷ ମହାଶୟଙ୍କୁ ବସିବା ପାଇଁ ନ କହି ଗୋଟିଏ ଫାଇଲ୍ ପଢ଼ୁଁ ପଢ଼ୁ ଦୀନଦୟାଲ ବାବୁ କହିଲେ, ''ହଁ, ତୁମର କଣ କାମ?''

ଏ ପ୍ରଶ୍ନରେ ସାମାନ୍ୟ ଅପ୍ରସ୍ତୁତ ହୋଇ ଅଧ୍ୟକ୍ଷ ମହାଶୟ କହିଲେ, ''ମୋର କିଛି କାମ ନାହିଁ।''

Digitized by srujanika@gmail.com

"ତାହାହେଲେ ମୋତେ ଦେଖା କରି ମୋର ମୂଲ୍ୟବାନ ସମୟ ନଷ୍ଟ କରୁଛ କାହିଁକି?" ଫାଇଲ୍ ଉପରୁ ନଜର ନ ହଟାଇ କହିଲେ ସଚିବ ମହାଶୟ।

"ମୋତେ ଡ଼କେଇ ଥିଲେ ବୋଲି ଆସିଥିଲି। ଆପଣ ଯଦି ଅନ୍ୟ କୌଣସି ଜରୁରୀ କାମରେ ବ୍ୟସ୍ତ ଅଛନ୍ତି, ତାହା ହେଲେ ମୁଁ ଚାଲି ଯାଉଛି।" ଏହା କହି ଅଧକ୍ଷ ମହାଶୟ ଯିବାକୁ ଉଦ୍ୟତ ହେଲେ।

"ଓ, ଆଇ ସି।" ଫାଇଲ୍ ଉପରୁ ନଜର ହଟାଉଁ ହଟାଉଁ କହିଲେ ଦୀନଦୟାଲ୍ ବାବୁ, "ତୁମେ ତାହାହେଲେ କୈଫିୟତ୍ ନ ଦେଇ ଚାଲିଯିବାକୁ ଇଚ୍ଛା କରୁଛ? ଆଇ ମିନ୍, ୟୁ ୱାଣ୍ଟ ଟୁ ଏଭଏଡ଼୍ ମି!"

"ମୁଁ କେଉଁ କୈଫିୟତ୍ ଦେବି? ମୋର ତ କୌଣସି ଭୁଲ୍ ହୋଇ ନାହିଁ।" ଅଧକ୍ଷ ମହାଶୟ ନରମ ଅଥଚ ଦୃଢ଼ କଣ୍ଠରେ କହିଲେ,

"ହାଉ ଡ଼େୟାର୍ ୟୁ ସେ ଲାଇକ୍ ଦିସ୍?" ଚଢ଼ା ଗଳାରେ କହିଲେ ଦୀନଦୟାଲ ବାବୁ, "ଜଣେ ଶିକ୍ଷା ବିଭାଗର ସେକ୍ରେଟେରୀକୁ ଗୋଟିଏ କଲେଜର ମାମୁଲି ପ୍ରିନ୍ସିପାଲ୍ ଡକେଇବ ତା ଅଫିସ୍‌ରେ ସାକ୍ଷାତ କରିବା ପାଇଁ? ଇଜ୍ ଇଟ୍ ନଟ୍ ଏନ୍ ଅଫେନ୍ସ?"

"ମୁଁ ଶିକ୍ଷା ବିଭାଗର ସେକ୍ରେଟେରୀଙ୍କ ପାଖକୁ ସେ ଚିଠି ଲେଖିନ ଥିଲି। ମୋ କଲେଜର ଜଣେ ଦୁଷ୍ଟ ଛାତ୍ରର ଅଭିଭାବକ ପାଖକୁ ସେ ଚିଠି ଲେଖିଥିଲି। ଏଣ୍ଡ ଆଇ ଥିଙ୍କ ଦି ମେଟର୍ ଏଣ୍ଡସ୍ ଦେଆର୍।" ରୋକଠୋକ୍ କହିଲେ ଅଧକ୍ଷ ମହାଶୟ।

"ତୁମେ ମୋତେ ପାଠ ପଢ଼ଉଛ?" ରାଗିକି କହିଲେ ଦୀନଦୟାଲ ବାବୁ, "ଜଣେ ସେକ୍ରେଟେରୀ ସହିତ କେମିତି ବ୍ୟବହାର କରିବାକୁ ହୁଏ ତାହା ତୁମେ ଜାଣି ନାହିଁ। ଆଉ ତା ଛଡ଼ା ତୁମ ବିରୁଦ୍ଧରେ ଅଭିଯୋଗ ମଧ ଅଛି।"

"ଦେଖନ୍ତୁ ମିଷ୍ଟର ମିନା, ମୋ ବିରୁଦ୍ଧରେ କିଛି ଅଭିଯୋଗ ଥିଲେ ତା ଉପରେ ଆପଣ ବିହିତ କାର୍ଯ୍ୟାନୁଷ୍ଠାନ କରନ୍ତୁ। କିନ୍ତୁ ଆପଣ ମୋତେ ଆପଣଙ୍କ ଅଫିସ୍‌କୁ ଡ଼କେଇ ଅପମାନିତ କରିବାର ଅଧିକାର ଆପଣଙ୍କ ନାହିଁ। ମୁଁ ଜଣେ ସେକ୍ରେଟେରୀଙ୍କ ସହିତ କିମିତି ବ୍ୟବହାର କରିବା କଥା, ଜାଣେ। କିନ୍ତୁ ମୁଁ ଦୁଃଖର ସହିତ କହୁଛି ଯେ ଜଣେ କଲେଜର ଅଧକ୍ଷ ସହିତ କେମିତି ବ୍ୟବହାର କରାଯିବା ଉଚିତ, ଆପଣ ତାହା ଜାଣନ୍ତି ନାହିଁ। ମୁଁ ଆପଣଙ୍କୁ "ଆପଣ' ବୋଲି ସମ୍ବୋଧନ କଲାବେଳେ ଆପଣ ମୋତେ 'ତୁମେ' ବୋଲି ସମ୍ବୋଧନ କରୁଛନ୍ତି, ମୋତେ ଆପଣ ନିଜେ ଅଫିସ୍‌କୁ ଡ଼କେଇ ଦେଖା କରିବା ପାଇଁ ଘଣ୍ଟେ ଅପେକ୍ଷା କରାଇ ବସିବା ପାଇଁ କି କହି ନାହାନ୍ତି ଏବଂ ବୃଥାରେ ଚଢ଼ାଗଳାରେ ମୋସାଙ୍ଗରେ ବାର୍ତ୍ତାଳାପ କରୁଛନ୍ତି। ଏ ସବୁ କଣ ନ୍ୟାୟୋଚିତ ବ୍ୟବହାର?" ନମ୍ର ଅଥଚ ଦୃଢ଼ଗଳାରେ କହିଲେ ଅଧକ୍ଷ ମହାଶୟ।

"ତୁମେ ମୋର ଅଧସ୍ତନ କର୍ମଚାରୀ। ମୁଁ କାହିଁକି ତୁମକୁ 'ଆପଣ' ବୋଲି ସମ୍ବୋଧନ କରିବି? ଆଉ ତୁମକୁ ମୋତେ 'ସାର' ପରିବର୍ତ୍ତେ ମିଷ୍ଟର ମିନା ବୋଲି କହିବାର ଅଧିକାର ଦେଇଛି କିଏ?" କଟମଟ ଚାହାଣୀରେ ଅନେଇ କହିଲେ ଦୀନଦୟାଲ ବାବୁ।

Digitized by srujanika@gmail.com

"ମୋତେ ଏ ଅଧିକାର ଦେଇଛି ଆମର ସମ୍ବିଧାନ। ଆମ ଦେଶ ସ୍ୱାଧୀନ ହେବା ପରଠୁ ମାଲିକ - ଚାକର ସମ୍ପର୍କ ତୁଟି ଗଲାଣି ମିଷ୍ଟର ମିନା। ଯେଉଁମାନେ ଆପଣଙ୍କୁ ଅଯଥା 'ସାର ସାର୍' ସମ୍ବୋଧନ କରି ଦେଶର ସ୍ୱାଧୀନତକୁ ଉପହାସ କରୁଛନ୍ତି, ଜଣେ ଶିକ୍ଷକ ହିସାବରେ ମୁଁ ତାହା କହି ପାରିବି ନାହିଁ। ନମସ୍କାର।" ଏତକ କହି ଅଧକ୍ଷ ମହାଶୟ ସଚିବଙ୍କ ଅଫିସ୍‌ରୁ ବହିର୍ଗତ ହେଲେ।

ଅଧକ୍ଷ ମହାଶୟ ଅଫିସ୍‌ରୁ ବାହାରୁ ବାହାରୁ ଦୀନଦୟାଲ ବାବୁ କହିବା ଶୁଣାଯାଉଥିଲା, "ୟୁ ରାସ୍‌କେଲ୍, ଆଇସେଲ୍ ଟିଚ୍ ୟୁ ଏ ଲେସନ୍। ଆଇ ସେଲ୍ ଟ୍ରାନ୍ସଫର୍ ୟୁ।"

ସତକୁ ସତ ଅଧକ୍ଷ ମହାଶୟଙ୍କ ଅନ୍ୟତ୍ର ବଦଳି ହୋଇଗଲା। ସେ ଦିନରୁ ବୁରୋକ୍ରେଟ୍ ମାନଙ୍କଠାରୁ ନ୍ୟାୟ ପାଇବା ପାଇଁ ଶିକ୍ଷକମାନେ ସନ୍ଦିହାନ ହେଲେ।

ଦୀନଦୟାଲ୍ ବାବୁ ଅଧକ୍ଷଙ୍କ ପ୍ରତି ଅପମାନ ସୂଚକ ବ୍ୟବହାର ଦେଖାଇଥିବା ବିଷୟ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀଙ୍କ କାନକୁ ଗଲା। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଯୋଡ଼ ହସ୍ତରେ 'ସାର୍ ସାର୍' ହୋଇ ଦୀନଦୟାଲ ବାବୁ ଶିକ୍ଷାମନ୍ତ୍ରୀଙ୍କ ନିକଟରେ ନିଜର ସରଳତାର ଅଭିନୟ କରି ତାଙ୍କୁ ଏମିତି ମୋହିଦେଲେ ଯେ ସଚିବଙ୍କ କଥାହିଁ ହେଲା ବେଦର ଗାର। ଉଚ୍ଚ ଅଫିସରଙ୍କୁ ଅପମାନ ସୂଚକ ବ୍ୟବହାର ଦେଖାଇବା ପାଇଁ ଅଧକ୍ଷ ମହାଶୟଙ୍କୁ ଷ୍ଟ୍ରିକ୍‌ଚର୍ ମିଳିଲା।

ତା ବିରୁଦ୍ଧରେ ଅଧକ୍ଷ ମହାଶୟ କୌଣସି କାର୍ଯ୍ୟାନୁଷ୍ଠାନ କରି ନ ପାରିବାରୁ ରାଜକୁମାରର ଦୌରାତ୍ମ୍ୟ ବୃଦ୍ଧି ପାଇବାକୁ ଲାଗିଲା। ଏଥର ଅଧାପକମାନେ ବିଶେଷତଃ ତରୁଣ ଅଧାପକମାନେ ରାଜକୁମାରର ପରିହାସର ବସ୍ତୁ ହେଲେ।

ବିଭିନ୍ନ ବିଷୟରେ ତିନି ଚାରିଜଣ ଅଧାପକ ରୀତିମତ ଦୀନଦୟାଲ ବାବୁଙ୍କ ଘରକୁ ଆସି ରାଜକୁମାରକୁ ଟିଉସନ୍ କରିବା ସତ୍ତ୍ୱେ ତଥା ସେହି ଅଧାପକମାନଙ୍କ ଜରିଆରେ ପରୀକ୍ଷକମାନଙ୍କୁ ପ୍ରଭାବିତ କରିବା ସତ୍ତ୍ୱେ କାଉନ୍‌ସିଲ୍ ପରୀକ୍ଷାରେ ରାଜକୁମାର ଅକୃତକାର୍ଯ୍ୟହେଲା।

ତାଙ୍କ ପୁଅ ଉପରେ ଆକ୍ରୋଶ ରଖି ତାକୁ ଫେଲ୍ କରାଇ ଦିଆଯିବାର ଅଭିଯୋଗ କଲେ ଦୀନଦୟାଲ ବାବୁ କିନ୍ତୁ ଏଇଠି ସେ ସଫଳ କାମ ହୋଇ ପାରିଲେ ନାହିଁ। ବାଧ ହୋଇ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିଲା ରାଜକୁମାରକୁ। ଏଥର ତାକୁ ସାହାଯ୍ୟ କଲା ବନବିହାରୀ ଯେକି ନବେ ପର୍ସେଣ୍ଟରୁ ଅଧିକ ମାର୍କପାଇ ସାରା ପ୍ରଦେଶରେ ପ୍ରଥମ ଦଶ ଜଣଙ୍କ ମଧରେ ସ୍ଥାନ ପାଇଥିଲା ସେହି ପରୀକ୍ଷାରେ।

ରାଜକୁମାରକୁ ଭଲ ଲାଗୁ ବା ନ ଲାଗୁ, ବନବିହାରୀର ଆନ୍ତରିକତା ହେତୁ ସେଥର ସେ ସପ୍ଲିମେଣ୍ଟାରୀ ପରୀକ୍ଷାରେ ଭଲ କଲା ଏବଂ ବିନା ଚେଷ୍ଟାରେ ପାଶ୍ ମଧ କରିଗଲା।

ସେତେବେଳେ ସହରର ଶ୍ରେଷ୍ଠ କଲେଜରେ ବନବିହାରୀ ବି.ଏସ୍.ସି, ଶ୍ରେଣୀରେ ଫିଜିକ୍ସ ଅନର୍ସର ଜଣେ କୃତୀ ଛାତ୍ର।

Digitized by srujanika@gmail.com

ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାଶ୍ କରିବା ପରେ ରାଜକୁମାର ଆଉ ବିଜ୍ଞାନ ପଢ଼ିବାକୁ ଇଚ୍ଛା କଲାନି କି ବିଜ୍ଞାନ ଶ୍ରେଣୀରେ ତାକୁ ଏଡ଼୍‌ମିସନ୍ ମିଳିଲା ନାହିଁ। ପ୍ରଥମେ ଗୋଟିଏ ଅନାମଧେୟ କଲେଜରେ ଭର୍ତ୍ତି ହୋଇ ରାଜକୁମାର ଟ୍ରାନ୍ସଫର ଜରିଆରେ ସହରର ଶ୍ରେଷ୍ଠ କଲେଜରେ ବି.ଏ. କ୍ଲାସର ଛାତ୍ର ହେବାର ସୁଯୋଗ ପାଇଲା।

ବି.ଏ. କ୍ଲାସର ଛାତ୍ର ଭାବରେ ତାର ବୈରାତ୍ମ୍ୟ ଯେତିକି ବଢ଼ିବା କଥା ସେତିକି ବଢ଼ିପାରିଲା ନାହିଁ କାରଣ ବର୍ଷେପରେ ତାର ପିତାଙ୍କୁ ଦିଲ୍ଲୀ ବଦଳି ହୋଇଗଲା। ଦୀନଦୟାଲ ବାବୁଙ୍କ ବଦଳି ପରେ ପରେ ପୂର୍ବତନ ଅଧକ୍ଷ ପୁଣି ବଦଳି ହୋଇ ଫେରି ଆସିଲେ ଭୁବନେଶ୍ୱର। ରାଜକୁମାରକୁ ସେଥିପାଇଁ ବହୁତ ହଇରାଣ ହେବାକୁ ପଡ଼ିଥିଲା।

ଦୀନଦୟାଲ ବାବୁଙ୍କ ଦିଲ୍ଲୀକୁ ବଦଳି ସିନା ହେଲା, ସେ ଭୁବନେଶ୍ୱରର ସରକାରୀ କ୍ୱାର୍ଟର ଛାଡ଼ିଲେ ନାହିଁ। ତାଙ୍କ ପରିବାର ରହିଲେ ଭୁବନେଶ୍ୱରରେ। ସେତେବେଳକୁ ରାଜକୁମାରର ବି.ଏ. ସେକେଣ୍ଡ ଇଏର ଏବଂ ଭଉଣୀ ଲାଜବନ୍ତୀର ମେଟ୍ରିକୁଲେଶନ।

ବନବିହାରୀ ଉପରେ ପ୍ରେମକୁମାରୀ ଦେବୀଙ୍କ ଏତିକି ଆସ୍ଥା ଯେ ତାଙ୍କ ଝିଅର ପାଠର ଦେଖରେଖ ପାଇଁ ସେ ବନବିହାରୀ ଉପରେ ଭାର ଦେଲେ। ରାଜକୁମାରକୁ ଏହା ଭଲ ଲାଗିଲା.ନାହିଁ କିନ୍ତୁ ସେ କିଛି କରି ପାରିଲାନାହିଁ।

ସର୍ବ ଭାରତୀୟ ପରୀକ୍ଷାରେ ଉତ୍ତମ ସ୍ଥାନ ପାଇ ଲାଜବନ୍ତୀ ସହରର ଶ୍ରେଷ୍ଠ କଲେଜରେ ବିଜ୍ଞାନର ଛାତ୍ରୀ ଭାବରେ ଭର୍ତ୍ତି ହେଲା।

ପ୍ରେମକୁମାରୀ ସାଧାରଣତଃ ଚାକର ବାକରଙ୍କ ଉପରେ ହାକିମି ଦେଖାଇବାରେ ଧୁରନ୍ଧର ହେଲେ ମଧ କୃତିବାସ ପ୍ରତି ତାଙ୍କର ଶ୍ରଦ୍ଧା ଥିଲା କାରଣ ତାଙ୍କର ଅଗାଧ ବିଶ୍ୱାସ ହୋଇ ଯାଇଥିଲା ଯେ କୃତିବାସର ରୀତିମତ ପୂଜାପାଠ ହେତୁରୁ ତାଙ୍କ ପରିବାରର ମଙ୍ଗଳ ହେଉଛି। ତେଣୁ ଦୀନଦୟାଲ୍ ବାବୁ କୃତିବାସ ଉପରେ ରାଗିଲେ ମଧ ମାଲିକାଣୀ ତା ପ୍ରତି ନରମ ବ୍ୟବହାର ଦେଖାଥିଲେ।

ଦୀନଦୟାଲ ବାବୁ ବି ଦିଲ୍ଲୀ ବଦଳି ପରେ ବାକୀ ସବୁ ପିଅନ ଅର୍ଦ୍ଦଳି କେହି ଦାଣ୍ଡଦୁଆର ମାଡ଼ିଲେ ନାହିଁ କିନ୍ତୁ କୃତିବାସ ଆସି ପ୍ରେମକୁମାରୀଙ୍କ ଭଲମନ୍ଦ ବୁଝିଯାଉଥିଲା। ଏହି ବ୍ୟବହାରରେ ପ୍ରେମକୁମାରୀ ଭଳି ଉଦ୍ଧତ ସ୍ତ୍ରୀଲୋକ ମଧ ଅଭିଭୂତ ହୋଇ ଯାଇଥିଲେ।

ବନବିହାରୀ ତାର ପାଠପଢ଼ା ସାଙ୍ଗରେ ଲାଜବନ୍ତୀର ପାଠପଢ଼ାର ମଧ ଦେଖରେଖ କରୁଥିଲା। ଉଭୟଙ୍କ ମଧରେ ଏହା ଘନିଷ୍ଠ ସମ୍ପର୍କର ସୂତ୍ରପାତ କରିବାକୁ ଲାଗିଲା। ଏହା ରାଜକୁମାରକୁ ଭଲ ଲାଗିଲା ନାହିଁ କିନ୍ତୁ ଲାଜବନ୍ତୀର ପାଠ ପଢ଼ାରେ ଉନ୍ନତି ଘଟୁଥିବାରୁ ପ୍ରେମକୁମାରୀ ଦେବୀ ସେମାନଙ୍କ ମିଳାମିଶରେ ପ୍ରଶୟ ଦେଲେ।

ବିଶ୍ୱବିଦ୍ୟାଳୟରେ ଫିଜିକ୍ସ ଅନର୍ସ ପରୀକ୍ଷାରେ ପଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିବା ପରେ ବନବୀହାରୀର ଇଚ୍ଛାଥିଲା ଦିଲ୍ଲୀକୁ ଯିବା ପାଇଁ କିନ୍ତୁ ତାର ଆର୍ଥିକ ଅବସ୍ଥା ତାକୁ ସେ ସୁଯୋଗ ଦେଲା ନାହିଁ। ତେଣୁ ବାଧହୋଇ ଭୁବନେଶ୍ୱରରେ ଏମ୍.ଏସ୍‌ସି. ପଢ଼ିଲା।

Digitized by srujanika@gmail.com

ରାଜକୁମାର ଦିଟା ଚାନ୍ସ ଅକୃତକାର୍ଯ୍ୟ ହୋଇ ତୃତୀୟ ଚାନ୍ସରେ ଯେନ ତେନ ପ୍ରକାରେଣ ବି.ଏ ପରୀକ୍ଷାରେ ପାଶ୍ କରିଗଲା। ସେ ବର୍ଷ କାଉନ୍‌ସିଲ୍ ପରୀକ୍ଷାରେ ଲାଜବନ୍ତୀ ଅତି ଉତ୍ତମ କରିଥିଲା। ଏଥିପାଇଁ ବନବିହାରୀର ମଧ କିଛି କମ୍ ଅବଦାନ ନ ଥିଲା। ପ୍ରତ୍ୟେକ ବିଷୟ ପାଇଁ ବନବିହାରୀ ବିସ୍ତୃତ ନୋଟ୍ ତିଆରି କରି ଲାଜବନ୍ତୀକୁ ବହୁତ ସାହାଯ୍ୟ କରିଥିଲା।

ପୁଅକୁ ଦିଲ୍ଲୀରେ କମ୍ପିଟେଟିଭ ପରୀକ୍ଷା ପାଇଁ ଆବଶ୍ୟକୀୟ ଟ୍ରେନିଂ ଉଦ୍ଦେଶ୍ୟରେ ଦୀନଦୟାଲ୍ ବାବୁ ତାଙ୍କ ପରିବାରକୁ ଦିଲ୍ଲୀ ସ୍ଥାନାନ୍ତରିତ କଲେ। ଲାଜବନ୍ତୀର ଇଚ୍ଛାଥିଲା ଭୁବନେଶ୍ୱରରେ ରହି ବନବିହାରୀର ମାର୍ଗ ପ୍ରଦର୍ଶନରେ ଫିଜିକ୍ସ ଅନର୍ସ ପଢ଼ିବା ପାଇଁ କିନ୍ତୁ ବାଧ ହୋଇ ପରିବାରର ଅନ୍ୟମାନଙ୍କ ସହିତ ଦିଲ୍ଲୀକୁ ଯାଇ ଫିଜିକ୍ସ ଅନର୍ସରେ ନାମ ଲେଖାଇଲା।

ଲାଜବନ୍ତୀ ଛଡା ଦୀନଦୟାଲ ବାବୁଙ୍କ ପରିବାରର ଅନ୍ୟମାନଙ୍କ ମାନସ ପଟରୁ ଭୁବନେଶ୍ୱର ପ୍ରାୟ ପୋଛି ହୋଇଗଲା।

ଏଆଡ଼େ ଏମ୍. ଏସ୍‌ସି. ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବନବିହାରୀ ଭୁବନେଶ୍ୱରର ବଡ଼ ସରକାରୀ କଲେଜରେ ଅଧାପକ ଭାବରେ ନିଯୁକ୍ତି ପାଇଲା। ଦିଲ୍ଲୀରେ ଲ କୋର୍ସରେ ନାଁ ଲେଖେଇ ରାଜକୁମାର ଆଇ. ଏ. ଏସ. ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲା।

ତୁହାକୁ ତୁହା ତିନିଥର ପ୍ରିଲିମିନେରୀ ପରୀକ୍ଷା ଦେଇ ରାଜକୁମାର ଲିଖିତ ପରୀକ୍ଷାକୁ ମଧ ଯୋଗ୍ୟତା ହାସଲ କରି ପାରିଲା ନାହିଁ। ଦୀନଦୟାଲ ବାବୁ ବହୁତ ବ୍ୟଥିତ ହେଲେ। କିନ୍ତୁ କରିବେ କଣ ? ତାଙ୍କ ପ୍ରଭାବ ଦିଲ୍ଲୀରେ କାଟୁ କରିଲାନାହିଁ।

ବହୁତ କଷ୍ଟରେ କେନ୍ଦ୍ରାଞ୍ଚଳର ପୋଲିସ ବିଭାଗର ଦ୍ୱିତୀୟ ଶ୍ରେଣୀ ଚାକିରୀ ସଂରକ୍ଷଣ କୋଟାରେ ମିଳିଲା ରାଜକୁମାରକୁ।

ଲାଜବନ୍ତୀ ଦିଲ୍ଲୀରେ ପଢୁଥିଲା ସିନା ତାର ମନ ସବୁବେଳେ ଥିଲା ବନବିହାରୀ ପାଖରେ। ସେମାନଙ୍କ ମଧରେ ପ୍ରୀତିର ବନ୍ଧନ ଗଢ଼ି ଉଠିଥିଲା ସେମାନଙ୍କ ସାନିଧରେ। କିନ୍ତୁ ଭୁବନେଶ୍ୱରରେ ଥିବା ସମୟରେ ତାହା ଜଣା ପଡୁନଥିଲା। ଉଭୟେ ଉଭୟଙ୍କ ପ୍ରତି ଆକୃଷ୍ଟ ହୋଇ ମଧ ବ୍ୟକ୍ତ କରି ପାରୁନଥିଲେ। ଲାଜବନ୍ତୀ ଭାବୁଥିଲା କାଳେ ବନବୀହାରୀ ଭାବିବ ସେ ଆଦିବାସୀ ଝିଅ ଆଉ ତାକୁ ପ୍ରତ୍ୟାଖ୍ୟାନ କରିଦେବ, ଆଉ ବନବିହାରୀ ଭାବୁଥିଲା ଲାଜୋ କାଳେ ଭାବିବ ସେ ଜଣେ ଅର୍ଡ଼ଲିର ପୁଅ ବୋଲି ଆଉ ତାକୁ ପ୍ରତ୍ୟାଖ୍ୟାନ କରିଦେବ। ତେଣୁ ସେମାନଙ୍କ ପ୍ରେମ ଫଲଗୁ ଧାର ଭଳିଆ ଲୁକ୍କାୟିତ ଥିଲା।

ଦିଲ୍ଲୀ ଯାଇ ସାରିବା ପରେ ଅନେକ ଚିନ୍ତାପରେ ଲାଜବନ୍ତୀ ବନବିହାରୀ ପାଖକୁ ଖଣ୍ଡେ ଚିଠି ଲେଖିଲା। ଅବଶ୍ୟ ପ୍ରଥମ ଚିଠିରେ ସେମିତି ବେଶି କିଛି ଲେଖା ହୋଇ ନ ଥିଲା। କିନ୍ତୁ ଉଭୟଙ୍କ ମନର ଭାବନାକୁ ଧୀରେ ଧୀରେ ଖୋଲିବା ପାଇଁ ସେ ପ୍ରଥମ ଚିଠି ହିଁ ପଥ ପ୍ରଦର୍ଶନ କଲା।

Digitized by srujanika@gmail.com

ଚିଠି ଲେଖିବାର ହାର ବଢ଼ିବାକୁ ଲାଗିଲା ଏବଂ ତା ସଙ୍ଗେ ସଙ୍ଗେ ସେମାନଙ୍କ ଘନିଷ୍ଠତା ମଧ୍ୟ ପାଖରେ ଥାଇ ଯାହା ଘଟିପାରି ନ ଥିଲା, ଦୂରରେ ରହି ତାହା ସମ୍ଭବପର ହେଲା।

ବନବିହାରୀ ଭୁବନେଶ୍ୱରରେ ଅଧ୍ୟାପକ ଭାବରେ ଯୋଗ ଦେଲା ବେଳକୁ ଲାଜବନ୍ତୀ ଫିଜିକ୍ସ ଅନର୍ସର ଶେଷବର୍ଷର ଛାତ୍ରୀ। ସେତେବେଳକୁ ସେମାନଙ୍କ ମଧ୍ୟରେ ଘନିଷ୍ଠତାର ବେଶ ପରିପ୍ରକାଶ ମଧ୍ୟ ହୋଇସାରିଥିଲା। ଦୁଇବର୍ଷ ହେଲା କେହି କାହାରିକୁ ନ ଦେଖି ମଧ୍ୟ ପତ୍ର ଜରିଆରେ ପ୍ରଣୟର ସାନ୍ଦ୍ରତା ବଢ଼ିବାକୁ ଲାଗିଲା।

ଦେଖୁଁ ଦେଖୁଁ ଆସି ବର୍ଷେ ବିତିଗଲା। ଲାଜବନ୍ତୀ କୃତିତ୍ୱ ସହକାରେ ପାଶ୍ କଲା।

ଦିନେ ସେ ନିଜର ମନର କଥା ମାଙ୍କ ଆଗରେ ପ୍ରକାଶ କଲା। ପ୍ରେମାକୁମାରୀ ଦେବୀଙ୍କୁ ଏ ପ୍ରସ୍ତାବ ବିଶେଷ ମନ୍ଦ ଲାଗିଲା ନାହିଁ। ସେ କହିଲେ, "ବନୁ ହୋନ୍ହାର ଲଡ଼୍କା, ତାର ବହୁତ ଉନ୍ନତି ହେବ। କିନ୍ତୁ ତୋର ବାପା ଆଉ ଭାଇ ରାଜି ହେବେ ବୋଲି ମନେ ହେଉ ନାହିଁ।"

ଲାଜବନ୍ତୀ ଚୁପ୍‌ରହିଲା। ମାଙ୍କ ଆଡ଼କୁ ସଜଳ ଆଖିରେ ଅନେଇ ରହିଲା ମାତ୍ର

ପ୍ରେମକୁମାରୀ ଦେବୀ ନିଜ ପେଟ ଭିତରେ ଏକଥା ବେଶି ଦିନ ଲୁଚେଇ ପାରିଲେ ନାହିଁ। ଦିନେ ରାତିରେ ଦୀନଦୟାଲ୍ ବାବୁ ଭଲ ମିଜାଜ୍‌ରେ ଥିବା ସମୟରେ ଏ କଥା ଉତ୍‌ଥାପନ କଲେ।

"କଣ ହେଲା ?" ହଠାତ୍ ରାଗି ଉଠିଲେ ଦୀନଦୟାଲ୍ ବାବୁ, "ମୋ ଝିଅ ବାହାହେବ ଗୋଟିଏ ଅଡ଼ର୍ଲିର ପୁଅକୁ। ନା ତାହା ହୋଇ ପାରିବ ନାହିଁ।"

"ତୁମେ ଅବୁଝା ହୁଅନାହିଁ ରାଜୁର ବାପୁ।" ପ୍ରେମକୁମାରୀ ଦେବୀ ବୁଝେଇ କି କହିଲେ, "ଲାଜେ। ବେଟୀ ଶାନ୍ତ ହେଲେ ବି ତାର ଇରାଦା ଏକଦମ୍ ପକ୍କା। ଆଉ ସେ କଣ ବା ଖରାପ କଥା କରିଛି ? ବନ ପରି ବଡ଼ ଜାତିର ଗୋଟିଏ ଲାଏକ୍ ଲଡ଼୍କାକୁ ଭଲ ପାଇଛି। ଆଜି ସେ ମାଷ୍ଟର ହେଇଛି ! କାଲି ତୁମପରି ବଡ଼ ହାକିମ ବି ବନିବ। ତୁମେ ମାନି ଯାଅ।"

"ମୋର ଲାଜୋବେଟି ପାଇଁ ହଜାର୍ ଯୋଗ୍ୟ ବର ମିଳିବେ। ମୁଁ ମୋର ଅଡ଼ର୍ଲିର ପୁଅ ହାତରେ ତାକୁ ଟେକି ଦେବା ଯାହା, ତାର ଗଳା ଚିପି ଦେବା ତାହା। ତେଣୁ ସେ ପ୍ରସଙ୍ଗ ଆଉ ମୋ ପାଖରେ ଉଠାଅ ନାହିଁ।" ରୋକ୍ ଠୋକ୍ କହି ଦେଲେ ଦୀନଦୟାଲ ବାବୁ।

ରାଜକୁମାର ଏ ପ୍ରସ୍ତାବ ଶୁଣିବା ମାତ୍ରେ ଅଗ୍ନିଶର୍ମା ହୋଇଗଲା। କହିଲା, "ଲାଜେ। ଭୁବନେଶ୍ୱରରେ ପଢୁଥିବା ସମୟରେ ବନୁ ତାକୁ ପଢ଼େଇବା ବେଳେ ମୁଁ ଏଇ ଜିନିଷ ଆଶଙ୍କା କରିଥିଲି। ତୁମେ ସବୁ ମୋ କଥାକୁ ହସରେ ଉଡ଼େଇ ଦେଇଥିଲ। ଆଜି ଲାଜୋ ଗ୍ରେଜୁଏଟ୍ ହେଇ ଏମ୍.ଏସ୍‌ସି. ପଢ଼ିଲାଣି। ତା ମୁଣ୍ଡକୁ ହାତ ପାଇଲାଣି। ସେ

Digitized by srujanika@gmail.com

କାହିଁକି ଆମ କଥା ମାନିବ? ମୁଁ କିନ୍ତୁ କହି ରଖୁଛି ଯେ ବନୁ ଯଦି ମୋ ଭଉଣୀକୁ ବାହା ହେବାକୁ ଚେଷ୍ଟା କରେ, ମୁଁ ତାକୁ ଖତମ୍ କରି ଦେବି।"

ପୁଅର ଧମକ୍ ଶୁଣି ପ୍ରେମକୁମାରୀ ଦେବୀ ଡ଼ରି ଗଲେ। ଲାଜବନ୍ତୀ କିନ୍ତୁ ନିଜ ନିଷ୍ପତ୍ତିରେ ଅଟଳ ରହିଲା। ତାର ବାପା ଓ ଭାଇ ଘରୁ ତଡ଼ି ଦେବାର ଧମକ ମଧ୍ୟ ଦେଲେ କିନ୍ତୁ ସେ ତାହା ଖାତିରି କଲା ନାହିଁ।

ଇତ୍ୟବସରେ ୟୁନିଅନ୍ ଟେରିଟରିର ପୋଲିଶ ଅଫିସର୍ ଭାବରେ ଟ୍ରେନିଂ ପାଇବା ପାଇଁ ରାଜୁ ଅନ୍ୟତ୍ର ଚାଲିଗଲା।

ସିଭିଲ୍ ସର୍ଭିସେସ୍ ଲିଖିତ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇ ମୌଖିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ସକାଶେ ସେ ସମୟରେ ବନବିହାରୀ କିଛି ଦିନ ଛୁଟି ନେଇ ରହୁଥିଲେ ଦିଲ୍ଲୀରେ। ପ୍ରାୟ ଦୀର୍ଘ ଚାରି ବର୍ଷପରେ ତାର ଲାଜବନ୍ତୀ ସହିତ ଦେଖାହେଲା ଜବାହାର ଲାଲ ନେହେରୁ ପାର୍କରେ।

ଉଭୟଙ୍କ ଶରୀରରେ ଗୋଟିଏ ଶିହରଣ ଖେଳିଗଲା। ଅନେକ କଥା ହେବା ପରେ ସେମାନେ ସ୍ଥିର କଲେ ଦିଲ୍ଲୀରେ ମେରେଜ୍ ରେଜିଷ୍ଟ୍ରାରଙ୍କ କୋର୍ଟରେ ସିଭିଲ୍ ମେରେଜ୍ କରିବା ପାଇଁ। ସେମାନଙ୍କର ବନ୍ଧୁମାନେ ସାକ୍ଷୀ ପଡ଼ିଲେ।

ଦେଖୁଁ ଦେଖୁଁ ମାସେ ବିତିଗଲା। ବନବିହାରୀ ର ମୌଖିକ ପରୀକ୍ଷା ସରିଲା ଏବଂ ସେମାନଙ୍କ ସିଭିଲ୍ ମେରେଜ୍ ବି।

ଦୀନଦୟାଲ ବାବୁ ସେ ଦିନ ଟୁର୍‌ରେ ଯାଇଥିଲେ ବାଙ୍ଗାଲୋର୍। ପ୍ରେମକୁମାରୀ ଦେବୀଙ୍କ ଆଶୀର୍ବାଦ ନେଇ ଲାଜବନ୍ତୀ ତାର ପ୍ରାଣ ପ୍ରିୟକୁ ପ୍ରଥମ ଥର ପାଇଁ ଆଲିଙ୍ଗନ ପାଶରେ ବାନ୍ଧିରଖିଲା ସେହି ମଧୁରାତ୍ରୀରେ।

ରାତି ବିତିଗଲା କିନ୍ତୁ ବନୁ ଆଉ ଲାଜୋ ଆଖିରେ ନିଦ ଆସିଲା ନାହିଁ। ଅନେକ ଦିନର ତୃଷିତ ଆତ୍ମା ଦିଓଟି ଅତି ନିବିଡ଼ଭାବରେ ଏକାଠି ହୋଇଗଲେ।

ସମସ୍ତ ଝଡ଼ ଝଞ୍ଜାକୁ ଭ୍ରୁକ୍ଷେପନକରି ବାପାଙ୍କ ଉଦ୍ଦେଶ୍ୟରେ ଖଣ୍ଡେ ଚିଠି ଲେଖି ଦେଇ ଲାଜବନ୍ତୀ ତାର ସ୍ୱାମୀ ସାଙ୍ଗରେ ବାହାରିଲା ଭୁବନେଶ୍ୱରକୁ।

ଦୀନଦୟାଲ ବାବୁ ବାଙ୍ଗାଲୋର୍‌ରୁ ଫେରି ଏକଥା ଶୁଣି ବିଚଳିତ ହୋଇ ପଡ଼ିଲେ। ପ୍ରେମକୁମାରୀ ଦେବୀଙ୍କୁ ଗୁଡ଼ାଏ ଗାଳି ଗୁଲଜ କଲେ ଆଉ ଝିଅ ଲାଜବନ୍ତୀ ସାଙ୍ଗରେ ସବୁ ସମ୍ପର୍କ ଛିନ୍ନ କରିବାର ନିଷ୍ପତ୍ତି ନେଲେ।

ପୋଲିଶ ଟ୍ରେନିଂରେ ଥାଇ ଏକଥା ଶୁଣିବା ପରେ ରାଜକୁମାର ରାଗରେ ପାଚିଗଲା। ବନବିହାରୀକୁ ସମୁଚିତ ଦଣ୍ଡ ଦେବ ବୋଲି ମନେ ମନେ ଦୃଢ଼ ପ୍ରତିଜ୍ଞ ହେଲା।

ସମୟହିଁ ସବୁଠୁ ବଳବାନ୍।

ଦେଖୁଁ ଦେଖୁଁ ଛଅବର୍ଷ ବିତିଗଲା। ଦୀନଦୟାଲ ବାବୁ ଆଉ ରାଜକୁମାର ବନବିହାରୀ ଓ ଲାଜବନ୍ତୀର ଖବର ସୁଦ୍ଧା ନେଲେ ନାହିଁ। ସେମାନେ ଭାବିଲେ ସତେ ଯେମିତି ଲାଜବନ୍ତୀ ମରି ଯାଇଛି।

Digitized by srujanika@gmail.com

ପ୍ରେମକୁମାରୀ ଦେବୀ କିନ୍ତୁ ମନେ ମନେ ଝୁରି ହେଲେ କିନ୍ତୁ ତାଙ୍କୁ କିଏ ବା ପଚାରେ ?

ଦିନଦୟାଲ୍ ବାବୁ ଏ ଭିତରେ ଅବସର ଗ୍ରହଣ କରି ସାରିଥିଲେ। ଡ଼ି.ଏସ୍.ପି ଭାବରେ ଗ୍ରାମକୁମାରର ପୋଷ୍ଟିଂ ହୋଇଥିଲା ପଣ୍ଡିଚେରୀକୁ। ବାପା - ମା ତା ପାଖରେ ଥିଲେ ପଣ୍ଡିଚେରୀରେ।

ଦିନେ ହଠାତ୍ ପଣ୍ଡିଚେରୀର ଏସ୍.ପି. ଅମରେଶ ପଟ୍ଟନାୟକ ମାଡ୍ରାଜରୁ ପ୍ରେମକୁମାର ପାଖକୁ ଟେଲିଫୋନ୍ କଲେ ଯେ ଆସନ୍ତା କାଲି ରାତି ଆଠଟାରେ କାର୍ ଯୋଗେ ମାଡ୍ରାସ୍ ସାଉଥ୍ର ଏସିଷ୍ଟେଣ୍ଟ ପୋଲିଶ କମିଶନର୍ ସପରିବାର ତାଙ୍କ ସାଙ୍ଗରେ ପହଞ୍ଚୁଛନ୍ତି ପଣ୍ଡିଚେରୀ। ସେମାନେ ପ୍ରେମକୁମାରର ଘର ବାଟ ଦେଇ ଏସ୍.ପି.ଙ୍କ ବଙ୍ଗଳାକୁ ଯିବାର ସ୍ଥିର ହୋଇଥିଲା ଏବଂ ତାକୁ ସାଙ୍ଗରେ ଯିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଥିଲା।

ରାତି ଆଠଟାରେ ତା ଘର ବାଟ ଦେଇ ମାଡ୍ରାସ୍ ସାଉଥ୍ର ଏସିଷ୍ଟେଣ୍ଟ କମିଶନର ସପରିବାର ପଣ୍ଡିଚେରୀରେ ଏସ୍.ପି.ଙ୍କ ସାଙ୍ଗରେ ଯିବା କଥା ପ୍ରେମକୁମାରକୁ ପ୍ରହେଳିକା ପରିଚ୍ଛଣା ପଡ଼ିଲା। ହେଲେ ବଡ଼ ହାକିମଙ୍କ ଅର୍ଡ଼ର। ଅନ୍ୟଥା କରିବାର ଯୁ ନାହିଁ ପ୍ରେମକୁମାରର।

ବର୍ଷା ଝିପି ଝିପି ହେଉଥିଲା। ଠିକ୍ ଆଠଟା ବେଳେ ଏସ୍.ପି.ଙ୍କ ଗାଡ଼ି ପହଞ୍ଚିଲା ଡ଼ି.ଏସ୍.ପି ବଙ୍ଗଳାର ପର୍ଟିକୋରେ।

ବଡ଼ ହାକିମଙ୍କ ଉଦ୍ଦେଶ୍ୟରେ ପ୍ରେମ୍‌କୁମାର ସେଲ୍ୟୁଟ୍ ମାରିଲା। ଧାଇଁ ଯାଇ ପ୍ରେକକୁମାର ପଛ ସିଟ୍‌ର କବାଟ ଖୋଲି ଦେଲା।

ଗାଡ଼ିରୁ ଧୀରେ ଧୀରେ ଓହ୍ଲାଇ ଆସିଲା ଲାଜବନ୍ତୀ। ତା ପରେ ତାର ପାଞ୍ଚବର୍ଷର ଝିଅ ବିଙ୍କି। ଆଉ ତାପରେ ଓହ୍ଲାଇଲେ ମାଡ୍ରାଜ ସାଉଥ୍ର ଏସିଷ୍ଟେଣ୍ଟ କମିଶନର୍। ସେମାନଙ୍କ ପରେ ପରେ ଆଗ ସିଟ୍‌ରୁ ଓହ୍ଲାଇଲେ ପଣ୍ଡିଚେରୀର ଏସ୍.ପି. ଅମରେଶ ପଟ୍ଟନାୟକ।

ପ୍ରେମକୁମାର ବିସ୍ମିତ ହୋଇ ଅନେଇ ରହିଲା ସେମାନଙ୍କୁ। ଦିନେ ଯାହାକୁ ଶାଳା ବୁନ୍ଧୁ ବୋଲି ସମ୍ବୋଧନ କରୁଥିଲା ତାର ଯେ ପ୍ରକୃତରେ ସେ ନିଜେ ଶାଳାବୁନ୍ଧୁ ପାଲଟି ଯିବ ତାହା ସେ କଳ୍ପନା କରି ନ ଥିଲା।

ପ୍ରେମକୁମାର ରାଗିବ କି ଖୁସୀହେବ, କାନ୍ଦିବ କି ହସିବ ହଠାତ୍ ଠିକ୍ କରି ପାରିଲା ନାହିଁ।

ପୋଲିଶ ଅନୁଶାସନର ବଶବର୍ତ୍ତୀ ହୋଇ ଆପେ ଆପେ ବଡ଼ ହାକିମ ଆଇ.ପି.ଏସ୍. ଅଫିସର୍ ବନବିହାରୀ ପଣ୍ଡାକୁ ସେ ସେଲ୍ୟୁଟ୍ ମାରିଲା।

ଭୀଷଣ ମାନସିକ ଯନ୍ତ୍ରଣାରେ ମନ ତାର କିନ୍ତୁ ଛଟପଟ ହେଉଥିଲା।

ବନବିହାରୀ ଦୌଡ଼ି ଆସି କୁଣ୍ଢେଇ ଧରିଲା ରାଜକୁମାରକୁ। ଆବେଗ ପୂର୍ଣ୍ଣ କଣ୍ଠରେ କହିଲା, "ଏ କଣ କରୁଛ ରାଜୁ ଭାଇନା। ଏଇଟା ଦପ୍ତର ନୁହେଁ କି ମୁଁ ତୁମର ବଡ଼ ହାକିମଭାବରେ ଆସି ନାହିଁ। ଆମେ ଆସିଛୁ ତୁମର ଅତିଥି ଭାବରେ— ଲାଜେ।

Digitized by srujanika@gmail.com

ମୁଁ ଆଉ ତୁମ ଭାଣେଜୀ ବିଙ୍କି । ଆମକୁ ଘରକୁ ପାଛୋଟି ନେବନି ?''

ରାଜକୁମାରର ସମସ୍ତ ମାନସିକ ଯନ୍ତ୍ରଣା ସତେ ଯେମିତି ଉଭେଇଗଲା ବନ୍ଦୁର 'ରାଜୁ ଭାଇନା' ଡାକରେ । ଅତୀତର ସବୁ ତିକ୍ତତା ସତେ ଯେମିତି ବନ୍ଦୁର ଗାଢ଼ ଆଲିଙ୍ଗନରେ ଅମୃତ ପାଲଟିଗଲା ।

ରାଜକୁମାର ଛୋଟ ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ।

ବିଙ୍କି ଦୌଡ଼ି ଆସି ରାଜକୁମାରକୁ କୁଣ୍ଢେଇ ଧରି କହିଲା, ''ରାଜୁ ମାମା, ମାଁ କହୁଥିଲେ ତୁମେ ହେଉଛ ଜଙ୍ଗଲର୍ ଶେର୍, ଶେର୍ ମାନେ କଣ କାନ୍ଦନ୍ତି ?''

ବାରଣ୍ଡାରେ ଠିଆ ହୋଇ ଦୀନଦୟାଲ ବାବୁ ଓ ପ୍ରେମକୁମାରୀ ଦେବୀ ଏ ଦୃଶ୍ୟ ଉପଭୋଗ କରୁଥିଲେ ।

ଏ ଡ୍ରାମର କାରପଦୋର୍ ପଣ୍ଡିଚେରୀର ଏସ୍. ପି. ଅମରେଶ ପଟ୍ଟନାୟକ ଟା ଟା କରି ଗାଡ଼ି ଭୁଁ କରି ନେଇଗଲେ ଦୂରକୁ ।

*

Digitized by srujanika@gmail.com

ଅପରାଧୀ କିଏ ?

ହରିଜନ ବସ୍ତି ପାଖରେ ଇଦ୍‌ଗା ପଡ଼ିଆ। ତା ନିକଟରେ ଗୋଟିଏ ବଡ଼ ମସ୍‌ଜିଦ୍। ମସଜିଦ୍ ପାଖରେ ମୁସଲମାନ ବସ୍ତି। ସେହି ଅଞ୍ଚଳ ମହନ୍ନଦପୁର ସହରର ଅଂଶ ବିଶେଷ।

ଭାରତ ବିଭାଜନ ପରେ ମହମ୍ମଦପୁରର ଅନେକ ଗଣ୍ୟମାନ୍ୟ ମୁସଲମାନ ପାକିସ୍ତାନ ପଳାଇ ଯାଇଥିଲେ କିନ୍ତୁ ଭାରତର ମୁସଲମାନେ ପାକିସ୍ତାନ ଠାରୁ ବି ଭଲରେ ରହିବା ଖବର ପାଇ ଆଠଦଶ ବର୍ଷପରେ ପୁଣି ଫେରି ଆସିଥିଲେ ଭାରତକୁ। ଭାରତରେ ନିଜର ପୂର୍ବତନ ସମ୍ପତ୍ତି ଉପରେ ମାଲିକାନା ଜାହିର କରିବା କିଛି କଷ୍ଟକର ହୋଇ ନଥିଲା ସେମାଙ୍କ ପାଇଁ, ଯଦିଓ ହିନ୍ଦୁ ଓ ଶିଖମାନେ ପାକିସ୍ତାନରେ ଛାଡ଼ି ଆସିଥିବା ସମ୍ପତ୍ତି ଚୋର - ଡ଼ାକୁଙ୍କ ହାତରେ ପଡ଼ି ରହିଥିଲା।

ସେ ସହରର ପ୍ରାୟ ଅଧାଅଧି ମୁସଲମାନ। ଭାରତ ବିଭାଜନର ପ୍ରାୟ ପନ୍ଦର ବର୍ଷ ପର୍ଯ୍ୟନ୍ତ ସେମାନେ ହିନ୍ଦୁ ଆଉ ଶିଖ ଭାଇମାନଙ୍କ ସହିତ ସଦ୍‌ଭାବ ରଖି ବସବାସ କରୁଥିଲେ।

ହିନ୍ଦୁ ଓ ଶିଖମାନେ ମୁସଲମାନ ଭାଇମାନଙ୍କ ସଙ୍ଗେ ମିଶି ତାଜିଆ ଶୋଭାଯାତ୍ରାରେ ଅଂଶ ଗ୍ରହଣ କରୁଥିଲେ ଓ ମୁସଲମାନମାନେ ହିନ୍ଦୁ - ଶିଖ ଭାଇମାନଙ୍କ ସହିତ ଭଜନ - କୀର୍ତ୍ତନରେ ଅଂଶ ଗ୍ରହଣ କରୁଥିଲେ।

ସତେ ଯେମିତି ମହାତ୍ମା ଗାନ୍ଧିଙ୍କ ରାମରାଜ୍ୟ ପ୍ରତିଷ୍ଠିତ ହୋଇଥିଲା।

୧୯୬୫ ର ପାକିସ୍ତାନ ଆକ୍ରମଣ ପରେ ପରିସ୍ଥିତି ଟିକିଏ ବଦଳି ଗଲା। ଭାରତର ମୁସଲମାନ ମାନଙ୍କର ସହଯୋଗ ପାଇବା ଆଶାରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରି ହତାଶ ହୋଇଥିଲା ସତ, କିନ୍ତୁ ଏହି ଆକ୍ରମଣ ପରେ ଭାରତର ମୁସଲମାନେ ନିଜର ଦାବୀକୁ ଅତି ଉତ୍କଟ ଭାବରେ ପ୍ରକାଶ କରିବାର ସୁଯୋଗ ପାଇଲେ।

ହାବିଲ୍‌ଦାର ଅବଦୁଲ୍ ହମିଦ୍ ଶହୀଦ୍ ପାଲଟି ଭାରତର ଶ୍ରେଷ୍ଠ ମିଲିଟାରୀ ସମ୍ମାନ ପରମବୀର ଚକ୍ରର ଅଧିକାରୀ ହୋଇଥିଲେ। ତାଙ୍କ ଦେଶପ୍ରେମର ଉଦାହରଣ ଦେଇ ଆଜେ ବାଜେ ଦେଶ ଦ୍ରୋହୀମାନେ ମଧ କହି ବସିଲେ ସେମାନଙ୍କର ଦେଶପ୍ରୀତି ବିଷୟରେ।

ଦେଶର ଶାସକ ଗୋଷ୍ଠୀ ଯେ ଭୋଟ୍ ପାଇଁ ସେମାନଙ୍କ ଉପରେ ନିର୍ଭର କରୁଛି ଏ ବିଷୟରେ ସେମାନେ ସଚେତନ ହେଲେ ୧୯୬୭ ର ନିର୍ବାଚନରେ। ସେମାନେ ଯେ ଶାସନର ମଙ୍ଗ ଏପଟ ସେପଟ କରି ପାରିବେ ତାହା ପ୍ରମାଣିତ ହେଲା ସେହି ନିର୍ବାଚନ ପରେ ଯେତେବେଳେ ଅନେକ ପ୍ରଦେଶରେ ବିରୋଧୀ ଦଳ ସରକାର ଗଠନ କଲା।

ତାପରେ ଚାଲିଲା ବିଧିବଦ୍ଧ ଭାବରେ ସଂଖ୍ୟାଲଘୁ ମାନଙ୍କୁ ତୋଷଣ ନୀତି ଆଉ ତାସଙ୍ଗେ ସଙ୍ଗେ ଚାଲିଲା ସେମାନଙ୍କ ମଧରେ ଥିବା କଟ୍ଟରପନ୍ଥୀ ମାନଙ୍କ ରାଜନୈତିକ ଜୁଆଖେଳ।

Digitized by srujanika@gmail.com

ସେତେବେଳେ ପୁଣି ମଧ୍ୟ ପ୍ରାଚ୍ୟର ଧନୀରାଷ୍ଟ୍ରମାନଙ୍କର ପେଟ୍ରୋଡ଼ୋଲାର୍‌ର ପ୍ରଭାବ ବି ପଡ଼ିଲା ଆମଦେଶ ଉପରେ। ଭାରତୀୟ ମୁସଲମାନମାନେ ମଧ୍ୟପ୍ରାଚ୍ୟର ମୁସଲମାନ ରାଷ୍ଟ୍ର ମାନଙ୍କଠାରେ ଚାକିରୀ କରି ଅଜସ୍ର ଟଙ୍କା ଅର୍ଜନ କରିବାର ସୁଯୋଗ ପାଇଲେ। ସେଇ ପଇସାର ସୁଅ ଛୁଟିଲା ସେମାନଙ୍କୁ ଉଦ୍‌ଭ୍ରାନ୍ତ କରିବା ପାଇଁ।

ଗୋଟିଏ ଶୁକ୍ରବାର ଦିନ ମହମ୍ମଦପୁରର ପୂର୍ବ ବର୍ଣ୍ଣିତ ମସଜିଦ୍‌ରେ ମୁସଲମାନମାନେ ଆରାଧନରତ ଥିବାବେଳେ ନିକଟସ୍ଥ ହରିଜନ ବସ୍ତିର ଗୋଟିଏ ନିରୀହ ଘୁଷୁରୀ ଦୈବାତ୍ ମସଜିଦ୍ ପରିସରକୁ ପ୍ରବେଶ କଲା। ସେଇଠୁ ଆରମ୍ଭ ହେଲା ବିସ୍ଫୋରଣ।

ସରକାର ମସଜିଦ୍ ଭିତ୍‌ରେ ଘୁଷୁରୀ ପ୍ରବେଶକୁ ପ୍ରତିରୋଧ କରିବାରେ ବ୍ୟର୍ଥ ହୋଇଛି ବୋଲି ଅଭିଯୋଗ କରି କଠୋରପନ୍ଥୀମାନେ 'ଜେହାଦ୍'ର ଆହ୍ୱାନ ଦେଲେ। ଶ୍ରୀମନ୍ଦିରରେ କୁକୁର ପଶୁ କି ଜୁମ୍ମାମସଜିଦ୍‌ରେ ଘୁଷୁରୀ ପଶୁ ତା' ପାଇଁ ପୋଲିଶ କେମିତି ଦାୟୀ ସେହି କଠୋରପନ୍ଥୀ ମାନେହିଁ କହି ପାରିବେ! କିନ୍ତୁ ପରିଣାମ ଅତି ସାଂଘାତିକ ହେଲା।

ଛୁରୀ ବର୍ଚ୍ଛା ଫାର୍ଶା ଆଉ ନଳୀବନ୍ଧୁକ ଇତ୍ୟାଦି ମାରଣାସ୍ତ୍ର ଧରି ଉପାସନା ପରିତ୍ୟାଗ ପୂର୍ବକ ସେମାନେ ବାହାରିଲେ ହରିଜନ ବସ୍ତି ଉପରେ ଆକ୍ରମଣ କରିବା ପାଇଁ। ସର୍ବ ପ୍ରଥମ ଲକ୍ଷ୍ୟ ହେଲା ହରିଜନ ବସ୍ତିର ପୁଲିଶ ଇନ୍‌ସପେକ୍ଟର ସେବକ ରାମ। ଛେଳି ମୁଣ୍ଡକୁ କଂଶାଇ କାଟିଲା ଭଳିଆ ତାର ମୁଣ୍ଡ ଗଣ୍ଡି କ୍ଷଣକରେ ଦି ଗଡ଼ ହୋଇଗଲା। ତାପରେ ପିଲାପିଲି ନାରୀପୁରୁଷ ସମସ୍ତଙ୍କ ଉପରେ ଚାଲିଲା ଅତ୍ୟାଚାର। କେତେକ କଠୋରପନ୍ଥୀ 'ପାକିସ୍ତାନ ଜିନ୍ଦାବାଦ, ହିନ୍ଦୁସ୍ଥାନ ମୁର୍ଦ୍ଦାବାଦ' ଧ୍ୱନି ଦେଇ ବସ୍ତିରେ ନିଆଁ ଲଗେଇ ଦେଲେ।

ସାଙ୍ଗେ ସାଙ୍ଗେ ପୋଲିଶ ହେଡ୍‌କ୍ୱାର୍ଟର୍ସକୁ ଖବର ଗଲା। ସ୍ଥାନୀୟ ପୋଲିଶ ଉତ୍ତେଜିତ ଜନତାର ମୁକାବିଲା କରି ପାରିଲେ ନାହିଁ। ସେମାନଙ୍କ ମଧ୍ୟରୁ ଜଣେ ଦି ଜଣ ମୃତ୍ୟୁ ବରଣ କଲେ ଆଉ ଅନେକ ଆହତ ହେଲେ। କିଛି ପୋଲିଶକୁ ପଣବନ୍ଦୀ କରି ସେମାନେ ନେଇଗଲେ। ଚାରିଆଡ଼େ ଆତଙ୍କ ଖେଳିଗଲା। ସେମାନଙ୍କ ହାତରେ ଏତେ ମାରଣାସ୍ତ୍ର କେମିତି ରହିଲା ତାହା ସମସ୍ତଙ୍କୁ ବିସ୍ମିତ କଲା।

ଏହି ଆକ୍ରମଣରେ ଅନେକଙ୍କ ମଧ୍ୟରେ ଶହୀଦ ପାଲଟିଲେ ଦୁଇଟି ନିରୀହ ତରୁଣ ତରୁଣୀ ଚନ୍ଦ୍ର ପ୍ରକାଶ ଓ ଫାତିମା। ଫାତିମା ଥିଲା ମୁସଲମାନ ବସ୍ତିର ସୁନ୍ଦରୀ ତରୁଣୀ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର ହରିଜନ ବସ୍ତିର ଚନ୍ଦ୍ରପ୍ରକାଶ ସହିତ ପ୍ରଣୟ ସୂତ୍ରରେ ଆବଦ୍ଧ ହୋଇ ସେ ନିଜ ସମାଜରେ ପାଉଥିଲା ଅଶେଷ ଲାଞ୍ଛନା। ମହମ୍ମଦପୁରର ମସ୍‌ଜିଦ୍‌ର ଇମାମ୍‌ଙ୍କ ପୁଅ ଇବ୍ରାହିମ୍‌କୁ ନାପସନ୍ଦ କରି ହରିଜନ ଯୁବକ ଚନ୍ଦ୍ରପ୍ରକାଶ ପ୍ରତି ଆକର୍ଷିତ ହୋଇଥିବାରୁ ସେ ଅନେକ ଅପମାନିତ ମଧ୍ୟ ହୋଇଥିଲା।

"ଶାଲା ହରିଜନ କା ବେଟା କୋ ତୁମ୍ ମୋହବତ କର୍‌ତି ହୋ ? ତୁମ୍‌ହେ ସରମ୍ ନହିଁ ? ମୈ ଉସ୍‌କୋ ଜିନ୍ଦା ଖା ଲୁଂଗା।" ଅତି ଦର୍ପରେ କହୁଥିଲା ଇବ୍ରାହିମ୍।

Digitized by srujanika@gmail.com

ସେହି ଅଶୁଭଦିନ ଦେିବାତ ଚନ୍ଦ୍ରପ୍ରକାଶ ପହଞ୍ଚିଥିଲା ନିଜ ଘରେ। ହୃଦୟରେ ଅନେକ ଆଶା ସଞ୍ଚି ଫାତିମା ପହଞ୍ଚିଥିଲା ତାର ପ୍ରିୟତମ ପାଖରେ। ବାହାରେ କଣ ସବୁ ଘଟୁଛି ଜଣା ନଥିଲା ସେହି ନିରୀହ ପ୍ରେମିକ-ପ୍ରେମିକାଙ୍କୁ। ରାଧା କୃଷ୍ଣଙ୍କ ପ୍ରତିମୂର୍ତ୍ତି ସାମନାରେ ପ୍ରଣୟର ଉଲ୍ଲାସରେ ଭାସି ଯାଉଥିଲେ ସେମାନେ।

ହଠାତ୍ ସିଂହନାଦ କରି ପ୍ରବେଶ କଲା ଇବ୍ରାହିମ୍। ହାତରେ ତାର ଫାର୍ଶା। ଡେଇଁ ପଡ଼ିଲା ଚନ୍ଦ୍ରପ୍ରକାଶ ଉପରେ। "ଶାଲା, ସୁଅର୍ କା ବଚ୍ଚା ! ଦେଖ ଲୋ ତେରେ ପ୍ୟାର୍‌କି ନତିଜା।" ଫାର୍ଶା ଚୋଟ ପଡ଼ିଲା ଚନ୍ଦ୍ରପ୍ରକାଶ ଉପରେ। ତା ସାମନାକୁ ଆସି ପ୍ରଥମେ ଫାତିମା ଗଲି ପଡ଼ିଲା ଫାର୍ଶା ଚୋଟରେ। ତାପରେ ଚନ୍ଦ୍ରପ୍ରକାଶର ମୁଣ୍ଡ ଗଣ୍ଡି ଦି ଗଡ଼ ହୋଇଗଲା।

ରକ୍ତରେ ପିଚ୍ ପିଚ୍ ହୋଇଗଲା ସେ ଯାଗା ଯେଉଁଠି ପ୍ରେମର ଗଙ୍ଗା ବହୁଥିଲା ମାତ୍ର କେଇ କ୍ଷଣ ପୂର୍ବରୁ।

"ଆଲ୍ଲା ହୋଇ ଆକବର। ପାକିସ୍ତାନ ଜିନ୍ଦାବାଦ" ଧ୍ୱନି ଦେଇ ଏକ ବିକଟାଳ ହସ ହସୁଥିଲା ଇବ୍ରାହିମ୍।

ଦେଖୁଁ ଦେଖୁଁ ଚାରିଆଡ଼େ ବ୍ୟାପି ଗଲା ସାମ୍ପ୍ରଦାୟିକ ଦଙ୍ଗା।

ବେତାର ଯୋଗେ ମିଲିଟେରୀ ପୋଲିଶକୁ ଡ଼ କା ଗଲା।

ମିଲିଟେରୀ ଟ୍ରକ୍‌ର ସୁଅ ଛୁଟିଲା ମହମ୍ମଦପୁରକୁ। ପୋଲିଶ୍-ହତ୍ୟାକାରୀ ସେହି ଗୁଣ୍ଡା ମାନଙ୍କୁ ଠିକଣା ଜବାବ୍ ଦେବା ପାଇଁ ମିଲିଟେରୀ ପୋଲିଶ ପ୍ରତିଜ୍ଞା ବଦ୍ଧ ହୋଇ ଆଗେଇ ଗଲେ।

ଗୁଣ୍ଡାମାନଙ୍କ ଆକ୍ରମଣରେ ଚାଳିଶ ପଚାଶ ନିରୀହ ବ୍ୟକ୍ତି ମରିଥିଲେ ସିନା, ପୁଲିସର ପ୍ରତି ଆକ୍ରମଣରେ ଦୋଷୀ ନିର୍ଦ୍ଦୋଷ ଅନେକଙ୍କ ଶବ କୁଢ଼ କୁଢ଼ ହୋଇ ଗଦା ହୋଇଗଲା।

ଦଙ୍ଗା ବନ୍ଦ କରିବା ପାଇଁ କର୍ଫ୍ୟୁ ଜାରି ହେଲା। ପୋଲିସ ଘର ଘର ଖାନତଲାସ କରି ଗୁଣ୍ଡାମାନଙ୍କୁ ଠୁଳ କଲେ। ଇବ୍ରାହିମ୍‌କୁ ଖୋଜି ଖୋଜି ପୋଲିଶ ନୟାନ୍ତ ହୋଇଗଲା କିନ୍ତୁ ତାର ସନ୍ଧାନ ମିଳିଲା ନାହିଁ। ପ୍ରତିହିଂସା ବଶତଃ ବେୟନେଟ୍ ଚାର୍ଜକରି କେତେଜଣ ଗୁଣ୍ଡାକୁ ମାରି ଦିଆଗଲା।

ବି.ବି.ସି. ରେଡ଼ିଓ ଓ ଟେଲିଭିଜନ୍‌ରୁ ସାମ୍ପ୍ରଦାୟିକ ଦଙ୍ଗାକୁ ଅତିରଞ୍ଜିତ କରାଯାଇ ଘୋଷଣା କରାଗଲା। ପାକିସ୍ତାନ ଖବର କାଗଜ ମାନଙ୍କରେ ନିରୀହ ମୁସଲମାନ ମାନଙ୍କ ଉପରେ ହିନ୍ଦୁ ପୁଲିଶର ନିର୍ମମ ଅତ୍ୟାଚାର ଶୀରୋନାମାରେ ଖବର ବାହାରିଲା। ଆମ ଦେଶର ଖବର କାଗଜ ମାନଙ୍କରେ ମଧ୍ୟ ପୋଲିଶ ମାତ୍ରାଧିକ୍ୟ ବିଷୟରେ ବଡ଼ ବଡ଼ ଅକ୍ଷରରେ ବାହାରିଲା।

ହରିଜନ ବସ୍ତିର ନିରସ୍ତ୍ର ନାଗରିକଙ୍କ ଉପରେ ଆକ୍ରମଣ ବିଷୟ ସମସ୍ତେ ଭୁଲିଗଲେ। ଏମିତି ସବର୍ଣ୍ଣ-ଅସବର୍ଣ୍ଣ ସଂଘର୍ଷ ଘଟିଥିଲେ ସବର୍ଣ୍ଣମାନଙ୍କୁ କାଠଗଡ଼ାରେ ଠିଆ କରାଇ ବିଭିନ୍ନ ରାଜନୈତିକ ଦଳ ଆଉ ଖବର କାଗଜ ଅତୀତରେ ଅନେକ ରାଜନୈତିକ ଫାଇଦା

Digitized by srujanika@gmail.com

ଉଠେଇ ଥିଲେ। ଏବେ ହରିଜନ ବସ୍ତି ଉପରେ ସଂଖ୍ୟାଲଘୁମାନଙ୍କ ଆକ୍ରମଣ ବିଷୟରେ ସମସ୍ତେ ନୀରବ ରହିଲେ। ଓଲଟା ହରିଜନ ମାନେ ସଂଖ୍ୟାଗୁରୁ ସମ୍ପ୍ରଦାୟର ବୋଲି ରଙ୍ଗ ଦିଆଗଲା ଏବଂ ସେମାନେ ହେଲେ ସମାଲୋଚନାର ପାତ୍ର।

ମଧ୍ୟ ପ୍ରାଚ୍ୟର ମୁସଲମାନ ରାଜ୍ୟମାନଙ୍କରେ ମଧ୍ୟ ପୋଲିଶର ସଂଖ୍ୟାଲଘୁ ମାନଙ୍କ ଉପରେ ଜୁଲୁମ୍ ବିଷୟ ରାଜନୈତିକ ଝଡ଼ର ସୃଷ୍ଟି କଲା। କେହି କେହି ଆରବ ରାଷ୍ଟ୍ର ଭାରତ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କରିବାର ଧମକ ଦେଲେ। ଆଉ କେହି ବା ଭାରତକୁ ପେଟ୍ରୋଲ୍ ପଠାଇବା ବନ୍ଦ କରିବାର ଧମକ୍ ଦେଲା।

ଭାରତ ସରକାର ଅସ୍ତବ୍ୟସ୍ତ ହୋଇ ପଡ଼ିଲେ। ପ୍ରାଦେଶିକ ସରକାରକୁ ନିର୍ଦ୍ଦେଶ ଦେଲେ ପୁଲିଶ ଅଫିସରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରିବା ପାଇଁ। କେତେ ଜଣ ଅଫିସର ବଦଳି ହେଲେ ଆଉ କେତେଜଣଙ୍କୁ ସସ୍‌ପେଣ୍ଡ କରାଗଲା।

ଏ ଘଟଣାର ବିଚାର ବିଭାଗୀୟ ତଦନ୍ତ ବି ହେଲା।

ଧୀରେ ଧୀରେ ରାଜନୈତିକ ଝଡ଼ ଥମିବାକୁ ଲାଗିଲା। ମିଲିଟେରୀ ପୋଲିଶ୍‌ରେ ଅଧିକ ସଂଖ୍ୟକ ସଂଖ୍ୟାଲଘୁ ଲୋକଙ୍କୁ ସ୍ଥାନ ଦେବା ପାଇଁ କଟ୍ଟରପନ୍ଥୀମାନେ ଆଓ୍ୱାଜ୍ ଦେଲେ। ଅନେକ ତଥାକଥିତ ସେକ୍ୟୁଲର୍ ଦଳ ଏହି ଦାବୀକୁ ସମର୍ଥନ ବି କଲେ।

ସମସ୍ତେ ଭୁଲିଗଲେ ରୋଗର କାରଣ। ତଦନ୍ତ ହେଲା ମୁଖ୍ୟତଃ ପୋଲିଶ୍‌ର ମାତ୍ରାଧିକ ପାଇଁ। କେତେ ଜଣଙ୍କ ମୁଣ୍ଡରେ ଅଠାବୋଳି ଦେଇ ତଦନ୍ତ ରିପୋର୍ଟ ଛପା ଗଲା। ସଂଖ୍ୟାଲଘୁମାନଙ୍କୁ ରକ୍ଷା କରିବା ପାଇଁ ସରକାରକୁ ଉପଦେଶ ଦିଆଗଲା ଆଉ ପୋଲିଶ୍‌କୁ ଭର୍ତ୍ସନା କରାଗଲା ଏହି ରିପୋର୍ଟରେ।

ତଦନ୍ତ ରିପୋର୍ଟ ଉପରେ କିଛି କାର୍ଯ୍ୟାନୁଷ୍ଠାନ କରାଗଲା। କିଛି କରା ଗଲା ନାହିଁ ମଧ୍ୟ। କିନ୍ତୁ ଦଙ୍ଗାର ପ୍ରକୃତ କାରଣ ବିଷୟରେ କେହି ଚିନ୍ତା କଲେ ନି'। ସମସ୍ତେ ସବୁ ଜାଣି ବି ନ ଜାଣିଲା ଭଳିଆ ତୁନି ରହିଲେ।

ଦଙ୍ଗାର ପ୍ରବର୍ତ୍ତକ ମସ୍‌ଜିଦ୍‌ର ଇମାନ୍ ତାଙ୍କ ଜ୍ୱଳାମୁଖୀ ଭାଷଣ ଦେଇ ନିରୀହ ଉପାସନାକାରୀ ମାନଙ୍କ ମନରେ ଘୃଣାର ଉଦ୍ରେକ କରାଇ ହାଣକାଟର ବୀଜ ବପନ କରି ଭଦ୍ରଲୋକଙ୍କ ଭଳିଆ ମସ୍‌ଜିଦ୍ ଭିତରେ ଆଶ୍ରୟ ନେଇ ରହିଲେ। ନିରୀହ ଚନ୍ଦ୍ରପ୍ରକାଶ ଓ ଫାତିମାର ହତ୍ୟାକାରୀ ଇବ୍ରାହିମ୍ ବାପାଙ୍କ ବାହୁଛାୟା ତଳେ ମସ୍‌ଜିଦରେ ଲୁଚିକି ରହିଲା। ପୋଲିଶ ତାକୁ ଖୋଜୁଁ ଖୋଜୁଁ ଅନେକ ଅଜ୍ଞ ଦୋଷୀ ବା ନିର୍ଦ୍ଦୋଷଙ୍କୁ ସେହି ନରଯଜ୍ଞରେ ବଳି ଦେଇ ଦେଲା।

ସେହି ଅମାନୁଷିକ ହତ୍ୟାକାଣ୍ଡ ୧୯୪୭ ର ଲାହୋର କିମ୍ବା ସିଆଲ କୋଟ୍‌ର ହତ୍ୟାକାଣ୍ଡଠାରୁ କୌଣସି ଗୁଣରେ କମ୍ ଲୋମହର୍ଷଣକାରୀ ନ ଥିଲା। କେବଳ ୧୯୪୭ ରେ ନିରୀହ ଓ ନିର୍ଦ୍ଦୋଷ ସଂଖ୍ୟାଲଘୁ ମାନଙ୍କୁ ଗଣହତ୍ୟାକରାଯାଇଥିଲା ଏବଂ ଏଥର ବଳି ପଡ଼ିଥିଲେ ଅଧିକାଂଶ ଦଙ୍ଗାକାରୀ ଗୁଣ୍ଡା ଆଉ ତସ୍କର।

ସେହି ଘଟଣା ପରେ ଅନେକ ଦିନ ପର୍ଯ୍ୟନ୍ତ ସେ ଅଞ୍ଚଳରେ ଆଉ ଦଙ୍ଗା ଦେଖାଗଲା

Digitized by srujanika@gmail.com

ନାହିଁ। ଉପସାଗରୀୟ ଅର୍ଥର ବହୁଳ ଅପପ୍ରୟୋଗ ସତ୍ତ୍ୱେ, ଇମାମ୍‌ଙ୍କ ଅନେକ ଭାରତ ବିରୋଧୀ ଭାଷଣ ସତ୍ତ୍ୱେ ଦଙ୍ଗାକାରୀମାନଙ୍କ ଭଙ୍ଗାଅଣ୍ଡା ଆଉ ସଳଖି ପାରିଲା ନାହିଁ।

ଏହି ନାରକୀୟ ଘଟଣାର ମୁଖ୍ୟ ନାୟକଙ୍କୁ ସମସ୍ତେ ଜାଣି ମଧ୍ୟ ତୁନି ରହିଲେ। ପ୍ରଶାସନ ତୁନି ରହିଲା, ଲୋକେ ତୁନି ରହିଲେ - ସମସ୍ତେ ତୁନି ରହିଲେ।

ତଥାପି ଦେଶରେ ଧର୍ମନିରପେକ୍ଷ ଶାସନ ଧର୍ମକୁ ଆଖିଠାରି ଚାଲିରହିଲା।

ଲୋକେ ବେଳେ ବେଳେ ତଥାପି ପ୍ରଶ୍ନ କଲେ; ଅପରାଧୀ କିଏ ? ସେମାନେ, ଆମେ ନା ଦେଶର ପ୍ରଚଳିତ ଆଇନ୍ !

☆

Digitized by srujanika@gmail.com

ଏକାକାର

ହରିଜନ ବସ୍ତିର କିଛି ମାନେ ଅଛି କି? କିଏ ପ୍ରଭୁଙ୍କ ଜନ ନୁହେଁ?

ତଥାପି ଆମଦେଶର ପ୍ରାୟ ପ୍ରତ୍ୟେକ ବସତିରେ ହରିଜନ ବସ୍ତି ରହିଛି। ଦେଶର ସବୁ ଆଇନ ସତ୍ତ୍ୱେ ସବର୍ଣ୍ଣ ଓ ଅସବର୍ଣ୍ଣ ଭିତରେ ପାଚେରୀ ଠିଆ ହୋଇ ରହିଛି। ଏପରିକି ଧର୍ମାନ୍ତର ଗ୍ରହଣ କରି ଥିବା ମୁସଲମାନ ଓ ଖ୍ରୀଷ୍ଟିଆନ୍ ମାନେ ମଧ୍ୟ ଏହି ଦୁରାରୋଗରୁ ଅବ୍ୟାହତି ପାଇ ନାହାନ୍ତି— ବରଂ କେତେକ ସ୍ଥଳରେ ଉତ୍କଟ ରୂପ ଧାରଣ କରିଛି। ଏ ବିଷୟତ ସମସ୍ତେ ଜାଣନ୍ତି। ପ୍ରକାଶ୍ୟରେ ଚର୍ଚ୍ଚା ମଧ୍ୟ ଚାଲେ।

କିନ୍ତୁ ହରିଜନ— ହରିଜନ ଭିତରେ ଯେଉଁ ତିକ୍ତତା ବିଦ୍ୟମାନ ରହିଛି ତାହା ସମସ୍ତ ଜାଣି ମଧ୍ୟ ନୀରବ।

ଏହି ତିକ୍ତତାର ସରବ୍ୟ ହୁଏ ସୁରମା।

ଭଗବାନ ସେଠୀଙ୍କ ଝିଅ ସୁରମା ଭଲ ପଢ଼େ। ଦେଖିବାକୁ ବି ସୁନ୍ଦର। ସେମାନେ ରହନ୍ତି ସାଧାରଣ ବସ୍ତିରେ ଧୋବା ସାହିରେ।

ଦେବାନନ୍ଦ ମଲ୍ଲିକ ସୁରମାର ସହପାଠୀ। ସେ କ୍ଲାସରେ ଫାଷ୍ଟ ହୁଏ। ସେଥି ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା ସେ। ଲୋକେ ସିନା କହୁଥିଲେ ମଳିକ ପିଲା ବୋଲି କିନ୍ତୁ ଦେଖିବାକୁ ରାଜାପିଲା ପରି।

ସ୍କୁଲରୁ ଅତି ଉତ୍ତମ ଭାବରେ ପାଶ୍ କରି ସେମାନେ ପଢ଼ିଲେ କଲେଜରେ। କଲେଜରେ ସେମାନଙ୍କ ଆନ୍ତରିକତା ବୃଦ୍ଧି ପାଇଲା। ସିଧାସଳଖ ଭାଷାରେ ଉଭୟଙ୍କ ମଧ୍ୟରେ ପ୍ରଣୟର ଉଦ୍ରେକ ହେଲା। ଜଣେ ଅପରକୁ ନ ଦେଖିଲେ ବ୍ୟସ୍ତ ହେଲେ। ଏମିତି ଚାଲିଲା କିଛି ଦିନ।

ସୁରମା କଲେଜରେ ପାଦ ଦେଉଣୁ ନ ଦେଉଣୁ ଉପଯୁକ୍ତ ପାତ୍ର ଦେଖି ତାର ବିବାହ କରେଇ ଦେବା ପାଇଁ ଘରଲୋକେ ବ୍ୟସ୍ତ ହେଲେ। ସୁରମା କିନ୍ତୁ ଅମଙ୍ଗ ହେଲା। ଭଲପାଠ ପଢ଼ୁଛି ବୋଲି କେହି ତାକୁ ବାଧ୍ୟ କଲେ ନାହିଁ।

ସେମାନଙ୍କ ମଧ୍ୟରେ ଆନ୍ତରିକତା ବିଷୟରେ କଲେଜରେ ଚର୍ଚ୍ଚା ଚାଲିଲା। ସେମାନେ ଯେତେ ସଂଯତ ହେଲେବି ଗୁଜବ ହେଲା ସେଠୀ ଝିଅ ମଳିକ ପୁଅକୁ ଭଲ ପାଉଛି।

ସୁରମା ଘରର ଲୋକେ ଏ ଗୁଜବରେ ବିଚଳିତ ହୋଇ ପଡ଼ିଲେ। ସୁରମା ଉପରେ ପ୍ରଶ୍ନବାଣ ହେଲା। ସୁରମା କିନ୍ତୁ ଧୀର ସ୍ଥିର ଭାବରେ ସବୁ ପ୍ରଶ୍ନର ମୁକାବିଲା କଲା। ପରିସ୍ଥିତି ଏମିତି ଜଟିଳ ହୋଇ ପଡ଼ିଲା ଯେ ଗୋଟିଏ କ୍ଲାସରେ ପଢ଼ିଲେ ବି ଉଭୟେ ପ୍ରକାଶ୍ୟରେ କଥାବାର୍ତ୍ତା କରିବା ଦୁରୂହ ହୋଇ ପଡ଼ିଲା।

ସେମାନଙ୍କୁ ଦୂରେଇ ରଖିବା ପାଇଁ ସାମାଜିକ ଚାପ ଯେତେ ବଢ଼ିଲା, ସେମାନଙ୍କ ଭିତରେ ଘନିଷ୍ଠତା ସେତେ ବୃଦ୍ଧି ପାଇଲା। ବହି ପତ୍ର ଭିତରେ ଚିଠିର ଆଦାନ ପ୍ରଦାନ ନଚେତ୍ କେଉଁ ଏକ ଗୋପନ ସ୍ଥାନରେ ଦିଚାରି ପଦ କଥାବାର୍ତ୍ତା ସେମାନଙ୍କ ଚାପାପ୍ରଣୟକୁ ଅତ୍ୟନ୍ତ ସୁଖମୟ କରି ଦେଉଥିଲା।

Digitized by srujanika@gmail.com

ଏମିତି ମାନସିକ ଦ୍ୱନ୍ଦ ଭିତରେ ଖଣ୍ଡାଧାରରେ ଚାଲୁଥିଲେ ସୁରମା ଓ ଦେବାନନ୍ଦ। କଲେଜ ହେଉଛି ଶିକ୍ଷାମନ୍ଦିର। ଜାତିବର୍ଣ୍ଣ ଧର୍ମ ନିର୍ବିଶେଷରେ ସେଇଠି ମିଳାମିଶାର ସୁବିଧା ଥିଲା ସତ କିନ୍ତୁ ତଥାପି ଖୋଲା ଖୋଲି ଭାବରେ ଦୁଇଟି ନିରୀହ ପ୍ରେମିକ ସେଇଠି ମନ ଖୋଲି ଦିପଦ କଥା ଲାଗି ପାରୁନଥିଲେ। ସୁରମା ଶିକ୍ଷକ ମାନଙ୍କ ସହିତ ସ୍ୱାଧୀନ ଭାବରେ କଥାବାର୍ତ୍ତା କରୁଥିଲା। ଅନ୍ୟାନ୍ୟ ବନ୍ଧୁମାନଙ୍କ ସହିତ ବି ଖୋଲାମନରେ ଆଳାପ ଆଲୋଚନା କରିପାରୁଥିଲା କିନ୍ତୁ ଦେବାନନ୍ଦ ସହିତ କଥାବାର୍ତ୍ତା କଲାବେଳେ ସାମାଜିକ ଅନ୍ତରାୟ ଦେଖାଦେଉଥିଲା। ସେମାନଙ୍କ ପ୍ରଣୟ ସତେ ଯେମିତି ସେମାନଙ୍କ ମିଳାମିଶାରେ ବାଧା ସୃଷ୍ଟି କରୁଥିଲା।

ସେତେବେଳେ ସେମାନଙ୍କ ଉପର କ୍ଲାସରେ ପଢୁଥିବା ହଳଧର ସେଠାି ସୁରମାର ରୂପ ଓ ଗୁଣରେ ଆକୃଷ୍ଟ ହୋଇ ଜିନିଷକୁ ଆହୁରି ଜଟିଳ କରି ପକାଇଲା।

ହଳଧର ଥିଲା ବାବା ସାହେବ ଆମ୍ବେଦକର ଆଦିବାସୀ ଛାତ୍ରାବାସର ଜଣେ ଛାତ୍ର ନେତା। ପ୍ରକାଶ୍ୟରେ ସେ ଚିତ୍କାର କରୁଥିଲା ହଷ୍ଟେଲର ନାମରୁ ଆଦିବାସୀ ଶବ୍ଦକୁ ଉଠେଇ ଦେବା ପାଇଁ। ସରକାରୀ ସ୍ତରରେ ତା କଥା କେହି ନ ଶୁଣିଲେ ବି ସେ ତା କେତେ ଜଣ ସହଯୋଗୀଙ୍କ ସଙ୍ଗରେ ହଷ୍ଟେଲର ସାଇନ୍ ବୋର୍ଡ଼କୁ ଭାଙ୍ଗି ଦେଉଥିଲା। ସେହି ହଷ୍ଟେଲରେ ଯେହେତୁ ହରିଜନ ଓ ଆଦିବାସୀ ଉଭୟ ପିଲା ରହୁଥିଲେ ଆଦିବାସୀ ଶବ୍ଦଟା ତା ମରମକୁ ବାଧୁଥିଲା କିନ୍ତୁ ପ୍ରକାଶ୍ୟରେ ଯୁକ୍ତି କରୁଥିଲା ଯେ ଆଦିବାସୀ ଶବ୍ଦର ବ୍ୟବହାର ଯୋଗୁଁ ହଷ୍ଟେଲର ଅବମାନନା ହେଉଛି ଏବଂ ଅନ୍ତେବାସୀମାନଙ୍କୁ ଅପମାନିତ କରା ଯାଉଛି।

ନୂଆ ସରକାରୀ ନୀତି ଅନୁସାରେ ସେହି ହଷ୍ଟେଲରେ କିଛି ସାଧାରଣ ବର୍ଗ ର ଛାତ୍ର ମଧ ଅନ୍ତେବାସୀ ହେଲେ। ପ୍ରଥମେ ପ୍ରଥମେ ସାଧାରଣ ପିଲାଏ ଅମଙ୍ଗ ହେଲେ ମଧ ହଷ୍ଟେଲର ସୁବିଧା ସୁଯୋଗ ଦୃଷ୍ଟିରୁ ଅନେକେ ଖୁସୀ ମନରେ ସେହି ହଷ୍ଟେଲରେ ଏଡ଼ମିସନ୍ ନେଲେ। ହଳଧର ସେହି ପିଲାମାନଙ୍କ ସହିତ ମିଳାମିଶା କରିବାକୁ ପସନ୍ଦ କରୁଥିଲା। ପ୍ରକାଶ୍ୟରେ ନ କହିଲେ ବି ସେ ଆଦିବାସୀ ପିଲା କିମ୍ବା ହରିଜନ ସମ୍ପ୍ରଦାୟର ଅନ୍ୟାନ୍ୟ ଜାତିର ପିଲାଙ୍କ ସହିତ ମିଶିବାକୁ ମୋଟେ ପସନ୍ଦ କରୁ ନ ଥିଲା। କିନ୍ତୁ ନେତୃତ୍ୱ ବିଷୟ ପଡ଼ିଲେ ସେ ଆଦିବାସୀ ଓ ହରିଜନ ମାନଙ୍କ ଉପରେ ହେଉଥିବା ସାମାଜିକ ଅନ୍ୟାୟର ଉଦାହରଣ ଦେଇ ଲମ୍ବା ଲମ୍ବା ଲେକ୍ଚର୍ ମାରି ସମସ୍ତଙ୍କୁ ଏକଜୁଟ କରିବାରେ ସମର୍ଥ ହେଉଥିଲା।

ଦେବାନନ୍ଦକୁ ହଳଧର ମନେ ମନେ ଈର୍ଷା କରୁଥିଲା, ଘୃଣା ମଧ। କେବଳ ଦେବାନନ୍ଦ ନୁହେଁ, ପୁରା ମଳିକ ସମ୍ପ୍ରଦାୟ ଥିଲେ ହଳଧରର ଶତ୍ରୁ। ସାମାଜିକ ନ୍ୟାୟ ପାଇ ସେମାନେ ଉନ୍ନତିର ପାହାଚ ଉପରେ ପାହାଚ ଚଢ଼ିବାଟା ତାର ଶତ୍ରୁତାର ମୂଳ କାରଣ। ଅନୁସୂଚିତ ଜାତିର ସବୁ ସୁବିଧା ସୁଯୋଗ ସେମାନଙ୍କୁ ହିଁ ମିଳୁ, ଏହା ଥିଲା ତାର ଭିତରି ଉଦ୍ଦେଶ୍ୟ।

Digitized by srujanika@gmail.com

ସୁରମା ସହିତ ଦେବାନନ୍ଦର ଚାପାପ୍ରଣୟ ପ୍ରତି ଅନ୍ୟମାନେ ସିନା ବିଶେଷ ସଜାଗ ନ ଥିଲେ, କିନ୍ତୁ ହଳଧରର ଚତୁର ଆଖିରୁ ତାହା ବର୍ତ୍ତି ପାରୁନଥିଲା। ତେଣୁ ସୁରମା ଓ ଦେବାନନ୍ଦକୁ ବହୁତ ସତର୍କ ରହିବାକୁ ପଡୁଥିଲା।

ଭଗବାନ ସେଠୀଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା। ଏକ ନାମଜାଦା ଲଣ୍ଡ୍ରିର ମାଲିକ ସେ। ହଳଧର ଆସିଥିଲା ନିପଟ ମଫସଲି ପୃଷ୍ଠ ଭୂମିରୁ। ସୁରମାକୁ ବିବାହ କରି ସେ ତାର ସାମାଜିକ ପ୍ରତିଷ୍ଠା ବଢ଼େଇବାକୁ ଚାହୁଁଥିଲା। ସେ ଦିଗରେ ଦେବାନନ୍ଦର ଉପସ୍ଥିତି ଅନ୍ତରାୟ ହେଉଥିବାରୁ ଦେବାନନ୍ଦ ବିରୁଦ୍ଧରେ ଅପପ୍ରଚାର ତାର ନିତି ଦିନିଆ କାମ ହୋଇରହିଲା।

ଦେବାନନ୍ଦରର ପିତା ରାମଚନ୍ଦ୍ର ମଲ୍ଲିକ ଜଣେ ଡେପୁଟି କଲେକ୍ଟର। ସଂରକ୍ଷଣ କୋଟାର ସଦ୍‌ବ୍ୟବହାର କରି ସେ ସମାଜରେ ଜଣେ ପ୍ରତିଷ୍ଠିତ ନାଗରିକ। ବେଶ୍ ଉଚ୍ଚ ମନୋଭାବ ତାଙ୍କର। ସେମିତି ଜାତି ପଂକ୍ତିରେ ସେ ବିଶେଷ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ହେଲେ ସେଠୀ ଘର ଝିଅକୁ ବୋହୂ କରି ଆଣିବା ପାଇଁ ସେ ବିଶେଷ ଆଗ୍ରହୀ ନୁହନ୍ତି। ପୁଅ ତାଙ୍କର ରଜାପିଲା ପରି। ପାଠ ଭଲ ପଢୁଛି। ସଂରକ୍ଷଣ କୋଟାରେ ତା ପାଇଁ ବଡ଼ ଚାକିରି ଥୁଆ। ତେଣୁ ମିଶ୍ର ଦାଶ ରାଉତ କି ପଟ୍ଟନାୟକ ଘରୁ ଗୋଟିଏ ବୋହୂ ଆଣିବା ତାଙ୍କର ଆନ୍ତରିକ ଇଚ୍ଛା। ପୁଅ ଭଲ ପାଇ କି ଶେଷରେ ଗୋଟିଏ ଧୋବାଝିଅକୁ ଭଲ ପାଇଲା ବୋଲି ମନରେ ତାଙ୍କର ବଡ଼ କ୍ଷୋଭ।

ଅନ୍ୟ ଆଦିବାସୀ ବା ହରିଜନଙ୍କ ଭଳିଆ ପଛୁଆ ଓ ଅପାଠୁଆ ହୋଇ ନ ଥିଲେ ବି ସୁରମା ଆଉ ଦେବାନନ୍ଦ ଭିତରେ ମିଳନରେ ବାଧା ସୃଷ୍ଟି କରୁଥିଲେ ସେମାନଙ୍କ ଭିତରେ ଗଢ଼ି ଉଠିଥିବା ଯୁଗଯୁଗର ପରମ୍ପରା। ମହାତ୍ମା ଗାନ୍ଧୀଙ୍କ ବାହୁଛାୟା ତଳେ ସମସ୍ତେ ହରିଜନ ହୋଇ ଥିଲେ ମଧ ଗୋଟିଏ ସମ୍ପ୍ରଦାୟ ଠାରୁ ଆଉ ଗୋଟିଏ ସମ୍ପ୍ରଦାୟର ଦୂରତ୍ୱ ଏତେ ବେଶି ଯେ ତାହା ଥିଲା କଳ୍ପନାତୀତ। ମହାତ୍ମାଗାନ୍ଧି ଆଉ ମହାନୁଭବ ଆମ୍ବେଦକର ସେମାନଙ୍କୁ ଗୋଟିଏ ରାଜନୈତିକ ଡୋରୀରେ ବାନ୍ଧିବାକୁ ସମର୍ଥ ହୋଇଥିଲେ ସତ କିନ୍ତୁ ଗୋଟିଏ ସାମାଜିକ ଡୋରୀରେ ବାନ୍ଧି ପାରି ନ ଥିଲେ ସେହି ମହାପୁରୁଷମାନେ। ସେମାନଙ୍କର ଏଥିରେ ଆନ୍ତରିକତା ଥିଲାକି ନାହିଁ କେଜାଣି, କିନ୍ତୁ ତାଙ୍କ ପରବର୍ତ୍ତୀ ନେତାମାନେ କେବଳ ଭୋଟ୍ ଲାଳସାରେ ରାଜନୈତିକ ଏକତାରେ ହିଁ ଜୋର୍ ଦେଲେ। ତେଣୁ ବିଭିନ୍ନ ଗୋଷ୍ଠି ଭିତରେ ସାମାଜିକ ଅସାମଞ୍ଜସ୍ୟ ଏବଂ ଦୂରତ୍ୱ ବୃଦ୍ଧି ପାଇବାକୁ ଲାଗିଲା।

ସମାଜରେ ପ୍ରକାଶ୍ୟରେ ସମର୍ଣ୍ଣ ଓ ଅସବର୍ଣ୍ଣ ମାନଙ୍କ ଭିତରେ ଥିବା ପାଚେରୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଲା କିନ୍ତୁ ଦେବାନନ୍ଦ ଓ ସୁରମା ମଝିରେ ଠିଆ ହୋଇଥିବା ଅଭେଦ୍ୟ ପାଚେରୀ ବିଷୟରେ ଜାଣିକି ବି ଲୋକେ ନୀରବ ରହିଲେ।

ଏ ସବୁର ସୁଯୋଗ ନେଇ ହଳଧର ଭଗବାନ ସେଠୀଙ୍କ ପରିବାର ସହିତ ଆନ୍ତରିକତା ସ୍ଥାପନ କରିବାରେ ସମର୍ଥ ହେଲା। ପ୍ରକାରାନ୍ତରେ ସୁରମା ସହିତ ତାର ବିବାହ ପ୍ରସ୍ତାବ ଦେଲା ଆଉ ତାହା ସାଦରେ ଗ୍ରହଣ କଲେ ଭଗବାନ ସେଠୀ। ରାମଚନ୍ଦ୍ରେ ମଲ୍ଲିକ ବି

Digitized by srujanika@gmail.com

ପ୍ରକାରାନ୍ତରେ ସହଯୋଗ କଲେ ଏଇଠି କାରଣ ଏହି ବିବାହ ହୋଇଗଲେ ତାଙ୍କର ଫାଇଦାହିଁ ଫାଇଦା। ଡେପୁଟି କଲେକ୍ଟର ହୋଇ ପାରିବା ପରେ ସେ ଯେମିତି ଗୋଟିଏ ଖଣ୍ଡାୟତ ଝିଅକୁ ବାହା ହୋଇ ପାରିଥିଲେ, ନିଜ ପୁଅ ବିଷୟରେ ବି ସେମିତି ଚିନ୍ତାକରୁଥିଲେ ରାମଚନ୍ଦ୍ର ବାବୁ।

ସୁରମା ବି.ଏ. ପାଶ୍ କରୁଁ କରୁଁ ହଳଧର ସହିତ ତାର ବିବାହ ପ୍ରାୟ ପକ୍କା ହୋଇଗଲା। ହଳଧରର ବୁଢ଼ୀମା ଆସି ଭଗବାନ ସେଠୀଙ୍କୁ ବଚନ ଦେଇ ଚାଲିଗଲେ।

ସୁରମା କିନ୍ତୁ ଅଶାନ୍ତିରେ ଛଟପଟ ହେବାକୁ ଲାଗିଲା। ଶେଷରେ ସାହାସ ବାନ୍ଧି ବାପାଙ୍କ ଆଗରେ କହିଲା, "ମୁଁ ହଳଧରକୁ ବାହା ହେବାକୁ ଚାହେଁ ନାହିଁ ବାପା। ମୁଁ ଦେବାନନ୍ଦକୁ ଭଲ ପାଏ। ମୁଁ ତାଙ୍କୁ ବାହା ହେବି।"

"କଣ କହିଲୁ? ମୋ ଝିଅ ହୋଇ ତୁ ମଲିକ ପୁଅକୁ ବାହା ହେବାକୁ ମନ କରିଛୁ? ଲାଜ ନାହିଁ ତୋତେ!" ରାଗି କି କହିଲେ ଭଗବାନ ସେଠୀ, "ତାହା ହୋଇ ପାରିବ ନାହିଁ। ତୋତେ ହଳଧରକୁ ହିଁ ବାହା ହେବାକୁ ପଡ଼ିବ।"

ସୁରମା ବାପାଙ୍କ ମୁହଁକୁ ନିରେଖି ଦେଖିଲା। ଅତି ଶାନ୍ତି ଅଥଚ ଦୃଢ଼ କଣ୍ଠରେ କହିଲା, "ନା, ହଳଧରକୁ ବାହା ହେବି ନାହିଁ।"

"ତୋର ଏତେ ବହପ? ମୋ କଥା ଅମାନ୍ୟ କରିବୁ?" ରାଗିକି କହିଲେ ବାପା।

"ବାହାଘର ହେଉଛି ମୋ ନିଜ ମାମଲା। ଆପଣ ମୋତେ ବାଧ୍ୟ କରି ପାରିବେ ନି।"

"ଅଲବତ୍ ସେଇଠି ତୁ ବାହାହେବୁ। ଜଣେ ମଲିକ ପିଲା ସାଙ୍ଗରେ ଝିଅ ବାହାଦେଇ କଣ ତୁ ମୋତେ ଜାତିରୁ ବାସନ୍ଦ କରିବାକୁ ଚାହୁଁ?"

"ଜାତି ଆପଣଙ୍କ ପାଇଁ ବଡ଼ ହୋଇପାରେ ବାପା। ମଣିଷର ଗୁଣ ମୋ ପାଇଁ ବଡ଼।" ନିର୍ଭୀକ ଭାବରେ କହିଲା ସୁରମା, "ଆଜି ବଡ଼ ଜାତି ଛୋଟ ଜାତି ବୋଲି ଯେଉଁ ପ୍ରସଙ୍ଗ ଉଠୁଛି, ସମସ୍ତେ ହରିଜନ ହୋଇ ନିଜର ଦାବୀ ହାସଲ ପାଇଁ ଲଢ଼ିଲା ବେଳକୁ ଜାତି କଥା ତ ବେଶ୍ ଭୁଲି ଯାଉଛନ୍ତି ଆପଣମାନେ। ସେତେବେଳେ ସମସ୍ତେ ସମାନ-ସମସ୍ତେ ହରିଜନ! ଆଉ ଆଜି ବାହାଘର ବେଳକୁ ସମସ୍ତେ ଅଲଗା ଅଲଗା! ମୋତେ ଏ ଛଳନା ଭଲ ଲାଗେ ନାହିଁ। ଦେବାନନ୍ଦ ହଳଧରଠାରୁ ସବୁ ଗୁଣରେ ଭଲ। ଆଉ ମୁଁ ଜାତିର ଦ୍ୱାହି ଦେଇ ଭଲପାଇବାକୁ ବଳି ଦେଇ ପାରିବି ନାହିଁ।"

ଭଗବାନ ସେଠୀ ବହୁତ ରାଗିଗଲେ କିନ୍ତୁ କିଛି କରି ପାରିଲେ ନାହିଁ। ଝିଅକୁ ଉଚ୍ଚ ଶିକ୍ଷିତ କରି କେବଳ ପଶ୍ଚାତାପ କରିବାକୁ ଲାଗିଲେ। କିନ୍ତୁ ମନେ ମନେ ଝିଅକୁ ଉଚିତ ଶିକ୍ଷା ଦେବେ ବୋଲି ସ୍ଥିର କଲେ।

ସୁରମା ଯେତିକି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲା, ଦେବାନନ୍ଦକୁ ସେଇଠୁ ବେଶି ଅସୁବିଧା ଭୋଗ କରିବାକୁ ପଡ଼ିଲା।

ଭଗବାନ ସେଠୀଙ୍କୁ ଜାତି ବଡ଼ ହେଲା ବେଳକୁ, ରାମଚନ୍ଦ୍ର ମଲ୍ଲିକଙ୍କୁ ସାମାଜିକ ସ୍ଥିତି ବଡ଼ ହୋଇଥିଲା। ଗୋଟିଏ ଲକ୍ଷ୍ମୀ ମାଳିକର ଝିଅ ସାଙ୍ଗରେ ବନ୍ଧୁ ବାନ୍ଧିବେ ପୁଣି

Digitized by srujanika@gmail.com

ଡେ଼ପୁଟି କଲେକ୍ଟର ରାମଚନ୍ଦ୍ର ମଲ୍ଲିକ ? ତେଣୁ ପୁଅ ଦେବାନନ୍ଦର ସମସ୍ତ ଆଗ୍ରହକୁ ଧୂଳିସାତ୍ କରି ରାମବାବୁ ରୋକ୍‌ଠୋକ୍ ମନା କରି ଦେଲେ ସୁରମାକୁ ବୋହୂ କରିବା ପାଇଁ।

"ଦେଖ ହେ, ସାମାନ୍ୟ ଲଣ୍ଡ୍ରିବାଲା ହେଇ କହୁଛି କଣ ନା ମୋ ପୁଅ ମଳିକ ପୁଅ ବୋଲି ତା ଝିଅକୁ ମୋ ପୁଅ ସାଙ୍ଗରେ ବାହା କରେଇବ ନାହିଁ!" ରାମବାବୁ ରାଜନୀତିଆ ଢଙ୍ଗରେ କହିଲେ, "ତାକୁ ଦେଖେଇ ଦେବି ମୁଁ କେଉଁ ଘରୁ ବୋହୂ ଆଣି ପାରେଁ। ତାର ଆଖି ଖୋସି ହୋଇଯିବ ଟି ?"

"କିନ୍ତୁ ପୁଅର ଯେଉଁଠି ଇଚ୍ଛା ସେଇଠି ଆମେ ଅମଙ୍ଗ ହେବା କାହିଁକି ?" ଦେବାନନ୍ଦର ମା ସାବିତ୍ରୀ ଦେବୀ କହିଲେ, "ଆମେ ତ ପୁଣି ଆମ ଇଚ୍ଛା ଅନୁସାରେ ଜାତି, ସାମାଜିକ ସ୍ଥିତି ସବୁକୁ ପଛରେ ପକାଇ ବାହା ହେଲେ। ପୁଅ ବେଳକୁ ଏମିତି କହୁଛ କାହିଁକି ?"

"କହିବି ନାହିଁ? ଆଉ ସେ ଲଣ୍ଡ୍ରିବାଲାକୁ ଯାଇ କଣ ଖୋସାମଦ କରିବି ? ମୋ ପୁଅକୁ ଆଉ ଭଲ କୁଳରେ ଝିଅ ମିଳିଲେ ନାହିଁ ଯେ ଗୋଟେ ଲଣ୍ଡ୍ରିବାଲାର ଝିଅକୁ ପ୍ରେମକଲା ? ମୋ ଆତ୍ମ ସମ୍ମାନରେ ତାହା ଆଞ୍ଚ ଆଣିବ ନାହିଁ?"

ସାବିତ୍ରୀ ଦେବୀଙ୍କୁ ହସ ମାଡ଼ିଲା ନିଜ ସ୍ୱାମୀଙ୍କ ଯୁକ୍ତି ଶୁଣି। ଭଲ ପାଇବା ଆଗରେ କୁଳ, ପରମ୍ପରା, ଜାତି, ଧର୍ମ ସବୁ ଯେ ହେୟ ତାହା ସେ ଠିକ୍ ଭାବରେ ଜାଣିଥିଲେ। ତାହା ହେଇନ ଥିଲେ ବିଶିଷ୍ଟ ବ୍ୟବସାୟୀ ନରେନ୍ଦ୍ର ରାଉତଙ୍କ କନ୍ୟା ସାବିତ୍ରୀ କୁଳବଧୂ ସାଜି ଆସି ନଥାନ୍ତେ ରାମଚନ୍ଦ୍ର ମଲ୍ଲିକ ଘରକୁ ?

ସ୍ତ୍ରୀଙ୍କ ସବୁ ଯୁକ୍ତି ରାମବାବୁଙ୍କ ଏ କାନରେ ପଶି ସେ କାନରେ ବାହାରି ଗଲା। ସେ ସୁରମାକୁ ବୋହୂ କରି ଆଣିବା ପାଇଁ ମୋଟେ ମଙ୍ଗିଲେ ନାହିଁ।

ଏ ବିଷମ ପରିସ୍ଥିତିରେ ଦେବାନନ୍ଦ ଓ ସୁରମା କଣ କରିବେ ହଠାତ୍ ଠିକ୍ କରି ପାରିଲେ ନାହିଁ। ମାତ୍ର ବି.ଏ. ପାଶ୍ କରିଛନ୍ତି ସେମାନେ। ଚାକିରୀ ବାକିରୀ ନାହିଁ। ଉଭୟ ଘରର ବାରଣ ସତ୍ତ୍ୱେ କଣ ସେମାନେ ବାହା ହେଇ ପାରିବେ ?

ବଡ଼ ଜଟିଳ ସମସ୍ୟା। ଅପେକ୍ଷା କରିବାକୁ ବି ବେଳ ନାହିଁ। ଏଆଡ଼େ ହଳଧର ସହିତ ସୁରମାର ବାହାଘର ବି ଠିକ୍ ହେଇ ସାରିଥିଲା। ସୁରମା ଆଉ ଦେବାନନ୍ଦର ସମ୍ପର୍କକୁ ନେଇ ସାମାଜିକ ତିକ୍ତତା ବି ସୃଷ୍ଟି ହୋଇ ସାରିଥିଲା। ମଳିକ ସାହି ଆଉ ଧୋବା ସାହି ଭିତରେ କଳି ଗୋଳ ବି ହୋଇ ସାରିଥିଲା।

ଏପରି ବିଷମ ସାମାଜିକ ପରିବେଶ ମଧ୍ୟରେ ଦୁହେଁ ବିକଳ ହୋଇଗଲେ ସୁରମା ଆଉ ଦେବାନନ୍ଦ।

ହଳଧର ଓ ସୁରମାର ବିବାହ ତିଥି ପାଖେଇ ଆସିଲା। ଭଗବାନ ସେଠୀଙ୍କ ଘର ଆନନ୍ଦ ମୁଖର ହୋଇ ଉଠିଲା।

ଶେଷରେ ଏତେ ପାଠ ପଢ଼ି ଆତ୍ମହତ୍ୟାର ପନ୍ଥା ଧରିବାକୁ ହେବ ? ସୁରମା

Digitized by srujanika@gmail.com

ସେୟା ମନେ ମନେ ସ୍ଥିର କରି ସାରିଥିଲା। ବାନ୍ଧବୀ ଅନୁପମା ହାତରେ ଦେବାନନ୍ଦଠାରୁ ଖଣ୍ଡେ ଚିଠି ପାଇ ଟିକିଏ ଆଶ୍ୱସ୍ତ ହେଲା। କିନ୍ତୁ ତା ପାଇଁ ଯେ ସବୁବେଳେ କଡ଼ା ପହରା। ସେ ବାହାରକୁ ଯିବ କେମିତି ?

ଆଉ ଦୁଇ ଦିନ ରହିଲା ସୁରମାର ବାହାଘର। ସମସ୍ତେ ବ୍ୟସ୍ତଥିଲେ ବାହାଘର କାମରେ। ରାତି ଅଧରେ ବାଡ଼ିପଟ କବାଟ ବାଟେ ସାହାସ ବାନ୍ଧି ବାହାରି ପଡ଼ିଲା ସୁରମା। ଆଗରୁ ଖଣ୍ଡେ ଦୂରରେ ଅପେକ୍ଷା କରିଥିଲା ଦେବାନନ୍ଦ।

ଠକ୍ ଠକ୍ ଠକ୍। ରାତି ଅଧରେ ଏ କି ଶବ୍ଦ ? ଧ୍ୟାନରତ ରାଘବାନନ୍ଦ ବାବାଙ୍କ ଧ୍ୟାନ ଭଙ୍ଗ ହେଲା। ଆବାଳ ବ୍ରହ୍ମଚାରୀ ସ୍ୱାମୀ ରାଘବାନନ୍ଦଙ୍କ ଆଶ୍ରମରେ ଆଶ୍ରୟ ନେବା ପାଇଁ ରାତି ଅଧରେ ପହଞ୍ଚିଥିଲେ ସାମାଜିକ ପରିସ୍ଥିତିରେ ନିଷେସିତ ଦୁଇଟି ଯୁବକ ଯୁବତୀ।

ସ୍ୱାମୀଜୀଙ୍କୁ ସେମାନଙ୍କ ଆସିବାର କାରଣ ଅଛପା ରହିଲା ନାହିଁ।

ସ୍ୱାମୀଜୀଙ୍କ ସୌମ୍ୟ ରୂପ ଦେଖି ସେମାନଙ୍କ ମନରେ ଆଶଙ୍କା କିଛି ମାତ୍ରାରେ ପ୍ରଶମିତ ହେଲା। ସେମାନଙ୍କ ଡ଼ରୁଆ ଚେହେରାରେ କିଛି ପରିବର୍ତ୍ତନ ଆସିଲା। ସ୍ୱାମୀଙ୍କ ଆଗରେ ସେମାନଙ୍କ ଦୁର୍ଦ୍ଦଶା ବର୍ଣ୍ଣନା କରି ସେମାନେ କିଛି ଆଶ୍ୱସ୍ତ ହେଲେ।

ସେମାନଙ୍କୁ ବିଶ୍ରାମ ନେବା ପାଇଁ ଆଶ୍ରମ ଭିତରକୁ ନେଇଗଲେ ସ୍ୱାମୀଜୀ। ତାଙ୍କ ଅଭୟ ବାଣୀ ଶୁଣି ସେମାନଙ୍କ ନିର୍ଜୀବ ଶରୀର ସତେ ଯେମିତି ସଜୀବ ପାଲଟିଗଲା।

ସ୍ୱାମୀଜୀ ସେମାନଙ୍କ ବୟସ ସାର୍ଟିଫିକେଟ ତନଖି ଦେଖିଲେ। ତହିଁ ପରଦିନ ଆଶ୍ରମର ରୀତିରେ ସେମାନଙ୍କ ବିବାହ ସମ୍ପନ୍ନ କରାଗଲା।

ଆବାଳ ବ୍ରହ୍ମଚାରୀ ରାଘବାନନ୍ଦ ଦାସଙ୍କୁ ସେ ଅଞ୍ଚଳରେ କିଏ ନ ଜାଣେ ? ସହରର ଅନତି ଦୂରରେ ଏକ ପ୍ରାକୃତିକ ପରିବେଶ ମଧ୍ୟରେ ତାଙ୍କର ଜାତୀୟ ସଂହତି ଆଶ୍ରମ। ସେହି ଆଶ୍ରମରେ ସାଧାରଣ ପୂଜାପାଠ ହୁଏ ନାହିଁ। ଜାତି ଧର୍ମ ବର୍ଣ୍ଣ ଦ୍ୱାରା ପ୍ରପୀଡ଼ିତ ଲୋକଙ୍କ ପାଇଁ ତାହା ହେଉଛି ଆଶ୍ରୟସ୍ଥଳୀ।

ଆଶ୍ରିତ ବ୍ୟକ୍ତିମାନଙ୍କୁ ସୁସ୍ଥ ପରିବେଶ ପ୍ରଦାନ କରି ସେ ତାଙ୍କର ଦୀର୍ଘ ଚାଳିଶ ବର୍ଷ ଆଶ୍ରମ ଜୀବନରେ ଅନେକଙ୍କୁ ଯୋଗ୍ୟ ନାଗରିକ କରି ଗଢ଼ି ତୋଳିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଆଇ. ଏ. ଏସ୍., ଆଇ. ପି. ଏସ୍. ଅଫିସର, ଆଉ ଅନେକ ଡ଼ାକ୍ତର - ଇଞ୍ଜିନିୟର, ଆଉ କେହି କେହି ବା ଓକିଲ, ମାଜିଷ୍ଟ୍ରେଟ୍, ଅଧ୍ୟାପକ ବା ବ୍ୟବସାୟୀ ହୋଇ ସମାଜରେ ପ୍ରତିଷ୍ଠିତ ବି ହୋଇ ସାରିଛନ୍ତି। ସେହିମାନଙ୍କ ଅନୁଦାନରେ ଆଜି ସ୍ୱାମୀଜୀଙ୍କ ଜାତୀୟ ସଂହତି ଆଶ୍ରମ ଏକ ବିରାଟ ଆଦର୍ଶ ଅନୁଷ୍ଠାନରେ ପରିଣତ ହୋଇଛି।

ଆଶ୍ରମରେ ଧର୍ମର ବିଦ୍ୱେଷ ନାହିଁ କି ଜାତିର ଗନ୍ଧ ବି ନାହିଁ। ସମସ୍ତେ ଏକାକାର। ଅନେକ ରମେଶ ନନ୍ଦ ଓ ଫାତିମା ବାନୁ, ଅନେକ ହରବିନ୍ଦର ସିଂ ଆଉ ସ୍ନେହପ୍ରଭା ମଲ୍ଲିକ, ଅନେକ ଆଲବର୍ଟ ମାଇକେଲ ଓ ପ୍ରତିମା କୁଜୁରା ସେଇଠୁ ବାହାରିଛନ୍ତି ଯୋଗ୍ୟ ଏବଂ ସୁସ୍ଥ ନାଗରିକ ହୋଇ। ସମସ୍ତେ ଯୋଗ୍ୟତା ହାସଲ କରି ଉଠିଛନ୍ତି ଉନ୍ନତିର

Digitized by srujanika@gmail.com

ଶିଡ଼ିରେ ସାଧାରଣ ନାଗରିକ ଭାବରେ, ଭେଦ ଭାବ ପୂର୍ଣ୍ଣ ଏବଂ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ କିମ୍ବା ସଂଖ୍ୟାଲଘୁ ତୋଷଣ ନୀତି ପ୍ରୟୋଗକରି ନୁହେଁ।

ଅନେକ ରତ୍ନାକର ବି ସେହି ଆଶ୍ରମରେ ପାଲଟିଛନ୍ତି ବାଲ୍ମିକୀ।

ସ୍ୱାମୀଜୀଙ୍କ ବାହୁଚ୍ଛାୟା ତଳେ ଏହି ନୂତନ ଯୁଗଳ ଆଜି ସୁରକ୍ଷିତ। ସେମାନଙ୍କ ଭବିଷ୍ୟତ ଶିକ୍ଷାଦୀକ୍ଷାର ଭାର ବି ସ୍ୱାମୀଜୀଙ୍କ ହାତରେ। ଜାତି ଧର୍ମ ବର୍ଣ୍ଣର ଦାଉରେ ଭୀତ ତ୍ରସ୍ତ ଆମପ୍ରିୟ ଭାରତ ବର୍ଷରେ ଜାତି ଧର୍ମ ବର୍ଣ୍ଣର ଊର୍ଦ୍ଧ୍ୱରେ ସ୍ୱାମୀଜୀଙ୍କ ସେହି ଆଶ୍ରମ ହିଁ ସମସ୍ତଙ୍କର ଆଶା ଓ ଭରସା।

ଧର୍ମର ପୀଡ଼ା ନାହିଁ ସେଇଠି। ଜାତିଗତ ଭେଦଭାବ ନାହିଁ ସେଇଠି। ସଂରକ୍ଷଣ ଯୋଗୁଁ ଈର୍ଷା ନାହିଁ ସେଇଠି। ଅଯୋଗ୍ୟର ବଡ଼ ହେବା ପାଇଁ ଆଶାର ଉପାଦାନ ନାହିଁ ସେଇଠି।

ସମସ୍ତେ ସେଇଠି ଏକକାର। ସମସ୍ତଙ୍କ ମୁହଁରେ ଜଗନ୍ନାଥ ଦାସଙ୍କ ଭାଗବତର ସେହି ଅମର ବାଣୀ :

ସର୍ବେ ହୋଇବେ ଏକାକାର,
ନ ଥିବ ଭେଦର ବିଚାର।

✲

Digitized by srujanika@gmail.com

ବାଦୁଡ଼ି

ହରିହର ସେଠି ଜଗତଜିତା। ଯାହା ସେ ଠିକ୍ ଭାବୁଥିଲା ତାହା ସେ କରିକି ଦେଖେଇ ଦେଉଥିଲା।

ଛୋଟ ବେଳୁ ମେଧାବୀ ଛାତ୍ର ସେ। ସବୁ ବେଳେ କ୍ଲାସରେ ଫାଷ୍ଟ। ସେ ନୀଚ ଜାତି ବୋଲି ଲୋକେ ଯାହା ବା ଛି ଛାକର କରନ୍ତେ, ତାର ବିଚକ୍ଷଣତା ଯୋଗୁଁ ଲୋକେ ତାହା ପ୍ରକାଶ କରି ପାରୁ ନ ଥିଲେ। ହେଲେ, ସେ ନୀଚ ଜାତି କାହିଁକି ହେବ? ମନରେ ତାର ଏହି ପ୍ରଶ୍ନ ଉଠୁଥିଲା। ସେ କଣ ତାର ଜାତି ଗୋତ୍ର ପାଇଁ ଦାୟୀ? ତାର ଭୁଲ୍ କେଉଁଠି ଯେ ସେ ନୀଚ ଜାତିର ବୋଲି ପରିଗଣିତ ହେବ?

ବି.ଏ ସଂସ୍କୃତ ଅନର୍ସ ପରୀକ୍ଷାରେ ବିଶ୍ୱବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ସେ ରେକର୍ଡ ସୃଷ୍ଟି କରିଥିଲା। ସଂସ୍କୃତରେ ଯେ କେବଳ ବ୍ରାହ୍ମଣ ମାନେ ପାରଦର୍ଶିତା ଲାଭ କରିପାରିବେ, ତାକୁ ଭୁଲ୍ ବୋଲି ପ୍ରମାଣିତ କରିବା ପାଇଁ ସେ ପଢୁଥିଲା ସଂସ୍କୃତ। ବଡ଼ ବଡ଼ ଶାସ୍ତ୍ରଜ୍ଞ ପଣ୍ଡିତ ମଧ ତାର ସଂସ୍କୃତ ଜ୍ଞାନ ସମକ୍ଷରେ ହାର ମାନୁଥିଲେ।

ଏମ୍.ଏ. ଶ୍ରେଣୀର ଛାତ୍ର ଭାବରେ ସେ କୋର୍ଟରେ ନିଜ ନାଁକୁ ପରିବର୍ତ୍ତନ କଲା ହରିହର ଶର୍ମା ଭାବରେ। ନିଜର ଅସୁବିଧା ହେଲେ ହେଉ ପଛକେ ଅନୁସୂଚିତ ଜାତି ପାଇଁ ଉଦ୍ଦିଷ୍ଟ ସ୍କଲରସିପ୍ ସେ ଗ୍ରହଣ କଲା ନାହିଁ। ନିଜର ଆର୍ଥିକ ଅବସ୍ଥା ସୁଧାରିବା ପାଇଁ ଟିଉସନ୍ ବରଂ କଲା କିନ୍ତୁ ସେ ସଂରକ୍ଷଣ ନୀତିର ସୁବିଧା ସୁଯୋଗ ନେଲା ନାହିଁ।

ଏମ୍.ଏ. ଛାତ୍ର ଥିବା ଅବସ୍ଥାରେ ଆଇ.ଏ. ଛାତ୍ର ମାୟାରାଣୀ ଦାସକୁ ଟିଉସନ୍ କଲାବେଳେ ଉଭୟଙ୍କ ମଧରେ ପ୍ରେମର ଉଦ୍ରେକ ହେଲା। ଏମ୍.ଏ. ପରୀକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରି ସେ ୟୁନିଭର୍ସିଟିରେ ସଂସ୍କୃତ ଅଧାପକ ଭାବରେ ନିଯୁକ୍ତି ପାଇଲା।

ତାପରେ ପ୍ରସ୍ତାବ ଦେଲା ମାୟାରାଣୀକୁ ବିବାହ କରିବାପାଇଁ। ସବର୍ଣ୍ଣ ସମ୍ପ୍ରଦାୟଠାରୁ ସାମାଜିକ ବାଧା ଆସିଲା କିନ୍ତୁ ହରିହର ଖାତିରି କଲା ନାହିଁ। ମାୟାରାଣୀର ପ୍ରଭାବଶାଳୀ ପରିବାରର ପ୍ରତିରୋଧ ସତ୍ତ୍ୱେ ତାକୁ ବିବାହ କଲା।

ସ୍ତ୍ରୀକୁ ବି.ଏ. ଏବଂ ବି.ଏଡ଼. ପାଶ୍ କରାଇବା ପରେ ପ୍ରଶ୍ନ ଉଠିଲା ଚାକିରୀର। ସେତେବେଳକୁ ଚାକିରୀ ପୋଜିସନ୍ ଏମିତି ଟାଇଟ୍ ଯେ ସାଧାରଣ କୋଟାରେ ମାୟାରାଣୀର ଶିକ୍ଷକ ଚାକିରୀ ହୋଇ ପାରିଲା ନାହିଁ। ନିଜେ ସିନା ସଂରକ୍ଷଣ ଫାଇଦା ନେଇ ନ ଥିଲା କିନ୍ତୁ ଏଥର ଲୋଭ ସମ୍ବରଣ କରି ପାରିଲା ନାହିଁ। ସ୍ତ୍ରୀର ଚାକିରୀ ପାଇଁ ତାକୁ ସେ ଫାଇଦାର ବ୍ୟବହାର କରିବାକୁ ପଡ଼ିଲା।

ହରିହରର କଳା ପିଚ୍ ପିଚ୍ ଦେହରେ ତାର କ୍ଷୀର ଭଳିଆ ଧଳା ପଇତା ବେଶ୍ ଦକ୍ ଦକ୍ କରୁଥିଲା। ଖାଲି ଦେହରେ ତାର ଧଳା ପଇତାକୁ ଦେଖେଇ ସେ

Digitized by srujanika@gmail.com

ସବୁ ବେଳେ ବସୁଥିଲା ବାହାର ବାରଣ୍ଡାରେ। ରାସ୍ତାରେ ଯାଉଥିବା ବାଟୋଇ ମାନେ ତାର ଧଳାପଇତା ଦେଖି ବେଳେ ବେଳେ ଅଟକି ଯାଉଥିଲେ।

"ବାଃ, କି ଧଳା ହେଉଛି ବାବୁଙ୍କ ପଇତା!" ଚାକରାଣୀ ଦମୟନ୍ତୀ ପଟ୍ଟନାୟକ କହୁଥିଲା। ପାଖଘରେ ରହୁଥିବା ପଦାର୍ଥ ବିଜ୍ଞାନ ଅଧ୍ୟାପକ ଅମର ମିଶ୍ରଙ୍କ କୋଟଚମଇଲା ପଇତା ଦେଖି ତାଙ୍କ ଧର୍ମପତ୍ନୀ କହୁଥିଲେ, "ଶର୍ମା ବାବୁଙ୍କଠୁଁ ଶିଖ ପଇତା କେମିତି ସଫାରଖା ଯାଏ। ଯାହାହେଲେବି ସେ ସଂସ୍କୃତ ଅଧ୍ୟାପକ ନା ?"

ଥରେ ପଥଚ୍ୟୁତ ହେଲେ ପୁଣି ଥରେ ପଥକୁ ଫେରିବା କଷ୍ଟକର ହୋଇପଡ଼େ। ହରିହରର ସେୟା ହେଲା। ଥରେ ସଂରକ୍ଷଣର ସ୍ୱାଦୁ ଚାଖିଲା ପରେ ତାର ଛୋଟ ବେଳର ଆଦର୍ଶବାଦ ପାଣିର ଫୋଟକା ଭଳିଆ ଉଭେଇ ଗଲା। ସଂରକ୍ଷଣ କୋଟାରେ ସ୍ତ୍ରୀର ଚାକିରୀ, ସଂରକ୍ଷଣ କୋଟାରେ ନିଜର ପ୍ରମୋଶନ୍ କାହାକୁ ପିତା ଲାଗେ ଭଲା !

ପ୍ରଥମେ ତ ବିଚକ୍ଷଣ ଛାତ୍ର, ତାଉପରେ ସଂରକ୍ଷଣତାର ପ୍ରଭାବ— ହରିହରର ଚଲାପଥ ଏକଦମ୍ ନିର୍ମଳ ହୋଇଗଲା। ଅଧ୍ୟାପକ ହେଉଁ ହେଉଁ ରେକର୍ଡ଼ ସମୟରେ ଭବଭୂତିଙ୍କ ସାହିତ୍ୟ ଉପରେ ନିବନ୍ଧ ଲେଖି ଡକ୍ଟରେଟ୍ ବି ପାଇଲା ଆଉ ତା ସାଙ୍ଗେ ସାଙ୍ଗେ ଆସିଲା ପ୍ରମୋଶନ ଅନ୍ୟ ସାଙ୍ଗସାଥୀ ମାନଙ୍କୁ ପଛରେ ପକାଇ। ହରିହର ୟୁନିଭର୍ସିଟିରେ କନିଷ୍ଠ ତମ ପ୍ରଫେସର ଭାବରେ ବଛା ହେଲା।

ସଂସ୍କୃତର ବଛା ବଛା ପ୍ରଫେସରମାନଙ୍କ ମଧ୍ୟରେ ହରିହର ପରିଗଣିତ ହେଲା।

ସଂରକ୍ଷଣର ସୁବିଧା ସୁଯୋଗ ପାଇଲେ ବି ଶର୍ମା ହେବାର ସୁବିଧା ସୁଯୋଗରୁ ସେ ବଞ୍ଚିତ ହେବା ପାଇଁ ଚାହିଁଲା ନାହିଁ। ବ୍ରାହ୍ମଣର କାର୍ଯ୍ୟ ହେଲା ଅଧ୍ୟୟନ ଓ ଅଧ୍ୟାପନା। ସେ ପୁଣି କରୁଥିଲା ସଂସ୍କୃତ ଅଧ୍ୟୟନ ଓ ଅଧ୍ୟାପନା। ତେଣୁ ସେ କେମିତି ବା ବ୍ରାହ୍ମଣ ବୋଲାଇବ ନାହିଁ? ଦୁର୍ବାଶା ଭଳିଆ ପ୍ରଚଣ୍ଡ ଥିଲା ହରିହରର ବ୍ୟବହାର। ତେଣୁ ତା ପଛରେ ଯେ ଯାହା କହନ୍ତୁ ପଛକେ, ତା ସାମନାରେ କେହି କିଛି କହିବାର ସାହାସ କଲେନାହିଁ।

ଅତି ନିଷ୍ଠା ଓ ବୈଦିକ ପରମ୍ପରା ସହିତ ସେ ଯେତେବେଳେ ପୁଅର ବ୍ରତୋପନୟନ କରାଇଲା, ସାରା ସହରରେ ତାହା ତୁମୁଳ ଝଡ଼ର ସୃଷ୍ଟି କଲା। ଅନେକ ତା ସପକ୍ଷରେ ଯୁକ୍ତି ବାଢ଼ିଲେ ତ ଆଉ ଅନେକ ତାର ଦୋମୁହାଁ ନୀତି ଯୋଗୁଁ ତାକୁ ସମାଲୋଚନା କଲେ।

ତଫସିଲ୍ ଭୁକ୍ତ ଜାତିର ଶିକ୍ଷିତ ଲୋକେ ତାର ଏହି ପଦକ୍ଷେପରେ ବିଶେଷ ଖୁସୀ ନ ହେଲେ ବି, ତାର କାମରେ ବାଧା ଦେଲେ ନାହିଁ। ସେମାନଙ୍କୁ ବୁଝେଇବା ପାଇଁ ସେ କହିଲା ବ୍ରତୋପନୟନ ଏକ ସଂସ୍କାର ଆଉ ଏହା ହେଉଛି ସମସ୍ତଙ୍କ ଜନ୍ମଗତ ଅଧିକାର। ଅନେକ ସଂସ୍କୃତ ଶ୍ଳୋକ ଆବୃତ୍ତି କରି ନିଜ ସପକ୍ଷରେ ଯୁକ୍ତି ବାଢ଼ିଲା। ତେଣୁ ତା ଜାତି ଭାଇମାନେ ତୁନି ରହିଲେ।

ଅନ୍ୟମାନଙ୍କୁ ସେ କାହିଁକି ବା ଖାତିରି କରନ୍ତା? ତାର ପୁଅର ବ୍ରତୋପନୟନରେ

Digitized by srujanika@gmail.com

ମୁଖ୍ୟମନ୍ତ୍ରୀ ଠୁଁ ଆରମ୍ଭ କରି ଅନେକ ରାଜନୈତିକ ନେତା, ମୁଖ୍ୟ ଶାସନ ସଚିବଙ୍କଠୁ ଆରମ୍ଭ କରି ଛୋଟବଡ଼ ଅନେକ ଅଫିସର ଓ କିରାଣୀ ଭାଗ ନେଇଥିଲେ।

ବେଦୀ ଉପରେ ଉପବିଷ୍ଟ ହରିହର ଅନର୍ଗଳ ସଂସ୍କୃତ ଶ୍ଳୋକ ଉଚ୍ଚାରଣ କରି ବ୍ରତୋପନୟନର ଗାମ୍ଭୀର୍ଯ୍ୟ ଓ ଗୁରୁତ୍ୱର ବୁଝିକଲା। ତା ସହିତ ଏହି ବ୍ରତୋପନୟର ବୈଧତା ସମ୍ବନ୍ଧରେ ଅନେକ ଏକମତ ନ ହେଲେ ବି ସମସ୍ତେ ଏହି ବ୍ରତୋପନୟନର ବିଧିବିଧାନ ଉତ୍ତମ ହେଇଛି ବୋଲି ମତ ବ୍ୟକ୍ତ କଲେ।

ସେଦିନ ରାତିରେ ସମସ୍ତେ ପ୍ରୀତି ଭୋଜନ ପରେ ଗୃହ ପ୍ରତ୍ୟାବର୍ତ୍ତନ କରିବା ପରେ ଗର୍ବରେ ଛାତି ଫୁଲେଇ ହରିହର କହିଲା, "ଏ ଯୁଗର ଏହା ହେଉଛି ଶ୍ରେଷ୍ଠ ବ୍ରତୋପନୟନ। ବ୍ରାହ୍ମଣ ପଣ୍ଡିତମାନେ ବି ଚମତ୍କୃତ ହୋଇଗଲେ ଏହି ଉତ୍ସବର ନୀତି ନିୟମ ଦେଖି। କୌଣସି କର୍ମ କର୍ମାଣି, କୌଣସି ପର୍ବପର୍ବାଣୀ ଜନ୍ମ ଗତ ଅଧିକାର ନୁହେଁ। ଏହା ମୁଁ ଆଜି ପ୍ରକୃଷ୍ଟ ଭାବରେ ପ୍ରମାଣ କରି ଦେଇଛି।"

ମେଣ୍ଡଲ୍‌ଙ୍କ ନିୟମ ଅନୁସାରେ ବୁଦ୍ଧିମାନର ପିଲାପିଲି ବୁଦ୍ଧିମାନ ହିଁ ହୁଅନ୍ତି। ହରିହର ଏବଂ ମାୟାରାଣୀ ଯେତେବେଳେ ବୁଦ୍ଧିମାନ ଓ ବୁଦ୍ଧିମତୀ, ସେମାନଙ୍କ ପିଲାପିଲି ବିଚକ୍ଷଣ ନ ହୁଅନ୍ତେ ବା କିପରି ?

କ୍ରମଶଃ ହରିହରର ସାମାଜିକ ପ୍ରତିଷ୍ଠା ବଢ଼ିବାକୁ ଲାଗିଲା। ତଫସିଲଭୁକ୍ତ ଜାତି ଓ ଉପଜାତିର ପ୍ରାଦେଶିକ ସଭାପତି ପଦ ତାକୁ ଯଚା ଗଲା। ସେମାନଙ୍କ ଅଭାବ ଅସୁବିଧା ଦୂର କରିବା ପାଇଁ ତା ଜରିଆରେ ରାଜନୈତିକ ଚାପ ପକାଗଲା। ତେଣୁ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ଅନ୍ୟାନ୍ୟ ରାଜନୈତିକ ନେତାଙ୍କ ପାଖରେ ତାର ଯଥେଷ୍ଟ ପ୍ରଭାବ ଥିଲା।

ନିଜର ପିଲା ପିଲିଙ୍କ ପାଇଁ ତଫସିଲ ଭୁକ୍ତ ଜାତିର ସମସ୍ତ ସୁବିଧା ସୁଯୋଗ ହାସଲ କରି ସେମାନଙ୍କୁ ଗଢ଼ିବାକୁ ଲାଗିଲା ନୈଷ୍ଠିକ ବ୍ରାହ୍ମଣଭାବରେ। ବ୍ରାହ୍ମଣେତର ଲୋକଙ୍କ ସହିତ ସେମାନଙ୍କ ମିଳାମିଶାକୁ ସେ ପସନ୍ଦ କରୁନ ଥିଲା। ଏପରିକି କରଣ ଖଣ୍ଡେଇତ ମାନଙ୍କ ସାଙ୍ଗରେ ମିଶିବା ପାଇଁ ସେମାନଙ୍କୁ ବାରଣ କରୁଥିଲା।

ଛୋଟ ବେଳେ ପୁଅ ଦିଗ୍‌ବିଜୟ ଶର୍ମା ଏବଂ ଝିଅ ଅନସୂୟା ଶର୍ମା ବାପାଙ୍କ କଥାକୁ ବେଦର ଗାର ଭଳିଆ ମାନୁଥିଲେ। କିନ୍ତୁ ବୟସ ବଢ଼ିବା ସଙ୍ଗେ ସଙ୍ଗେ ସେମାନେ ବାପାଙ୍କ ଅଯୌକ୍ତିକ କାର୍ଯ୍ୟକଳାପ ପ୍ରତି ସଚେତନ ହେଲେ। ଗୋଟିଏ ଦିଗରେ ତଫସିଲ ଭୁକ୍ତ ଜାତିର ସୁବିଧା ସୁଯୋଗ ଏବଂ ଅନ୍ୟ ଦିଗରେ ନୈଷ୍ଠିକ ବ୍ରାହ୍ମଣର ପରାକାଷ୍ଠା ସେମାନଙ୍କୁ ଖାପଛଡ଼ା ଜଣାପଡ଼ିଲା। ସେମାନଙ୍କର ବ୍ରାହ୍ମଣ ସାଙ୍ଗ ସାଥୀମାନେ ଅବାଧରେ ସମସ୍ତଙ୍କ ସହିତ ମିଶି ପାରୁଥିବା ସମୟରେ ସେମାନଙ୍କୁ ବ୍ରାହ୍ମଣେତର ବ୍ୟକ୍ତିମାନଙ୍କ ସହିତ ମିଳାମିଶା ବାରଣ କରାଯିବାରୁ ସେମାନଙ୍କ ମନରେ ତୀବ୍ର ପ୍ରତିକ୍ରିୟା ଜାତ ହେଲା।

ଦିଗ୍‌ବିଜୟ ଏବଂ ଅନୁସୂୟା ଉଭୟେ ଉତ୍ତମ ଛାତ୍ର ଛାତ୍ରୀ ଥିବାରୁ ସେମାନେ

Digitized by srujanika@gmail.com

ସବୁ ସ୍ତରରେ ଭଲ କଲେ। ଦିଗ୍‌ବିଜୟ ପ୍ରଥମ ଚାନ୍ସରେ ଆଇ.ଏ.ଏସ୍. ପରୀକ୍ଷାରେ ଉତ୍ତିର୍ଣ୍ଣ ହେଲା ଏବଂ ଅନସୂୟା ଲେଡ଼ି ଡ଼ାକ୍ତର ହେଲା।

ପୁଅ ଓ ଝିଅଙ୍କ ପାଇଁ ବ୍ରାହ୍ମଣ ପାତ୍ର ପାତ୍ରୀଖୋଜିବାରେ ହରିହର ବ୍ୟସ୍ତ ରହିଲା। ସେ ଚାହୁଁଥିଲା ପୁଅ ଝିଅର ବିବାହ କରିବାକୁ ଶତକଡ଼ା ଶହେ ଭାଗ ଶାସନୀ ବ୍ରାହ୍ମଣ ଘରେ।

ଏଆଡ଼େ ପୁଅ ଝିଅ ଚାକିରୀ କରି ବୟସ ଗଡ଼ି ବସିଲା ବେଳକୁ ହରିହରର ଖୋଜା ଚାଲିଥିଲା ସେଣ୍ଟ ପରସେଣ୍ଟ ଶାସନୀ ବ୍ରାହ୍ମଣ ଘର।

ଦିନେ ହଠାତ୍ ଦିଗ୍‌ବିଜୟ ପହଞ୍ଚିଲା ଜଣେ ସୁନ୍ଦରୀ ମହିଳାକୁ ସାଙ୍ଗରେ ଧରି ବାପାମାଙ୍କ ଆଶୀର୍ବାଦ ନେବାପାଇଁ। ଝିଅର ରୂପଲାବଣ୍ୟରେ ବାପାମା ମୁଗ୍ଧହେଲେ ସତ କିନ୍ତୁ ହରିହର ଯେତେବେଳେ ଜାଣିଲା ଯେ ଆଇ.ଏ.ଏସ୍ ଅଫିସର କୃଷ୍ଣ ଚନ୍ଦ୍ର ହେମ୍ବ୍ରମ୍‌ର କନ୍ୟା ହେଉଛି ସେହି ସୁନ୍ଦରୀ ରମଣୀ, ସେ ମୁଣ୍ଡରେ ହାତ ଦେଇ ବସି ରହିଲା। ତାର ସମସ୍ତ ଆଶା ଯେମିତି ମଉଳିଗଲା। ମନରେ ରାଗ ମନରେ ମାରି ଚୁପ୍ ହୋଇ ବସି ରହିଲା ହରିହର।

ପୁଅବୋହୂ ଦୁଇ ଦିନ ଘରେ ରହି ଡ଼େରାଡୁନ୍ ଚାଲିଗଲେ ହନିମୁନ୍ ପାଇଁ।

ହରିହରର ମନରେ ବଡ଼ ଆଘାତ ଲାଗିଲା। ମନର କ୍ଷତ ସମୟର ମଲମରେ ଉପଶମ ହୋଇ ବସିଲା ବେଳେ ଆଉ ଗୋଟିଏ ଚୋଟ ପଡ଼ିଲା ତା ମନ ଉପରେ। ଝିଅ ଅନସୂୟା ପାଖରୁ ଚିଠି ଆସି ପହଞ୍ଚିଲା। ଲେଖାଥିଲା; ସେ ତାର ସହକର୍ମୀ ଡ଼ାକ୍ତର ପ୍ରଭାତ କୁମାର ମଲ୍ଲିକ ସାଙ୍ଗରେ ରେଜେଷ୍ଟ୍ରି ବାହାଘର କରିଛି।

ହରିହରର ମୁଣ୍ଡ ଉପରେ ନୀଳ ଆକାଶ ସତେ ଯେମିତି ଭାଙ୍ଗି ପଡ଼ିଲା। ଅନସୂୟା ପରି ବୋଲକରା ଝିଅ ପୁଣି ମଲିକ ପୁଅକୁ ବାହା ହେଲା ? ହରିହରର ପରତେ ହେଲା ନାହିଁ।

ଗୋଟିଏ ଦୀର୍ଘ ଶ୍ୱାସ ମାରି ହରିହର ଅନେଇ ରହିଥିଲା ଆକାଶକୁ। ତାର ପିଚ୍ ପିଚ୍ କଳା ଦେହରେ ତାର କ୍ଷୀର ଭଳି ଧଳା ପଇତା ଯେମିତି ଦକ୍ ଦକ୍ କରୁଥିଲା।

☆

Digitized by srujanika@gmail.com

ଦୁର୍ଗ ପତନ

ସେ ବର୍ଷ ପଡ଼ିଥିଲା ବୀରବାହାଦୂର ସିଂହଙ୍କ ଜନ୍ମ ଶତବାର୍ଷିକୀ। ଦୀର୍ଘ ପଚିଶ ବର୍ଷକାଳ ଦେଶର ପ୍ରଧାନ ମନ୍ତ୍ରୀ ରହି ସମସ୍ତଙ୍କ ରେକର୍ଡ ଭାଙ୍ଗିଥିଲେ ବୀର ବାହାଦୂର ସିଂହ।

ବହୁତ ଡେ଼ରୀରେ ପଁଷଠୀ ବର୍ଷ ବୟସରେ ସେ ପ୍ରଧାନ ମନ୍ତ୍ରୀ ହେଲେ ସତ କିନ୍ତୁ ଥରେ ପ୍ରଧାନ ମନ୍ତ୍ରୀ ହୋଇ ସାରିଲାପରେ ସେ ଏମିତି ସବୁ କାର୍ଯ୍ୟାନୁଷ୍ଠାନ କଲେ ଯେଉଁଠି ତାଙ୍କ ହାତ ମୁଠା ଟାଣ ହୋଇ ରହିଲା। ଦେଶରେ ଅନେକ ବିପ୍ଳବ ହେଲା, ଅନେକ ଦୁର୍ଦ୍ଦିନ ଆସିଲା କିନ୍ତୁ ତାଙ୍କର ଗାଦି ଯେମିତିକୁ ସେମିତି ରହିଲା।

ରାଜପରିବାରରେ ଜନ୍ମ ହୋଇଥିବାରୁ ଦେଶବିଦେଶର ବଡ଼ ବଡ଼ ଶିକ୍ଷାନୁଷ୍ଠାନ ମାନଙ୍କରେ ସେ ଶିକ୍ଷା ନେବାର ସୁଯୋଗ ପାଇଥିଲେ। ଛୋଟ ବେଳେ କିନ୍ତୁ ସେ ଗଣିତ ଶାସ୍ତ୍ରରେ ଦୁର୍ବଳ ଥିଲେ। ତଥାପି ରାଜ ନୈତିକ ଗଣନାରେ ସେ ଥିଲେ ଧୁରନ୍ଧର।

ବ୍ରିଟିଶ ଶାସନର ସପକ୍ଷପାତୀ ହୋଇ ମଧ୍ୟ ଶେଷ ମୁହୂର୍ତ୍ତରେ ବ୍ରିଟିଶ ଶାସନ ବିରୁଦ୍ଧରେ ଯାଇ ସେ ହୋଇଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ। ସେମିତି କିଛି ଯୋଗ୍ୟତା ନ ଥାଇ ମଧ୍ୟ କେବଳ ତୋଷାମଦ କରି କରି ସେ ଯୁବାବସ୍ଥାରୁ ଉଠିଥିଲେ ଉପରକୁ ଉପରକୁ। ଅନେକ ଛୋଟବେଡ଼ ପାହ୍ୟାରେ ରହିବା ପରେ ତାଙ୍କର ଯେଉଁ ଅଭିଜ୍ଞତା ହେଲା ତାର ସଠିକ ଗଣନା କରି ସେ ଶାସକ ଦଳକୁ ଠିକ୍‌ସମୟରେ ଧୋକା ଦେଇ ସବୁ ବିରୋଧୀଦଳର ନେତା ସାଜି ସେ ହେଇପାରିଥିଲେ ଦେଶର ପ୍ରଧାନ ମନ୍ତ୍ରୀ।

ପ୍ରଧାନ ମନ୍ତ୍ରୀ ହେବା ପରେ ତାଙ୍କର ଯୋଜନା ଚାଲିଲା ନିଜର ଗାଦିକୁ ଟାଣ କରିବା ପାଇଁ। ସେ ସବୁବେଳେ ଭାବୁଥିଲେ, ଦେଶକୁ ଶାସନ କରିବାର ପ୍ରବଳ ଇଚ୍ଛା ଓ ଆଗ୍ରହ ଯୋଗୁଁ ଜବାହାର ଲାଲ ପ୍ରଭୃତି ନେତା ଦେଶକୁ ଦୁଇଖଣ୍ଡ କରି ମଧ୍ୟ ଯେତେ ବେଳେ ଦେଶପ୍ରେମୀ ସାଜି ପାରିଲେ, ସେ ବି ନିଜକୁ ଶାସନ ଗାଦିରେ ଅଧିଷ୍ଠିତ କରିବା ପାଇଁ ସମାଜକୁ ଖଣ୍ଡ ବିଖଣ୍ଡିତ କଲେ କ୍ଷତି କଣ? ଦେଶର ଅଗଣିତ ଦଳିତ ନିଷ୍ପେସିତ ଅଶିକ୍ଷିତ ଜନତା ହାତରେ ଭୋଟ ଅଧିକାର ଦେଇ ସେମାନଙ୍କୁ ସହଜରେ ଠକି ଭଣ୍ଡି ନେଇହେଲୁ ଯଦି ନିଜର ଗଦି ଟାଣ କରି ପାରିଲେ, ଦେଶରେ ଭାଷା ଭାଷା ଭିତ୍ତିରେ ପ୍ରଦେଶ ଗଠନ କରି ଲୋକଙ୍କ ମଧ୍ୟରେ ସାମୟିକ ସନ୍ତୋଷ ଆଣି ନେହେଲୁ ଯଦି ବିଚ୍ଛିନ୍ନତାର ବୀଜପବନ କରି ମଧ୍ୟ ସଂହତିର ପ୍ରତୀକ ହୋଇ ପାରିଲେ, ଆଉ ବିଭିନ୍ନ ଧର୍ମ ଓ ଗୋଷ୍ଠୀର ଲୋକଙ୍କ ପାଇଁ ବିଭିନ୍ନ ସାମାଜିକ ନିୟମକାନୁନ କରି ତଥା ଧର୍ମନିରପେକ୍ଷତାର ମୁକ୍ତଦୁଆରେ ଚୋଟଲଟାଇ ନେହେଲୁ ଯଦି ଧର୍ମନିରପେକ୍ଷତାର କାରପଟଦୋର ସାଜି ପାରିଲେ, ବୀରବାହାଦୁର ସିଂହ ଭାବୁଥିଲେ, ତାଙ୍କ ପଟ୍ଟଶିଷ୍ୟ ହୋଇ ସେ ସେଇଠୁ ବଳି ଦୁଃସାହାସିକ ପଦକ୍ଷେପ ନେଇ ନିଜକୁ ଅମର କରିବେ ନାହିଁ କାହିଁକି। ଏମିତି ଅନେକ ଚିନ୍ତା ତାଙ୍କ ମନକୁ ଆଲୋଡ଼ିତ କଲା।

Digitized by srujanika@gmail.com

ସେ ଜାଣିଥିଲେ ଯେ ଦେଶ ଶାସନ ପାଇଁ ନୈତିକତାର ସ୍ଥାନ ନାହିଁ। ତେଣୁ ଦେଶର ଶାସନ ଡ଼ୋରୀ ଧରୁଁ ଧରୁଁ ସେ ଲୋକଙ୍କୁ ସୁହାଇଲା ଭଳିଆ ପଦକ୍ଷେପମାନ ନେବାକୁ ଆରମ୍ଭ କଲେ।

ସବା ଆଗରେ ସେ ଦେଶର କୃଷକ ମାନଙ୍କୁ ନିଜ ବେଗ୍ ଭିତରେ ରଖିବାକୁ ଚେଷ୍ଟା କଲେ। ବିଭିନ୍ନ କୃଷି ଯୋଜନା, ଜଳସେଚନର ବିଭିନ୍ନ ବ୍ୟବସ୍ଥା ପ୍ରଭୃତି କାମ ତ ଚିରାଚରିତ ଭାବରେ ଚାଲିଥିଲା। ସେଦିଗରେ ଉନ୍ନତି ସାଧନ କରି ସେ କୃଷକ ସମାଜକୁ ତୁଷ୍ଟ କରିବାକୁ ଚାହିଁଲେ ନାହିଁ। ତାଙ୍କ ପୂର୍ବତନ ନେତା ଋଣ ମେଳା ସାହାଯ୍ୟରେ ଋଣବଣ୍ଟନ କରି ଯେମିତି ଲୋକଙ୍କୁ ନିଜହାତ ମୁଠାରେ ରଖିଥିଲେ, ସେ ଋଣଛାଡ଼ କରି ସେମାନଙ୍କୁ ନିଜ ବେଗ୍ ଭିତରେ ସଂରକ୍ଷିତ କରି ରଖି ପାରିଲେ। ଏଥିରେ ଦେଶର ହଜାର ହଜାର କୋଟି ଟଙ୍କା ବରବାଦ ହେଲା,ଦେଶର ଅର୍ଥ ନୈତିକ ବ୍ୟବସ୍ଥା ଅପର୍ଯ୍ୟାପ୍ତ ହେଲା। ଆନ୍ତର୍ଜାତିକ କ୍ଷେତ୍ରରେ ଟଙ୍କାର ଅବମୂଲ୍ୟନ ହେଲା କିନ୍ତୁ କୋଟି କୋଟି ଭୋଟରୁ ତାଙ୍କ ହାତ ମୁଠାରେ ରହିଲେ। ତେଣୁ ସେ ନିଜର ଅର୍ଥନୈତିକ ପରାମର୍ଶଦାତାଙ୍କ ପରାମର୍ଶକୁ ଆଡ଼େଇଦେଇ ନିଃସଙ୍କୋଚରେ ସେହି ପଦକ୍ଷେପ ନେଲେ।

ଚାଷୀମାନଙ୍କୁ ହାତ କରି ସାରିବା ପରେ ସେ ଚାହିଁଲେ ଆଦିବାସୀ ହରିଜନ ମାନଙ୍କୁ ନିଜର କରିବା ପାଇଁ। ଏମାନଙ୍କ ଭୋଟ୍‌ରେ ନେହେରୁ ଏଣ୍ଡ କମ୍ପାନୀ ଏତେ ଦିନ କାଳ ଦେଶରେ ରାଜୁତି କରିବାରେ ସମର୍ଥ ହୋଇଥିଲେ— ସେ ବା ସେମାନଙ୍କୁ ଛାଡ଼ନ୍ତେ କେମିତି ? ସେମାନଙ୍କ ନିକଟରେ ଲୋକ ପ୍ରିୟ ହେବା ପାଇଁ, ସେମାନଙ୍କ ମଧ୍ୟରେ ଧନୀ ନିର୍ଦ୍ଧନ ନିର୍ବିଶେଷରେ ଖାଦ୍ୟ ସାମଗ୍ରୀ ବିନା ମୂଲ୍ୟରେ ବଣ୍ଟନ କଲେ। ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସେମାନଙ୍କୁ ବଡ଼ ବଡ଼ ଡ଼ାକ୍ତର, ଇଂଜିନିୟର, ପ୍ରଫେସର ଏବଂ ପ୍ରସାଶନିକ ଅଫିସର୍ ପଦରେ ଅଧିଷ୍ଠିତ କଲେ। ଛୋଟ ବଡ଼ ସାମାଜିକ ଅପରାଧରୁ ସେମାନଙ୍କୁ ଉର୍ଦ୍ଧରେ ରଖି ଦେଶର ବିଭିନ୍ନ ଆଇନ ପ୍ରଣୟନ କରାଗଲା। ଦେଶର ସର୍ବୋଚ୍ଚ ଶାସନ ରାଷ୍ଟ୍ରପତି ପଦ ସେମାନଙ୍କ ପାଇଁ ସଂରକ୍ଷଣ କରାଯାଇ ପାର୍ଲିଆମେଣ୍ଟରେ ବିଲ୍ ଆଗତ କରାଗଲା। କୌଣସି ରାଜନୈତିକ ଦଳ ଏହାର ବିରୋଧ କରିବାକୁ ସାହସ ମଧ କଲେ ନାହିଁ। ପ୍ରତି ଦଶବର୍ଷରେ ସେମାନଙ୍କ ସ୍ୱତନ୍ତ ସୁବିଧାର ମିଆଦ ନ ବଢ଼ାଇ, ଶହେ ବର୍ଷ ପାଇଁ ଏକା ସାଙ୍ଗରେ ବଢ଼େଇ ଦିଆଗଲା। ଦଶବର୍ଷ ଭିତରେ ଦେଶର ଅଧିକାଂଶ ଅନୁଷ୍ଠାନର ମୁଖ୍ୟ ସେମାନଙ୍କ ଭିତରୁ ହିଁ ରହିଲେ। ବୀରବାହାଦୂର ସିଂହ ପାଲଟି ଗଲେ ସେମାନଙ୍କର ମସୀହା - ଈଶ୍ୱର !

ସେମାନଙ୍କୁ ପକେଟ୍‌ରେ ରଖି ସାରିବାପରେ ବୀର ବାହାଦୂର ସିଂହଙ୍କ ଆଖି ପଡ଼ିଲା ତଥାକଥିତ ପଛୁଆ ଜାତିଙ୍କ ଉପରେ। ଦେଶର ପଚିଶତିରିଶ ଭାଗ ଭୋଟ ଦାତା ସେମାନେ। ସେମାନଙ୍କୁ କଳେବଳେ କୌଶଳେ ନିଜର କରିବାକୁ ହେବ। ବୀରବାହାଦୂର ସିଂହ ଉପାୟ ପାଇଥିଲେ। ଲୋକ ସଂଖ୍ୟା ଅନୁପାତରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଗଲା। ବିନା ସିଉରିଟିରେ ସେମାନଙ୍କୁ କୋଟି କୋଟି ଟଙ୍କା ଋଣ ଦେଇ ସେମାନଙ୍କୁ ବ୍ୟବସାୟ

Digitized by srujanika@gmail.com

କରିବା ପାଇଁ ପ୍ରୋତ୍ସାହନ ଦିଆଗଲା। ତଥା କଥିତ ପଛୁଆ ଜାତିର ଅନେକେ ପାଠଶାଠରେ ସିନା ସେମିତି ଆଗେଇ ନ ଥିଲେ, ହେଲେ ସେମାନେ ଆଗରୁ ଧନବାନ୍ ବ୍ୟବସାୟୀ ଥିଲେ। ସରକାରଙ୍କ ଏହି ପଛୁଆଜାତି ତୋଷଣ ନୀତିରେ ସେମାନଙ୍କର ପ୍ରଭୂତ ଉନ୍ନତି ହେଲା। ଅନ୍ୟ ଯୋଗ୍ୟ ବ୍ୟକ୍ତିମାନଙ୍କର ଈର୍ଷା ହେଲା। ଦେଶସାରା ଏହାର ବିରୋଧ ମଧ କରାଗଲା କିନ୍ତୁ ବୀରବାହାଦୂର ସିଂହ ତାହା ଦୃଢ଼ ହସ୍ତରେ ଦମନ କରିବାରେ ସମର୍ଥ ହେଲେ।

ତାପରେ ଆଖି ପଡ଼ିଲା ସଂଖ୍ୟା ଲଘୁ ସଂପ୍ରଦାୟ ଉପରେ। ଦେଶର ଲକ୍ଷ ଲକ୍ଷ ଶରଣାର୍ଥୀଙ୍କ ଲୁହଲହୁରେ ରଞ୍ଜିତ ବିଭାଜିତ ଭାରତ ବର୍ଷରେ ବାପୁଜୀ ଯଦି ଶରଣାର୍ଥୀ ସମସ୍ୟା ବିଚାର ନ କରି ସଂଖ୍ୟାଲଘୁମାନଙ୍କ ବିଷୟ ବିଚାରକୁ ନେଲେ, ସେମାନଙ୍କ ନିରାପତ୍ତା ପାଇଁ ଆମରଣ ଅନଶନ କରି ମହାତ୍ମା ବୋଲି ପରିଚିତ ହେଲେ, ସେ ଅବା ସେମାନଙ୍କୁ ଛାଡ଼ନ୍ତେ କିପରି ?

ସଂଖ୍ୟାଲଘୁମାନଙ୍କ ଧର୍ମାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନ ପାଇଁ ଅକାତରେ ବେହିସାବି ଭାବରେ ଜମିବଣ୍ଟନ କରାଗଲା ଏବଂ ସରକାରୀ ଅନୁଦାନ ଦିଆଗଲା। ବିଭିନ୍ନ ମଠ ଓ ମନ୍ଦିରର ଜମି ରଖିବାର କଟକଣା ପାଇଁ ଶିଲିଂ ଆଇନ ପ୍ରଣୟନ କରାଗଲା କିନ୍ତୁ ସଂଖ୍ୟାଲଘୁମାନଙ୍କ ପାଇଁ ଏ କଟକଣା ଲାଗୁ ହେଲାନାହିଁ। ବରଂ ନୂତନ ଶିଲିଂ ଅନୁସାରେ ମଠ ଓ ମନ୍ଦିରର ବଳକା ଜମି ସଂଖ୍ୟାଲଘୁମାନଙ୍କ ମଧରେ ବାଣ୍ଟି ଦିଆଗଲା। ସଂଖ୍ୟାଲଘୁମାନଙ୍କୁ ନିଜ ସଂଖ୍ୟା ବଢ଼ାଇବା ପାଇଁ ବହୁ ବିବାହର ସୁବିଧା ସୁଯୋଗ ସଙ୍ଗେ ସଙ୍ଗେ ଧର୍ମାନ୍ତରୀକରଣ ପାଇଁ ସୁବିଧା ସୁଯୋଗ ଦିଆଗଲା। ସଂଖ୍ୟାଲଘୁ କମିଶନକୁ ପାର୍ଲିଆମେଣ୍ଟରେ ସ୍ୱୀକୃତି ଦେଇ ତାକୁ ଅଖଣ୍ଡ କ୍ଷମତା ଦିଆଗଲା। ଦେଶର ଦେୱାନୀ ଓ ଫୌଜଦାରୀ ଆଇନ ସେମାନଙ୍କୁ ଲାଗୁ ହେଲା ନାହିଁ।

ବେହିସାବି ଭାବରେ ସେମାନଙ୍କ ପାଇଁ ଚାକିରୀ ସଂରକ୍ଷଣ କରାଗଲା। ଦେଶର ମୁଖ୍ୟ ନ୍ୟାୟାଧୀଶ ପଦବୀ ସେମାନଙ୍କ ପାଇଁ ସଂରକ୍ଷଣ କରାଯାଇ ଆଇନ ପ୍ରଣୟନ କରାଗଲା।

ବାକୀ ରହିଲା ସେନା ବାହିନୀ। ତିନୋଟି ସେନାବାହିନୀରୁ ଗୋଟିଏର ମୁଖ୍ୟପଦ ସଂଖ୍ୟାଲଘୁଙ୍କ ପାଇଁ ଆଉ ଗୋଟିଏ ପଦ ତଫସିଲ ଭୁକ୍ତ ଜାତି ଓ ଉପଜାତି ପାଇଁ ଏବଂ ତୃତୀୟଟି ପଛୁଆ ଜାତିଙ୍କ ପାଇଁ ସଂରକ୍ଷିତ ହେଲା। ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସେମାନଙ୍କୁ ପୋଲିଶ ବାହିନୀ, ଅର୍ଦ୍ଧ ସାମରୀକ ବାହିନୀ ଓ ସାମରିକ ବାହିନୀରେ ଭର୍ତ୍ତି କରାଗଲା।

ଏ ସବୁ ପଦକ୍ଷେପରେ ଦେଶର ଯାହା ଘଟୁନା କାହିଁକି, ବିଭିନ୍ନ ମହଲରେ ସିଂହ ଏବଂ ତାଙ୍କ ନାଗରିକ ଦଳର ଲୋକପ୍ରିୟତା ବଢ଼ିଲା। ପନ୍ଦର ବର୍ଷ ପର୍ଯ୍ୟନ୍ତ ଗଦିରେ ବସିଲେ ବୀରବାହାଦୂର ସିଂହ। ସେ ସମୟରେ ଦେଶରେ ଅନେକ ବିଶୃଙ୍ଖଳତା ଦେଖା ଦେଲା। ଅନଭିଜ୍ଞ ଇଞ୍ଜିନିୟରମାନଙ୍କ ଅବହେଳା ହେତୁ ଦେଶର ଅନେକ ବଡ଼ ବଡ଼

Digitized by srujanika@gmail.com

ଅଟ୍ଟାଳିକା ଭୁଷୁଡ଼ି ପଡ଼ିଲା। ଦୁଇ ଚାରିଟା ନବନିର୍ମିତ ଡ୍ୟାମ୍ ବି ଭୁଷୁଡ଼ି ପଡ଼ିଲା। ଲୋକଙ୍କ ଅସୁମାରୀ ଲୋକସାନ୍ ସିନା ହେଲା, କିନ୍ତୁ ପ୍ରଧାନ ମନ୍ତ୍ରୀ ତାଙ୍କ ବୈପ୍ଳବିକ ପଦକ୍ଷେପ ପାଇଁ ବିଭିନ୍ନ ଗୋଷ୍ଠୀ ପକ୍ଷରୁ ବାହାବା ପାଉଥିବାରୁ ତାଙ୍କୁ କେହି ଖୋଲା ଖୋଲି ଦୋଷାରୋପ କରିପାରିଲେ ନାହିଁ। ଯେଉଁମାନେ ବା ଦୋଷାରୋପ କଲେ, ସେମାନଙ୍କୁ 'ଏ ସ୍ମଲ୍ ମାଇନରିଟି' ବୋଲି ସରକାର ଅବଜ୍ଞା କଲେ। ତାଙ୍କ ଦଳର ଗୁଣ୍ଡାମାନେ ସେମାନଙ୍କୁ ହଇରାଣ ହରକତ ବି କଲେ।

ସବୁଠୁ ବେଶି ହାସ୍ୟସ୍ପଦ ହେଲା ସରକାରୀ ହସ୍ପିଟାଲ୍ ମାନଙ୍କ ଅବସ୍ଥା। ଅନଭିଜ୍ଞ ଓ ଅଯୋଗ୍ୟ ଡାକ୍ତରମାନେ ଶୀର୍ଷସ୍ଥାନରେ ରହିବାରୁ ରୋଗୀମାନେ ସରକାରୀ ହାସପାତାଲ୍‌କୁ ଯିବା ପାଇଁ ଭୟ କଲେ। ବିଭିନ୍ନ ପ୍ରାଇଭେଟ୍ କ୍ଲିନକ୍ ଓ ନର୍ସିଂ ହୋମ୍‌ରେ ଥିବା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେବା ପାଇଁ ରୋଗୀମାନେ ପସନ୍ଦ କଲେ। ଏପରିକି ମନ୍ତ୍ରୀ ଓ ନେତାମାନେ. ଡ଼ରିଲେ ସେମାନଙ୍କ ଅନୁକମ୍ପାରେ ଚାକିରୀ ପାଇଥିବା ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେବା ପାଇଁ। ସେମାନେ ବି ଲାଇନ୍ ବାନ୍ଧିଲେ ପ୍ରାଇଭେଟ କ୍ଲିନିକ୍‌ରେ।

ଦେଶରେ ସରକାରୀ ହାସ୍‌ପାତାଲ୍‌ରେ ସିନା ଭଲ ଚିକିତ୍ସା ହେଲା ନାହିଁ, କିନ୍ତୁ ମୋଟା ମୋଟି ଭାବରେ ଦେଶରେ ଡ଼ାକ୍ତରୀ ଚିକିତ୍ସାର ମାନ ଯଥେଷ୍ଟ ବୃଦ୍ଧି ପାଇଥିଲା ପ୍ରାଇଭେଟ ହାସ୍‌ପାତାଲ୍ ମାନଙ୍କରେ। ତେଣୁ ଡାକ୍ତରଙ୍କ ବିଦ୍ୟାକୁ ଘରୋଇ ବ୍ୟବସାୟରେ ପରିଣତ କରି ପାରିଛନ୍ତି ବୋଲି ସିଂହ ସରକାର ବାହାଦୁରୀ ମଧ ନେଲେ।

ସରକାରୀ ବେଙ୍କ ଏକାଉଣ୍ଟ ଗୁଡ଼ିକ ଗଡ଼ ବଡ଼ ହୋଇଗଲା। ସରକାରୀ ବେଙ୍କ ପରିଚାଳନା ନ୍ୟୁନ ସ୍ତରକୁ ଚାଲିଆସିଲା। ସେଥି ପାଇଁ ସିଂହ ସରକାରଙ୍କ ଅର୍ଥ ମନ୍ତ୍ରୀ ଖୋଲା ହାତରେ ଘରୋଇ ବେଙ୍କ ଖୋଲିବାର ଅନୁମତି ଦେଲେ। ଏପରିକି ସରକାରୀ ପଇସା ମଧ ଘରୋଇ ବେଙ୍କ ମାନଙ୍କରେ ଜମାହେଲା କାରଣ ଏହି ବେଙ୍କ ମାନଙ୍କରେ ଉପଯୁକ୍ତ ପ୍ରତିଯୋଗୀତା ଜରିଆରେ ଯୋଗ୍ୟ ବ୍ୟକ୍ତିମାନେ ନିଯୁକ୍ତି ପାଇଥିବାରୁ ବେଙ୍କ କାମ ଅତି ଦକ୍ଷତାର ସହିତ ଚାଲୁଥିଲା।

ଦେଶସାରା ସରକାରୀ ଅନୁଷ୍ଠାନ ମାନଙ୍କ ସହିତ ଘରୋଇ ଅନୁଷ୍ଠାନମାନ ସମାନ୍ତରାଳ ଭାବରେ ଚାଲିଲା। ଘରୋଇ ପ୍ରତିଷ୍ଠାନ ଗୁଡ଼ିକ ଚାଲିଥିଲା ସୁପରଫାଷ୍ଟ ଏକ୍ସପ୍ରେସ୍ ଭଳିଆ ତ ସରକାରୀ ଅନୁଷ୍ଠାନ ଗୁଡ଼ିକ ହେଇଥିଲା ଚଲ୍‌ତି କା ନାମ୍ ଗାଡ଼ି। ବିଭିନ୍ନ ଗୋଷ୍ଠୀର ବିଶ୍ୱାସ ଭାଜନ ହେଇଥିବା ହେତୁ, ଏ ସବୁ ସତ୍ତ୍ୱେ ସିଂହ ସରକାର ତିଷ୍ଠି ରହିଲା।

ଏମିତି ବିତିଗଲା ପନ୍ଦର ବର୍ଷ। ବୀର ବାହାଦୁର ସିଂହ ତିନିଥର ସରକାର ଗଠନ କରି ପୁରା ଅବଧି କ୍ଷମତାରେ ରହିଲେ।

ବୀରବାହାଦୁର ନିଜ ଆସ୍ଥାନ ସୁଦୃଢ଼ କରି ବସିଲା ବେଳକୁ, ଦେଶର ଆର୍ଥିକ ଦୁରବସ୍ଥା ବିଷୟ ସୂଚନା ଦେଇ ବିରୋଧୀଦଳ ଯୁବସମ୍ପ୍ରଦାୟକୁ ହାତର କରିନେଲେ। ତେଣୁ ଚତୁର୍ଥ ଥର କ୍ଷମତାକୁ ଆସିବା ପାଇଁ ବୀରବାହାଦୁରଙ୍କୁ କାଠିକର ପାଠ ହୋଇ ପଡ଼ିଲା।

ବୀରବାହାଦୁର ଦେଶର ଅଗଣିତ ଯୁବସମାଜକୁ ନିଜ ତରଫକୁ ଆଣିବା ପାଇଁ

Digitized by srujanika@gmail.com

ଉପାୟ ପାଞ୍ଚିଲେ। ସ୍କୁଲ କଲେଜ ମାନଙ୍କରେ ଅକୃତ କାର୍ଯ୍ୟ ହେଉଥିବା ଏବଂ କପି କରି ପରୀକ୍ଷାରୁ ବଞ୍ଚିତ ହେଉଥିବା ଲକ୍ଷ ଲକ୍ଷ କିଶୋର ଓ ଯୁବକଙ୍କ ମନ ଛୁଇଁଲା ଭଳିଆ ଯୋଜନା ତିଆରି କଲେ। ସେ ଥର କ୍ଷମତାକୁ ଆସିଲେ ପରୀକ୍ଷାରେ କପି କରିବା ଏକ ମୌଳିକ ଅଧିକାର କରି ଦେବେ ବୋଲି ପ୍ରତିଶ୍ରୁତି ଦେଇ ବିରୋଧୀଦଳମାନଙ୍କୁ ଭେଳିକି ଦେଖେଇ ଦେଲେ। ସ୍କୁଲ କଲେଜ ପିଲାଙ୍କୁ ପରିଚୟ ପତ୍ର ଦେଖେଇଲେ ସୁଲଭ ମୂଲ୍ୟରେ ମଦ, ଅଫିମ ଓ ଗଞ୍ଜେଇ ତଥା ହେରୋଇନ୍ ଓ ଚରସ୍ ମିଳିବାର ସୁବ୍ୟବସ୍ଥା କରିବା ପାଇଁ ମଧ ଘୋଷଣା କଲେ।

ଦେଖୁଁ ଦେଖୁଁ ବିରୋଧୀପକ୍ଷରୁ ଗୋଟିଏ ଗୋଟିଏ ହୋଇ ସମସ୍ତ କିଶୋର କିଶୋରୀ ଓ ଯୁବକ ଯୁବତୀ ଡେଇଁ ପଡ଼ିଲେ ବୀରବାହାଦୁର ଙ୍କ ପକ୍ଷକୁ।

ଅଶୀବର୍ଷ ବୟସରେ ଚତୁର୍ଥ ଥର ପାଇଁ ବୀରବାହାଦୁର ସିଂହ ଦେଶର ପ୍ରଧାନ ମନ୍ତ୍ରୀ ହେଲେ।

ସେହି ପାଞ୍ଚ ବର୍ଷରେ ଦେଶସାରା ଗଦାଗଦା ନକଲି ଇଂଜିନିୟର ଓ ଡାକ୍ତର ବାହାରିଲେ। ସବୁ ସରକାରୀ ସଂସ୍ଥାରେ ସେମାନଙ୍କୁ ଚାକିରୀ ମିଳିଲା। କେବଳ ବେସରକାରୀ ଅନୁଷ୍ଠାନ ମାନଙ୍କରୁ ବାହାରି ଥିବା ଡାକ୍ତର ଓ ଇଞ୍ଜିନିୟର ଯୋଗ୍ୟ ହୋଇ ବେସରକାରୀ ଅନୁଷ୍ଠାନ ମାନଙ୍କରେ ନିଯୁକ୍ତି ପାଇଲେ ଏବଂ ସେମାନଙ୍କ ଉପରେ ଦେଶସାରା ସମସ୍ତେ ନିର୍ଭର କଲେ।

ତା ସାଙ୍ଗକୁ ପୋଲିଶ ଓ ସୈନ୍ୟ ବାହିନୀରେ ଯୋଗ୍ୟ-ଅଯୋଗ୍ୟ ବିଚାର ନ କରି ବିଚିତ୍ର ସଂରକ୍ଷଣ ନୀତି ଅନୁସାରେ ଚାକିରୀ ଦିଆଯିବାରୁ ପୋଲିସ ଓ ସୈନ୍ୟ ବାହିନୀ ଉପରୁ ଲୋକଙ୍କ ଆସ୍ଥା ତୁଟିଗଲା। ପ୍ରାଇଭେଟ୍ ପୋଲିଶ ଓ ସୈନ୍ୟ ବାହିନୀ ଗଠନ କରିବା ପାଇଁ ବୀରବାହାଦୁର ସେହି କ୍ଷଣି ବିଲ୍ ପାଶ କରି ଅନୁମତି ଦେଲେ।

ଯେଉଁମାନେ ଯୋଗ୍ୟ ଅଥଚ ଦେଶର ପ୍ରଚଳିତ ପ୍ରଥା ଅନୁସାରେ ଅବହେଳିତ, ଏହାର ସୁଯୋଗ ନେଇ ଗୋଟିଏ ଟାଣୁଆ ସୈନ୍ୟବାହୀନର ଗଠନ କଲେ।

ସରକାରୀ ପୋଲିଶ ଏବଂ ସୈନ୍ୟ ବାହିନୀର ବିଭିନ୍ନ ଦଳ ମଧରେ ଦଙ୍ଗା ହୋଇ ସେମାନଙ୍କ ନୈତିକ ବଳ କମିଗଲା।

ଦେଶସାରା ଦୁର୍ନୀତି ଛାଇଗଲା।

ବିଭିନ୍ନ ଗୋଷ୍ଠୀର ଲୋକଙ୍କୁ ସନ୍ତୁଷ୍ଟ କରିବା ପାଇଁ ଦେଶକୁ ଶତାଧିକ ଛୋଟ ଛୋଟ ପ୍ରଦେଶରେ ବିଭକ୍ତ କରି ବୀରବାହାଦୁର ପୁଣି ଏକ ନୂଆ ରାଜନୈତିକ ଚାଲ୍ ଚାଳିଲେ। ପ୍ରଦେଶମାନଙ୍କୁ ଅନେକ ସ୍ୱାଧୀନତା ମଧ ଦିଆଗଲା। ମଧଯୁଗୀୟ ଭାରତ ଭଳିଆ ଛୋଟ ଛୋଟ ପ୍ରଦେଶ ମାନଙ୍କ ମଧରେ ସବୁବେଳେ ସଂଘର୍ଷ ଲାଗିଲା। ସବଳ ପ୍ରଦେଶ ଗୁଡ଼ିକ ଦୁର୍ବଳ ପ୍ରଦେଶମାନଙ୍କର ଇଲାକା ଜବରଦସ୍ତ ଅଧିକାର କଲେ। ଦେଶସାରା ଗୁଣ୍ଡାରାଜ ଚାଲିଲା। ଚାରିଆଡ଼େ ଅନାଚାର, ଅତ୍ୟାଚାର, ବ୍ୟଭିଚାର ଦେଖାଗଲା। ଆତଙ୍କ ବାଦରେ ଲୋକେ ଅତିଷ୍ଠ ହୋଇଗଲେ।

Digitized by srujanika@gmail.com

ସେତେବେଳେ ପଞ୍ଚାଅଶୀ ବର୍ଷ ବୟସ୍କ ବୀରବାହାଦୁର ସିଂହ ପଞ୍ଚମ ଥର ପାଇଁ ପ୍ରଧାନ ମନ୍ତ୍ରୀ ହେବା ଆଶାରେ ଲୋକଙ୍କ ଆଗରେ ପ୍ରତିଶ୍ରୁତି ଦେଲେ ଯେ ସେ ଯଦି ପଞ୍ଚମ ଥର ପାଇଁ ପ୍ରଧାନ ମନ୍ତ୍ରୀ ହୁଅନ୍ତି, ଗତ ଦୁଇ ଦଶନ୍ଧିର ଭୁଲ୍‌କୁ ସେ ସୁଧାରିଦେବେ। ତା ସାଙ୍ଗେ ସାଙ୍ଗେ ଚାଲିଲା ଜାଲିଆତି, ବୁଥ୍ ଜବର ଦଖଲ ଆଉ ହିଂସା କାଣ୍ଡ।

ଏଥର ବି ସିଂହ ସାହେବ ପ୍ରଧାନ ମନ୍ତ୍ରୀ ହେଲେ ପଞ୍ଚମଥର ପାଇଁ।

ଦେଶର ପତନୋନ୍ମୁଖ ଶାସନ ପ୍ରଣାଳୀ ଦେଶବ୍ୟାପୀ ଅନ୍ୟାୟ ଅତ୍ୟାଚାରର ତାଣ୍ଡବ ଲୀଳାକୁ ଦମନ କରି ପାରିଲା ନାହିଁ। ବିଦେଶୀ ସଂସ୍ଥା ଗୁଡ଼ିକ ବିଭିନ୍ନ ସ୍ତରରେ ଦେଶର ବିଭିନ୍ନ ସ୍ଥାନକୁ କବଳିତ କଲେ।

ଲୋକଙ୍କୁ ଠକି ଭଣ୍ଡି ରେକର୍ଡ଼ ସୃଷ୍ଟି କରି ପ୍ରଧାନ ମନ୍ତ୍ରୀ ହୋଇଥିବା ବୀରବାହାଦୁର ସିଂହଙ୍କ କିନ୍ତୁ କିଛି ଅନୁଶୋଚନା ହେଲା ନାହିଁ। ଯେତେବେଳେ ପର୍ଯ୍ୟନ୍ତ ସେ ଦେଶର ମୁଖ୍ୟ ଶାସକ, ଦେଶର ସ୍ୱାର୍ଥ ତାଙ୍କ ପାଇଁ ଅତି ମାମୁଲି କଥା। ରୋମ ପ୍ରଜ୍ୱଳିତ ହେଉଥିବା ବେଳେ ରୋମ୍‌ର ସମ୍ରାଟ୍ ନିରୋ ଯେପରି ବାଦ୍ୟଯନ୍ତ୍ର ବାଦନ କରୁଥିଲେ ଦେଶସାରା ଅରାଜକତା ହୋଇଥିବା ସମୟରେ ବୀରବାହାଦୁର ସିଂହ ତାଙ୍କର ସରକାରୀ ବାସଭବନର ଏଆର୍ କଣ୍ଡିସନ୍ ରୁମ୍‌ରେ ବିଳାସ ବ୍ୟସନରେ ବ୍ୟସ୍ତ ଥିଲେ।

ନବେ ବର୍ଷ ବୟସରେ ପ୍ରଧାନ ମନ୍ତ୍ରୀ ଆସନରେ ଅଧିଷ୍ଠିତ ଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଲା। ରାଷ୍ଟ୍ରୀୟ ସମ୍ମାନ ଅନୁସାରେ ଯମୁନା ନଦୀ କୂଳରେ ରାଜଘାଟ ନିକଟରେ ତାଙ୍କୁ ସମାଧି ଦିଆଗଲା।

ସେ ଯେଉଁ ବିଷ ବୃକ୍ଷ ରୋପଣ କରିଥିଲେ ତାଙ୍କର ପଚିଶ ବର୍ଷର ପ୍ରଧାନ ମନ୍ତ୍ରୀତ୍ୱରେ, ତାର ପରିଣାମ ସଦୃଶ ଦେଶସାରା ଅରାଜକତା ଖେଳିଗଲା। ଅନେକ ଛୋଟବଡ଼ ପ୍ରଦେଶ ସ୍ୱାଧୀନତା ଘୋଷଣା କରି ସ୍ୱତନ୍ତ୍ର ମଧ ହୋଇଗଲା।

ଏସବୁ ଦେଖିବାକୁ ଆଉ ବୀରବାହାଦୁର ସିଂହ ନ ଥିଲେ। ଭାରତ ବୋଲାଉ ଥିବା ଗଙ୍ଗା କୂଳସ୍ଥ ପୁରାତନ ପାଟଳିପୁତ୍ର ନାମକ ଏକ ଚୋଟ ଭୂଖଣ୍ଡରେ ତାଙ୍କ ଜନ୍ମ ଶତବାର୍ଷିକୀ ପାଳନ କରିବା ପାଇଁ ଲୋକଙ୍କ ଠାରୁ ଜୋର୍ ଜବରଦସ୍ତି ଜୁଲୁମ୍ କରି ଚାନ୍ଦା ସଂଗ୍ରହ ପୂର୍ବକ ବାଣ ରୋଷଣୀର ବ୍ୟବସ୍ଥା କରି ଥିଲେ ତାଙ୍କର ଅନୁଗାମୀ ନାଗରିକ ଦଳର ସଦସ୍ୟ ବୃନ୍ଦ। ସେହି ଉତ୍ସବକୁ ଅବିସ୍ମରଣୀୟ କରିବା ପାଇଁ ଲାଗିପଡ଼ିଥିଲେ ସେମାନେ।

ସେତେବେଳେ ଖଣ୍ଡ ବିଖଣ୍ଡିତ ଭାରତ ଭୂଖଣ୍ଡରେ "ଅଖଣ୍ଡ ଭାରତ" ନାମକ ଦଳର ବଳିଷ୍ଠ ସୈନିକମାନେ ପୁଣି ଥରେ ଦେଖୁ ଥିଲେ ଅଖଣ୍ଡ ଭାରତ ଫେରାଇ ଆଣିବାର ସ୍ୱପ୍ନ। ଦେଶର ସବୁ ଅଞ୍ଚଳରୁ କେବଳ ବୀରବାହାଦୁର ସିଂହ ନୁହେଁ ତାଙ୍କ ଭଳିଆ ଅନେକ ଦେଶର ଶତ୍ରୁଙ୍କ ସ୍ମୃତିକୁ ବିଲୋପ କରି "ଗୋଟିଏ ଦେଶ, ଗୋଟିଏ ଆଇନ୍"ର ସ୍ଲୋଗାନ୍ ଦେଇ ସେମାନେ ଆଉ ଥରେ ନିନାଦିତ କରୁଥିଲେ କାଶ୍ମୀରରୁ କୁମାରୀକା ପର୍ଯ୍ୟନ୍ତ ଭୂଖଣ୍ଡର ଗଗନ ପବନ।

Digitized by srujanika@gmail.com

ବାହାରର ବିଦେଶୀ ଶତ୍ରୁ ଆଉ ଦେଶ ଭିତରର ଅସଂଖ୍ୟ ମିର୍‌ଜାଫର୍ — ଏ ସମସ୍ତଙ୍କୁ ଜୟ କରି କଣ ଏହି ଦେଶ ପ୍ରେମୀ ମାନେ କ୍ରନ୍ଦନରତ ଭାରତ ମାତାର ଓଠରେ ହସର ଲହରୀ ଫେରାଇ ପାରିବେ ? 'ପଞ୍ଜାବସିନ୍ଧୁ - ଗୁଜରାଟ - ମରାଠା - ଦ୍ରାଭିଡ଼ - ଉତ୍କଳ - ବଙ୍ଗର ମିଳନ କଣ ପୁଣି ସମ୍ଭବ ହୋଇ ପାରିବ ? ନା ବୀରବାହାଦୁର ସିଂହ ସୃଷ୍ଟି କରିଥିବା ଅସଂଖ୍ୟ ମିର୍‌ଜାଫର୍ ଦୁର୍ଗର ସ୍ୱାଧୀନତାକୁ ଟେକି ଦେବେ ବିଦେଶୀ ହାତରେ ?

ଧୀରେ ଧୀରେ ପୂର୍ବ ଦିଗରେ ଉଙ୍କି ଆସୁଥିଲା ନୂତନ ସୂର୍ଯ୍ୟ । ଏକ ଅପୂର୍ବ ପୁଲକରେ ଦେଶପ୍ରେମୀ ନାଗରିକ ଗଣ ଏକ ଜୁଟ ହୋଇ ଥିଲେ ଧ୍ୱସ୍ତ ବିଧ୍ୱସ୍ତ ଦୁର୍ଗକୁ ରକ୍ଷା କରିବା ପାଇଁ ।

ରକ୍ଷା କରି ପାରବେ ତ ?

*

ଲେଖକଙ୍କ ଏଯାବତ୍ ରଚିତ ପୁସ୍ତକ

ଗଳ୍ପ ସଂକଳନ

ଆହତ କପୋତ (ସାମାଜିକ)
କଂସ ଓ କୃଷ୍ଣ (ସାମାଜିକ)
ପଳାତକ ଓ ଅନ୍ୟମାନେ (ବୈଜ୍ଞାନିକ)
ଏବଂ ଆଶ୍ଚର୍ଯ୍ୟ ନଗର (ବୈଜ୍ଞାନିକ)
ଫେରାଇଦିଅ ମୋର ଅଖଣ୍ଡ ଭାରତ (ଜାତୀୟ ସଂହତି ମୂଳକ)
ଚାଣକ୍ୟର ଶପଥ (ଜାତୀୟ ଚେତନା ମୂଳକ)
କୃଷ୍ଣଙ୍କ ଅନ୍ୟନାମ ଆଲ୍ଲା (ଜାତୀୟ ସଂହତି ମୂଳକ)
କାମଧେନୁର ଲୁହ (ପରିବେଶ ବିଜ୍ଞାନ ସଂପର୍କୀୟ)
ବିବସ୍ତ୍ର ଭାନୁମତୀ (ପରିବେଶ ବିଜ୍ଞାନ ସଂପର୍କୀୟ)

ଉପନ୍ୟାସ

ବିଜ୍ଞାନର ଛନ୍ଦ (ଆପେକ୍ଷିକ ତଥ୍ୟ ସମ୍ବଳିତ)
ସୁକନ୍ୟା (ଜାତୀୟ ଚେତନା ମୂଳକ)
ଅଭିଯାନର ପରାଜୟ
ପରାଜିତ ଭଗବାନ
ଦୁଇ ବାନ୍ଧବୀ

କବିତା

ଅଳସ ମୁହୂର୍ତ୍ତର କବିତା
ଗୋଲାପ ବଗିଚାର କ୍ରନ୍ଦନ ଓ ଅନ୍ୟାନ୍ୟ କବିତା

Digitized by srujanika@gmail.com

ନାଟକ

ଶାନ୍ତି ସଂଗ୍ରାମ
ଆହୁତି
ଜୟୀ ରାଜଗୁରୁ
ସାଲବେଗ
ନିଶବ୍ଦ କୋଳାହଳ
ମୀରଜାଫର ଜିନ୍ଦାବାଦ
କୁଳଶ୍ରେଷ୍ଠ (ପୁଣ୍ୟାତ୍ମା ଗୋପବନ୍ଧୁଙ୍କ ଉପରେ ଆଧାରିତ)

ଅନ୍ୟାନ୍ୟ

ବିଜ୍ଞାନର ଗୌରବ (ବୈଜ୍ଞାନିକ ପ୍ରବନ୍ଧ)
ମାଡାମ କ୍ୟୁରୀ (ଜୀବନୀ)
ଅଲିଭା ଶିଖା (ଜୀବନୀ: ପ୍ରାଣନାଥ ପଟ୍ଟନାୟକ)
ଗୁପ୍ତ ସୂର୍ଯ୍ୟ (ଜୀବନୀ : ଦୟାନିଧି ମିଶ୍ର)
ଭକ୍ତକବି ସାଲବେଗ : ଏକ ଅଧ୍ୟୟନ
ବିଜ୍ଞାନ-ପ୍ରଦୀପ
ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଅଭ୍ୟୁତ୍ଥାନ ଓ ଅନ୍ୟାନ୍ୟ ପ୍ରବନ୍ଧ
ପ୍ରବନ୍ଧ ଓ ପ୍ରବନ୍ଧ

❑❑❑

Digitized by srujanika@gmail.com